

ମାଡ୍ରିଡ୍ ଓପନ୍ ଜିତିଲେ ମାର୍ଟା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-305 ◆MONDAY ◆04 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦୫ ◆ସୋମବାର ◆୦୪ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ୫ ମୁଖ୍ୟମନ୍ତ୍ରୀଙ୍କ ଭାଗ୍ୟ ପରୀକ୍ଷା: ୮୨୩ ଆସନରେ ଗଣତି ଆଜି

# ବଙ୍ଗ ଉପରେ ଦେଶର ନଜର

■ ନୂଆଦିଲ୍ଲୀ, ୩।୫ (ଏଜେନ୍ସି): ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ଆସାମ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନର ଫଳାଫଳ ଆସନ୍ତାକାଲି (ମଇ ୪ ତାରିଖ) ପ୍ରକାଶ ପାଇବ। ମୋଟ ୮୨୩ଟି ଆସନ ପାଇଁ ଭୋଟ୍ ଗଣତି ସକାଳ ୮ଟାରୁ ଆରମ୍ଭ ହେବ। ଏହି ନିର୍ବାଚନ ଫଳାଫଳ ଦେଶର ରାଜନୈତିକ ଭବିଷ୍ୟତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଆସନ୍ତାକାଲି ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ। ମଧ୍ୟାହ୍ନ ସୁଦ୍ଧା ଅଧିକାଂଶ ଆସନରେ ଜୟ-ପରାଜୟର ଚିତ୍ର ସ୍ପଷ୍ଟ ହୋଇଯିବ। ଏହି ନିର୍ବାଚନ ଫଳାଫଳ କେବଳ ରାଜ୍ୟ ସରକାର ଗଠନ କରିବ ନାହିଁ, ବରଂ ଆଗାମୀ ଦିନରେ ଭାରତର ଆଞ୍ଚଳିକ ଏବଂ ଜାତୀୟ ରାଜନୀତିର ଦିଶା ମଧ୍ୟ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି।

ଏହି ୫ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରୁ ସାରା ଦେଶର ନଜର ରହିଛି



ପଶ୍ଚିମବଙ୍ଗ ଉପରେ। ରାଜ୍ୟର ୨୯୪ ଆସନ ମଧ୍ୟରୁ ୨୯୩ଟି ଆସନ ପାଇଁ ଭୋଟ ଗଣତି ହେବ। ଦୁଇଟି ପର୍ଯ୍ୟାୟରେ ୨୯୪ ଆସନରେ ମତଦାନ ହୋଇଥିଲେ ମଧ୍ୟ ସମଗ୍ର ଫାଲଟା ନିର୍ବାଚନମଣ୍ଡଳୀରେ ଆସନ୍ତା ୨୧ ତାରିଖରେ ସାନି ମତଦାନ କରିବାକୁ ନିର୍ବାଚନ କମିସନ ନି।।ର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ମମତାଙ୍କ ତୃଣମୂଳ କଂଗ୍ରେସ ଏବଂ ବିଜେପି ମଧ୍ୟରେ କଡ଼ା ଟକ୍କର ରହିଛି। କ୍ଷମତା ଦଖଲ ପାଇଁ ଦୁଇ ଦଳ ସେମାନଙ୍କର ସମସ୍ତ ଶକ୍ତି ଖଟାଇଛନ୍ତି।

କେତେକ ସର୍ଭେ ଅନୁଯାୟୀ ଏଠାରେ 'ଝୁଲା ବିଧାନସଭା' ହୋଇପାରେ। ଅଧିକାଂଶ ଏକଜିଟ୍ ପୋଲ୍ ଅନୁଯାୟୀ, ପଶ୍ଚିମବଙ୍ଗରେ ବିଜେପି ବହୁମତ ହାସଲ କରି ସରକାର ଗଠନ କରିବ ବୋଲି କୁହାଯାଇଛି। କିନ୍ତୁ ଦୁଇଟି ସଂସ୍ଥା ଆକଳନ କରିଛନ୍ତି ଯେ ମମତାଙ୍କ ପାର୍ଟି ୨୦୦ରୁ ଅଧିକ ଆସନ ସହ କ୍ଷମତା ବଜାୟ ରଖିବ। ସେହିପରି ତାମିଲନାଡୁରେ ଡିଏମକେ ମେଣ୍ଟ ଏବଂ ଏଆଇଏଡିଏମକେ-ବିଜେପି ମେଣ୍ଟ ମଧ୍ୟରେ ଲଢେଇ ହେଉଥିବା ବେଳେ ଅଭିନେତା ବିଜୟଙ୍କ ନୂତନ ଦଳ 'ତାମିଲଗା ଭେଟ୍ରି କାଝାଗମ୍' (ଟିଭିକେ) ମଧ୍ୟ ଚମତ୍କାର ପ୍ରଦର୍ଶନ କରିପାରେ ବୋଲି କୁହାଯାଉଛି। ଅନ୍ୟପଟେ ଆସାମ (୧୨୬ ଆସନ)ରେ ବିଜେପି ପୁନର୍ବାର ସତ୍ତାକୁ ଫେରିବାର ସମ୍ଭାବନା ଥିବା ବେଳେ କେରଳରେ ଏଲଡିଏଫ୍ ଏବଂ ୟୁଡିଏଫ୍ ମଧ୍ୟରେ ଟକ୍କର ହୋଇଛି। ତେବେ କଂଗ୍ରେସ ନେତୃତ୍ୱାଧିନ ୟୁଡିଏଫ୍ ମେଣ୍ଟ ଶାସନକୁ ଫେରିବ ବୋଲି ଅନୁମାନ କରାଯାଉଛି।

ନିର୍ବାଚନ କମିସନଙ୍କ ପକ୍ଷରୁ ଗଣତି କେନ୍ଦ୍ରଗୁଡ଼ିକରେ ତ୍ରିସ୍ତରୀୟ ସୁରକ୍ଷା ▶ପୃଷ୍ଠା-୭

# ନବୀନଙ୍କ ପ୍ରଶ୍ନ: ଓଡ଼ିଶାରେ ଆଇନର ଶାସନ ଅଛି ତ?

■ ଭୁବନେଶ୍ୱର, ୩।୫ (ସମିସ): ପୁରୀ ଜିଲ୍ଲା କଣାସରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହୋଇଥିବା ମରଣାନ୍ତକ ଆକ୍ରମଣକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଦିନଦ୍ୱିପହରରେ ସର୍ବସମ୍ମୁଖରେ ଦୁର୍ବୃତ୍ତମାନେ ସଂଘବଦ୍ଧ ହୋଇ ଜଣେ ଯୁବକଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ମରଣାନ୍ତକ ଆକ୍ରମଣ କରୁଥିବାର ଦୃଶ୍ୟ ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ ଓ ଭୟଭୀତ କରିଦେଇଛି। ଆଇନଶୃଙ୍ଖଳା ଆଉ କେତେ ବିପର୍ଯ୍ୟସ୍ତ ହେଲେ ସରକାରଙ୍କ ନିଦ ଭାଙ୍ଗିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି।



**କଣାସରେ ଯୁବକଙ୍କୁ ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣ**

**ମରଣାନ୍ତକ ଆକ୍ରମଣର ଦୃଶ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ ଓ ଭୟଭୀତ କରିଦେଇଛି**

ଏକ୍ସରେ ଏନେଇ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ପୁରୀ ଜିଲ୍ଲା କଣାସରେ ଘଟିଥିବା ଘଟଣା ସ୍ପଷ୍ଟ ଦର୍ଶାଉଛି ।।ଯେ ଓଡ଼ିଶାରେ ଅରାଜକତା ସୀମା ଟପୁଛି, ବିଜେପି ସରକାର ଓଡ଼ିଶାକୁ କେଉଁଆଡ଼କୁ ନେଉଛି? ରାଜରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବା ପରେ ଖୋଲା ଖୋଲି ଗାଡ଼ି ଚଢାଇ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଘଟଣା ଅତ୍ୟନ୍ତ ସ୍ୱର୍ଶକାତର ଓ ହୃଦୟ ବିଦାରକ। ଓଡ଼ିଶାରେ ଆଇନକାନୁନର ଶାସନ ଅଛି ତ ବୋଲି ନବୀନ ପ୍ରଶ୍ନ କରିଛନ୍ତି। ବିଜେପି ସରକାରର ସ୍ଥାଣୁତା ଓ ଅପାରଗତା ପାଇଁ ଅପରାଧୀମାନେ ଭୟ ଶୂନ୍ୟ ହୋଇ ବୁଲୁଛନ୍ତି। ସାଧାରଣ ଜନତା ଆତଙ୍କିତ ଓ ଭୟଭୀତ ହୋଇ ପଡ଼ିଛନ୍ତି। ଲୋକଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଯେ। ଓଡ଼ିଶାର ଶାସନ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ତୁଟିବାକୁ ବସିଲାଣି ବୋଲି ନବୀନ ଉଲ୍ଲେଖ କରିଛନ୍ତି।



# ଓମ୍‌ଫେଡ୍ କ୍ଷୀର ବଢ଼ିଲା ୪ ଟଙ୍କା

■ ଭୁବନେଶ୍ୱର, ୩।୫ (ସମିସ): ରାଜ୍ୟର ସବୁଠାରୁ ବଡ଼ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥା ଓମ୍‌ଫେଡ୍ ଦୁଗ୍ଧ ଲିଟର ପିଛା ୪ଟଙ୍କା ବୃଦ୍ଧି କରିଛି। ଆସନ୍ତା ୪ ତାରିଖରୁ ଏହି ବର୍ଦ୍ଧିତ ଦର ଲାଗୁ ହେବ। ଏହି ବର୍ଦ୍ଧିତ ଦର ଖାଉଟିଙ୍କ ଉପରେ ଗୁରୁତର ପ୍ରଭାବ ପକାଇବ ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି। ତେବେ ଓମ୍‌ଫେଡ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତି ଯୋଗୁଁ ଦୁଗ୍ଧ ଉତ୍ପାଦନ ମହଙ୍ଗା ହୋଇଛି। ପ୍ୟାକେଜିଂ ପାଇଁ ଆବଶ୍ୟକ ଉପାଦାନର ଅହେତୁକ ମୂଲ୍ୟ ବୃଦ୍ଧି ପାଇଛି। ଏହା ସହିତ ପ୍ରୋସେସିଂ ପାଇଁ ଆବଶ୍ୟକ ଇନ୍ଧନ ମୂଲ୍ୟରେ ମଧ୍ୟ ବୃଦ୍ଧି ପାଇଛି। ଏହାବ୍ୟତୀତ ଆବଶ୍ୟକତା ଏବଂ ଦୁଗ୍ଧ ଚାଷୀଙ୍କ ହିତକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଓମ୍‌ଫେଡ୍‌ର ଟୋନ୍‌ଡ ମିଲ୍କ ୫୦୦ଗ୍ରାମ୍ ପ୍ୟାକେଟ୍ ପିଛା ପୂର୍ବରୁ ୨୫.୮୫ ଟଙ୍କା ରହିଥିଲା। ବର୍ଦ୍ଧିତ ଦର ଅନୁଯାୟୀ ଖାଉଟିଙ୍କୁ ଏବେ ୨୭ ଟଙ୍କା ଦେବାକୁ ପଡ଼ିବ। ସେହିପରି ପୂର୍ବରୁ ଟୋନ୍‌ଡ ମିଲ୍କ ଏକ ଲିଟର ୫୧ ଟଙ୍କା ରହିଥିଲା ବେଳେ ଏବେ ୫୪ ଟଙ୍କା ହୋଇଯିବ। ସେହିପରି ପ୍ରିମିୟମ୍ ଦୁଗ୍ଧ ୫୦୦ ଗ୍ରାମ୍ ପ୍ୟାକେଟ୍ ପିଛା ୨୭.୧୦ ରହିଥିଲା ଏବେ ୨୯ ଟଙ୍କା ହୋଇଯିବ। ଏହା ଲିଟରେ ପିଛା ପୂର୍ବରୁ ୫୪ ଟଙ୍କା ରହିଥିଲା ବେଳେ ଏବେ ୫୮ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଗୋଲ୍‌ଡ ପ୍ୟାକେଟ୍ ୫୦୦ ଗ୍ରାମ୍ ପ୍ରତି ୨୭.୯୫ ରହିଥିଲା ବେଳେ ୩୦ ଟଙ୍କାକୁ ବୃଦ୍ଧି ପାଇଛି। ଗୋଲ୍ଡ ପ୍ଲସ୍ ୨୯.୫୦ ଥିଲା ବେଳେ ୩୨ ଟଙ୍କାକୁ ବୃଦ୍ଧି ପାଇଛି। ▶ପୃଷ୍ଠା-୭

# ପୁଣି ମୁଣ୍ଡ ନେଲା 'ଆମ ବସ୍'

## ରାଜଧାନୀ ରାଜରାସ୍ତାରେ ଚାଲିଗଲା ବାଇକ୍‌ଆରୋହୀଙ୍କ ଜୀବନ

■ ଭୁବନେଶ୍ୱର, ୩।୫ (ସମିସ): ରାଜଧାନୀ ରାଜରାସ୍ତାରେ 'ଆମ ବସ୍'ର ଆତଙ୍କ ଥମିବାର ନାଁ ଧରୁନାହିଁ। କେବେ ଅଟୋ ଚାଳକ ଉପରେ ଚଢ଼ି ଗଲାଣି ତ ଆଉ କେଉଁଠି ବାଇକ୍ ଉପରେ ମାଡ଼ିଗଲାଣି, ପୁଣି କେତେବେବେଳେ ପଥଚାରୀଙ୍କ ଉପରେ ଚଢ଼ି ଯାଉଛି। ପ୍ରତିଦିନ କେଉଁଠି ନାଁ କେଉଁଠି 'ଆମ ବସ୍' ଦୁର୍ଘଟଣା ରାଜଧାନୀ ରାଜରାସ୍ତାରେ ଆତଙ୍କର କାରଣ ପାଲଟିଗଲାଣି। ରବିବାର ବାଣୀବିହାର ଓ ସତ୍‌ସଙ୍ଗ ବିହାର ଓଭର ବ୍ରିଜ୍ ପାଖରେ 'ଆମ ବସ୍' ଧକ୍କାରେ ଜଣେ ବାଇକ୍‌ଆରୋହୀଙ୍କ ଜୀବନ ଯାଇଛି। ମୃତବ୍ୟକ୍ତି ହେଲେ ଗଦାଧର ସାହୁ (୪୭)। ତାଙ୍କ ଘର ପୁରୀ ଜିଲ୍ଲା ସତ୍ୟବାଦୀ



ବୋଲି ଜଣାପଡ଼ିଛି। ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବେପରୁଆ ବସ୍ ଚାଳକର ଏଭଳି ଉନ୍ମତ୍ତକାଣ୍ଡ ଦେଖି ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା 'ଆମ ବସ୍' ସମେତ ଅନ୍ୟ 'ଆମ ବସ୍' ଓ ଅନ୍ୟ ଗାଡ଼ିଗୁଡ଼ିକୁ ▶ପୃଷ୍ଠା-୭

# ର୍‍ୟାଗିଂ ନେଲା ଛାତ୍ରଙ୍କ ଜୀବନ !

## ସିଲିକନ୍ ବିଶ୍ୱବିଦ୍ୟାଳୟରେ ରାତିତମାମ ଉତ୍ତେଜନା

■ ଭୁବନେଶ୍ୱର, ୩।୫ (ସମିସ): ବାରମ୍ବାର ର୍‍ୟାଗିଂର ଶିକାରରେ ଅତିଷ୍ଠ ହୋଇ ବେକରେ ଗାମୁଛା ଗୁଡ଼ାଇ ଫ୍ୟାନ୍‌ରେ ଝୁଲିପଡ଼ିଲେ। ରାଜଧାନୀ ଭୁବନେଶ୍ୱରସ୍ଥିତ ସିଲିକନ୍ ବିଶ୍ୱବିଦ୍ୟାଳୟରୁ ଏଭଳି ଏକ ସାଂଘାତିକ ଘଟଣା ପଦାକୁ ଆସିଛି। ମୃତ ଇଂଜିନିୟରିଂ ଛାତ୍ରଜଣଙ୍କ ହେଲେ, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅଞ୍ଚଳର ବିଶ୍ୱାସ ସ୍ୱାଇଁ (୧୯)। ଏହାକୁ ନେଇ ରାତିତମାମ କ୍ୟାମ୍ପସରେ ଉତ୍ତେଜନା ଦେଖାଦେଇଥିଲା। ସିନିଅର୍ ଛାତ୍ରଙ୍କ ର୍‍ୟାଗିଂ ଯୋଗୁଁ ପୁଅ ଆତ୍ମହତ୍ୟା କରିଛି ବୋଲି ବିଶ୍ୱାସଙ୍କ ବାପା ଅଭିଯୋଗ କରିଛନ୍ତି। ଇନ୍‌ଫୋସିଟି ଥାନା ପୁଲିସ



**ସନ୍ଦେହଘେରରେ କଲେଜ କର୍ତ୍ତୃପକ୍ଷ**

**ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫାରେ ମାମଲା**

ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଭଳି ସଂଗିନ୍ ଦଫାରେ ମାମଲା ରୁଜୁ କରିଛି। ଏହାସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛି। ଏଥିସହ ହଷ୍ଟେଲ ଅନ୍ତେବାସୀ, ଝୁଲନ୍ତା ଅବସ୍ଥାରେ ଉଦ୍ଧାର ସମୟରେ ଉପସ୍ଥିତ ଥିବା କର୍ତ୍ତୃପକ୍ଷ ଓ ସହପାଠୀଙ୍କ ବୟାନ ରେକର୍ଡ କରିଛି। ବିଶ୍ୱାସଙ୍କ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଅଭିଯୋଗ ଅନୁଯାୟୀ, ତିର୍ତ୍ତୋଲ ଅଞ୍ଚଳର ବିଶ୍ୱାସ ଇନ୍‌ଫୋସିଟି ଥାନା ଅଧୀନ ସିଲିକନ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ବର୍ଷର ▶ପୃଷ୍ଠା-୭




# ଚଳନ୍ତା ବିମାନର ଦ୍ୱାର ଖୋଲି ବାହାରକୁ ଡେଇଁଲେ ଯାତ୍ରୀ

ଚେନ୍ନାଇ,୩।୫(ଏଜେନ୍ସି): ଚେନ୍ନାଇ ଆନ୍ତର୍ଜାତୀୟ ବିମାନବନ୍ଦରରେ ଆଜି ପ୍ରତ୍ୟୁଷରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଶାରଜାରୁ ଚେନ୍ନାଇ ଆସୁଥିବା ଏୟାର ଆରବିଆ ବିମାନଟି ଅବତରଣ କରିବା ପରେ ଚଳନ୍ତା ଅବସ୍ଥାରେ ଜଣେ ଯାତ୍ରୀ ଜରୁରୀକାଳୀନ ଦ୍ୱାର (ଇମରଜେନ୍ସି ଏକ୍‌ଜିଟ୍) ଖୋଲି ବାହାରକୁ ଡେଇଁ ପଡ଼ିଥିଲେ। ଏହି ଘଟଣା ପରେ ବିମାନବନ୍ଦରରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ସୂଚନା ଅନୁଯାୟୀ, ବିମାନଟି ମୁଖ୍ୟ ରନ୍‌ୱେରୁ ବାହାରି ଟାକ୍ସି-ୱେ ଦେଇ ଧୀରେ ଧୀରେ ଗତି କରୁଥିବା ବେଳେ ଏହି ଘଟଣା ଘଟିଥିଲା। ବିମାନର ଜଣେ ପୁରୁଷ ଯାତ୍ରୀ ହଠାତ୍ ଜରୁରୀକାଳୀନ ଦ୍ୱାର ଖୋଲି ତଳକୁ ଡେଇଁ ପଡ଼ିଥିଲେ। ବିମାନଟି ସେହି ସମୟରେ ଗତିଶୀଳ ଥିବାରୁ ଏହା ଅତ୍ୟନ୍ତ ବିପଜ୍ଜନକ ଥିଲା। ତେବେ ସୌଭାଗ୍ୟବଶତଃ ଏଥିରେ କୌଣସି ଜୀବନହାନି ଘଟିନାହିଁ କିମ୍ବା ବିମାନର କୌଣସି କ୍ଷତି ହୋଇନାହିଁ। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଯାତ୍ରା ସମୟରେ ଉକ୍ତ ଯାତ୍ରୀଜଣକ ଅସୁସ୍ଥ ଅନୁଭବ କରୁଥିଲେ। ସେ ବିମାନ ମଧ୍ୟରେ ଦୁଇଥର ବାନ୍ତି କରିଥିବା କଥା ବିମାନ କର୍ମଚାରୀ ସୂଚନା ଦେଇଛନ୍ତି। ବୋଧହୁଏ ଅତ୍ୟଧିକ ଶାରୀରିକ ଅସୁସ୍ଥତା କିମ୍ବା ମାନସିକ ବିଭ୍ରାଟ ଯୋଗୁଁ ସେ ଏଭଳି ଚରମ ପଦକ୍ଷେପ ନେଇଥାଇପାରନ୍ତି। ଘଟଣା ଘଟିବା ମାତ୍ରେ ପାଇଲଟ୍ ସୁରକ୍ଷା ବାହିନୀକୁ ସତର୍କ କରାଇଥିଲେ। କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍)ର ଯବାନମାନେ ତୁରନ୍ତ ଉକ୍ତ ଯାତ୍ରୀଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ସୁରକ୍ଷା ଦୃଷ୍ଟିକୋଣରୁ ବିମାନବନ୍ଦରର ମୁଖ୍ୟ ରନ୍‌ୱେକୁ ଭୋର ୩ଟା ୨୩ରୁ ୪ଟା ୨୩ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା। ଅଭିଯୁକ୍ତ ଯାତ୍ରୀଜଣକ ତାମିଲନାଡୁର ପୁଦୁକ୍‌କୋଟାଇ ଜିଲ୍ଲାର ବୋଲି ସନ୍ଦେହ କରାଯାଉଛି। ବର୍ତ୍ତମାନ ପୋଲିସ ଏହି ଘଟଣାର ଗଭୀର ତଦନ୍ତ ଜାରି ରଖିଛି।

■ ଭାରତୀୟ ଷ୍ଟାର୍ଟଅପ୍‌ର କମାଲ

# ସ୍ପେସ୍‌ଏକ୍ସ ରକେଟ୍‌ରେ ମହାକାଶ ଗଲା 'ଦୃଷ୍ଟି' ଉପଗ୍ରହ

ନୂଆଦିଲ୍ଲୀ,୩।୫(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା କ୍ଷେତ୍ରରେ ଆଜି ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଆଇଆଇଟି ମାଡ୍ରାସର ପୂର୍ବତନ ଛାତ୍ରଙ୍କ ଦ୍ୱାରା ଗଠିତ ଷ୍ଟାର୍ଟଅପ୍ 'ଗାଲାକ୍ସଆଇ'ର ପ୍ରଥମ ସାଟେଲାଇଟ୍ 'ଦୃଷ୍ଟି' ଆଜି ସକାଳେ ସ୍ପେସ୍‌ଏକ୍ସର ଫାଲକନ୍-୯ ରକେଟ୍ ଯୋଗେ ସଫଳତାର ସହ ମହାକାଶକୁ ପ୍ରେରଣ କରାଯାଇଛି।



'ଦୃଷ୍ଟି' ହେଉଛି ବିଶ୍ୱର ପ୍ରଥମ ସାଟେଲାଇଟ୍ ଯାହା ଏକାସାଙ୍ଗରେ ଦୃଶ୍ୟମାନ ଫଟୋ ଏବଂ ବାଦଲ ଭେଦ କରିପାରୁଥିବା ରଡାର ଫଟୋ ଉତ୍ତୋଳନ କରିପାରିବ। ସାଧାରଣତଃ କ୍ୟାମେରା ବାଦଲ ଥିଲେ କିମ୍ବା ରାତିରେ ସଠିକ୍ ଫଟୋ ଦେଇପାରେ ନାହିଁ। କିନ୍ତୁ 'ଦୃଷ୍ଟି'ର ସ୍ୱତନ୍ତ୍ର ସେନ୍ସର ଯୋଗୁଁ ଯେକୌଣସି ସମୟରେ ଏବଂ ଯେକୌଣସି ପାଣିପାଗରେ ପୃଥିବୀର ସ୍ପଷ୍ଟ ଚିତ୍ର ମିଳିପାରିବ। ଏହି ସାଟେଲାଇଟ୍ ସମ୍ପୂର୍ଣ୍ଣ ଭାବେ ଭାରତରେ ନିର୍ମିତ। ଦୁଇଟି ଭିନ୍ନ ଜ୍ଞାନକୌଶଳକୁ ଗୋଟିଏ ସାଟେଲାଇଟ୍‌ରେ ସମନ୍ୱିତ କରିବା ପାଇଁ କମ୍ପାନୀ ନିଜସ୍ୱ ପେଟେଣ୍ଟ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି। 'ଦୃଷ୍ଟି' ଉପଗ୍ରହ ଏହି ସମସ୍ୟାର ସମାଧାନ କରିବ। ଏହା ଦ୍ୱାରା ମିଳୁଥିବା ତଥ୍ୟ ସୀମା ସୁରକ୍ଷା, ପ୍ରତିରକ୍ଷା, କୃଷି, ବିପର୍ଯ୍ୟୟ ପରିଚାଳନା (ବନ୍ୟା, ବାତ୍ୟା) ଏବଂ ସାମରିକ କ୍ଷେତ୍ରରେ ବହୁତ ସହାୟକ ହେବ। କାଲିଫର୍ନିଆର ଭାଣ୍ଡେନବର୍ଗ ଫୋର୍ସ ବେସ୍‌ରୁ ଭାରତୀୟ ସମୟ ଅପରାହ୍ନ ୧୨:୩୦ରେ ଏହି ଉତ୍‌କ୍ଷେପଣ କରାଯାଇଛି। ୧୯୦ କୋଜି ଓଜନର ଏହି ଉପଗ୍ରହ ଭାରତର ସବୁଠାରୁ ବଡ଼ ଘରୋଇ ଭାବେ ନିର୍ମିତ ପୃଥିବୀ ପର୍ଯ୍ୟବେକ୍ଷଣକାରୀ ଉପଗ୍ରହ। ଅଗାମୀ ୪ ବର୍ଷ ମଧ୍ୟରେ ଏଭଳି ୮ରୁ ୧୨ଟି ଉପଗ୍ରହ ଛଡ଼ାଯିବାକୁ ଲକ୍ଷ୍ୟ ରଖାଯାଇଛି।

# କିମ୍ବଦନ୍ତୀ ଅଭିନେତା, ପ୍ରଯୋଜକ ସୁଦେଶ କୁମାରଙ୍କ ପରଲୋକ

ମୁମ୍ବାଇ,୩।୫(ଏଜେନ୍ସି): ୧୯୬୧ରେ କାଳଜୟୀ ଚଳଚ୍ଚିତ୍ର 'ସାରଙ୍ଗା'ର ନାୟକ ଏବଂ ଜଣାଶୁଣା ଚଳଚ୍ଚିତ୍ର ପ୍ରଯୋଜକ ସୁଦେଶ କୁମାରଙ୍କର ଶୁକ୍ରବାର ଦିନ ମୁମ୍ବାଇସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା,



ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୧୯୩୧ ମସିହାରେ ପେଶାୱର (ବର୍ତ୍ତମାନର ପାକିସ୍ତାନ) ରେ ଜନ୍ମଗ୍ରହଣ କରିଥିବା ସୁଦେଶଙ୍କ ପ୍ରକୃତ ନାମ ଥିଲା ସୁଦେଶ ଧାୱନ। ସେ ମୁମ୍ବାଇର ଏଲଫିନଷ୍ଟୋନ୍ କଲେଜରୁ ବିଜ୍ଞାନରେ ସ୍ନାତକ ହାସଲ କରିଥିଲେ। ସେ ପୃଥ୍ୱୀରାଜ କପୁରଙ୍କ ଥିଏଟର ଗ୍ରୁପରୁ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ୧୯୫୯ର ସୁପରହିଟ୍ ଫିଲ୍ମ 'ଛୋଟି ବେହେନ୍'ରେ ଜଣେ ଡାକ୍ତର ଭୂମିକାରେ ଅଭିନୟ କରି ସେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। 'ସାରଙ୍ଗା' ଚଳଚ୍ଚିତ୍ର ପାଇଁ ସେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ। ଏହି ଫିଲ୍ମର ଶୀର୍ଷକ ଗୀତ "ସାରଙ୍ଗା ତେରି ୟାଦ୍ ମେ' ଆଜି ମଧ୍ୟ ସଙ୍ଗୀତ ପ୍ରେମୀଙ୍କ ମଧ୍ୟରେ ଅତ୍ୟନ୍ତ ଲୋକପ୍ରିୟ। ଏହା ବ୍ୟତୀତ ସେ 'ଭରୋସା', 'ଖାନ୍‌ଦାନ', 'ଗୃହସ୍ତି' ଏବଂ 'ଆଜ୍ ଔର କଲ୍' ଭଳି ଅନେକ ସଫଳ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ସତୁରି ଦଶକରେ ସେ ଅଭିନୟରୁ ଦୂରେଇ ଯାଇ ପ୍ରଯୋଜନା କ୍ଷେତ୍ରରେ ପାଦ ଦେଇଥିଲେ। 'ମନ୍ ମନ୍ଦିର' (୧୯୭୦), 'ଉଲ୍‌ଝନ' (୧୯୭୫) ଏବଂ 'ବଦଲତେ ରିସ୍ତେ' ଭଳି ଚଳଚ୍ଚିତ୍ରର ସେ ପ୍ରଯୋଜକ ଥିଲେ।

# ଏସି ବିସ୍ଫୋରଣରୁ ଲାଗିଲା ନିଆଁ



କାଳ ହେଲା ସ୍ମାର୍ଟ ଲକ୍ ଡୋର

## ଶିଶୁ ସମେତ ୯ ମୃତ

ନୂଆଦିଲ୍ଲୀ,୩।୫(ଏଜେନ୍ସି): ରାଜଧାନୀ ଦିଲ୍ଲୀର ବିବେକ ବିହାର ଅଞ୍ଚଳରେ ରବିବାର ପ୍ରତ୍ୟୁଷରୁ ଏକ ହୃଦୟବିଦାରକ ଅଘଟଣ ଘଟିଯାଇଛି। ଏକ ଚତୁର୍ଥ ମହଲା ବିଶିଷ୍ଟ ଆବାସିକ କୋଠାରେ ଭୟାବହ ଅଗ୍ନିକାଣ୍ଡ ଘଟି ଏକ ବର୍ଷର ଶିଶୁ ସମେତ ଅତିକମରେ ୯ ଜଣ ପ୍ରାଣ ହରାଇଛନ୍ତି। ପ୍ରାଥମିକ ତଦନ୍ତରୁ ଏୟାର କଣ୍ଡିସନର୍ (ଏସି) ବିସ୍ଫୋରଣ ଯୋଗୁଁ ଏହି ପ୍ରଳୟଙ୍କରୀ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଭୋର ପ୍ରାୟ ୩ଟା ୪୭ ମିନିଟ ସମୟରେ ଯେତେବେଳେ ସମସ୍ତେ ଗଭୀର ନିଦ୍ରାରେ ଥିଲେ, ସେହି ସମୟରେ ଅଗ୍ନିକାଣ୍ଡର ସୂତ୍ରପାତ ହୋଇଥିଲା। ନିମିଷକ ମଧ୍ୟରେ ନିଆଁର କରାଳ ଶିଖା ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ମହଲାକୁ ବ୍ୟାପି ଯାଇଥିଲା। ଅଗ୍ନିଶମ ବାହିନୀର ୧୪ଟି ଦଳ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଉଦ୍ଧାରକାରୀ ଦଳ ଦ୍ୱିତୀୟ ମହଲାରୁ ୫ଟି ଶବ ଉଦ୍ଧାର କରିଥିବା ବେଳେ ସିଡ଼ିରୁ ୩ ଜଣ ଏବଂ ପ୍ରଥମ ମହଲାରୁ ଜଣଙ୍କର ମୃତଦେହ ଉଦ୍ଧାର କରିଛନ୍ତି। ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ୪ ଜଣ ମହିଳା ଓ ଜଣେ ନିଷ୍ପାପ ଶିଶୁ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୫ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲେ ହେଁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି।

ଏହି ଭୟାବହ ଅଗ୍ନିକାଣ୍ଡ ପାଇଁ ସ୍ମାର୍ଟ ଲକ୍‌ର ବ୍ୟବହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଘରର ଦ୍ୱାର ସ୍ମାର୍ଟ ଲକ୍ ଦ୍ୱାରା ବନ୍ଦ ଥିଲା। ଫଳରେ ଲୋକମାନେ ବାହାରକୁ ଆସିପାରିନଥିଲେ। ଅଗ୍ନିକାଣ୍ଡ ସମୟରେ ସାଧାରଣତଃ ସର୍ଟ ସର୍କିଟ୍ ଯୋଗୁଁ ବିଦ୍ୟୁତ୍ ସଂଯୋଗ କଟିଯାଏ। ଯଦି ସ୍ମାର୍ଟ ଲକ୍ ସିଧାସଳଖ ବିଦ୍ୟୁତ୍ ଉପରେ ନିର୍ଭର କରେ, ତେବେ ଏହା କାମ କରିବା ବନ୍ଦ କରିଦିଏ। ଖାସ ଏହି କାରଣରୁ ଏହି ଦୁର୍ଘଟଣା ଘଟିଛି ବୋଲି କୁହାଯାଉଛି। ଏବେ ବ୍ୟବହୃତ ସ୍ମାର୍ଟ ଲକ୍ ବା କମ୍ପ୍ୟୁଟରାଇଜଡ୍ ଲକିଂ ସିଷ୍ଟମ ବ୍ୟବହାରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସ୍ତ୍ରୀ, ୪ ସନ୍ତାନଙ୍କୁ ହତ୍ୟା ପରେ ସେଲୁନ୍ ମାଲିକଙ୍କ ଆତ୍ମହତ୍ୟା ଉଦ୍ୟମ

ଗୁରୁଗ୍ରାମ,୩।୫(ଏଜେନ୍ସି): ହରିୟାଣାର ଗୁରୁଗ୍ରାମସ୍ଥିତ ୱାଜିରପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ନିଜ ପତ୍ନୀ ଏବଂ ଚାରି ସନ୍ତାନଙ୍କୁ ବିଷ ଦେଇ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ଅଭିଯୁକ୍ତଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ନାମ ନାଜିମ ଏବଂ ସେ ଉତ୍ତର ପ୍ରଦେଶର ମୋରାଦାବାଦ ଅଞ୍ଚଳର ବାସିନ୍ଦା। ସେ ଗୁରୁଗ୍ରାମରେ ଏକ ସେଲୁନ୍ ଚଳାଉଥିଲେ। ମୃତକଙ୍କ ମଧ୍ୟରେ ନାଜିମଙ୍କ ୩୫ ବର୍ଷୀୟା ପତ୍ନୀ ଏବଂ ୮, ୧୦, ୧୨ ଓ ୧୪ ବର୍ଷର ଚାରିଜଣ ସନ୍ତାନ ଅଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଶନିବାର ସନ୍ଧ୍ୟା ୬ଟାରୁ ୭ଟା ମଧ୍ୟରେ ଏହି ହତ୍ୟାକାଣ୍ଡ ସଂଘଟିତ ହୋଇଛି। ପରିବାରର ସମସ୍ତ ସଦସ୍ୟଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହାପରେ ନାଜିମ ନିଜ ହାତର ଶିରା କାଟି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଗୁରୁଗ୍ରାମ ପୋଲିସର ସୂଚନା ମୁତାବକ, ପାରିବାରିକ କଳହ ଯୋଗୁଁ ନାଜିମ ଏଭଳି ଚରମ ନିଷ୍ପତ୍ତି ନେଇଥାଇପାରନ୍ତି। ନାଜିମ ଗତ ୮-୯ ମାସ ଧରି ସେହି ଅଞ୍ଚଳରେ ଭଡ଼ାଘରେ ରହୁଥିଲେ। ପଡୋଶୀମାନେ ଏହି ଘଟଣାରେ ଗଭୀର ସ୍ତବ୍ଧ ହୋଇଯାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ନାଜିମଙ୍କ ପରିବାରରେ କୌଣସି ସମସ୍ୟା ଥିବା କଥା କେହି ଜାଣିପାରିନଥିଲେ। ବର୍ତ୍ତମାନ ପୋଲିସ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ଏବଂ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ଅଭିଯୁକ୍ତ ନାଜିମ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଜ୍ଞାନ ଫେରିଲେ ଅଧିକ ତଥ୍ୟ ମିଳିପାରିବ ବୋଲି ପୋଲିସ ଆଶା ରଖିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

# ସେତୁ ଭୁଶୁଡ଼ି ୩ ଶ୍ରମିକ ମୃତ

ଶ୍ରୀନଗର,୩।୫(ଏଜେନ୍ସି): ଜମ୍ମୁ-କାଶ୍ମୀରର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ଦୁର୍ଘଟଣା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରବିବାର ପ୍ରବଳ ଭୂସ୍ଖଳନ ଯୋଗୁଁ ବାରାମୁଲା-ଉରି ଜାତୀୟ ରାଜପଥର ଲାଗାମା ନିକଟରେ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଲାଗାମା ନିକଟରେ ପାହାଡ଼ରୁ ବଡ଼ ବଡ଼ ପଥର ଖସି ରାସ୍ତା ଅବରୋଧ ହୋଇଥିବାରୁ, ପ୍ରଶାସନ ପକ୍ଷରୁ ଟ୍ରାଫିକ୍‌କୁ ବାନ୍ଦି-ପାରନପିଲାନ-ଡାଚି ମାର୍ଗ ଦେଇ ଉରି ଅଭିମୁଖେ ବାଇପାସ୍ କରାଯାଇଛି। ଭାରି ଯନ୍ତ୍ରପାତି ସାହାଯ୍ୟରେ ରାସ୍ତା ସଫା କାର୍ଯ୍ୟ ଜାରି ରହିଛି। ଶନିବାର ସକାଳେ ଗାଟସୁ ନିକଟରେ ଏକ ବଡ଼ ଧରଣର ଭୂସ୍ଖଳନ ଯୋଗୁଁ ଡୋଡା-କିଶ୍ତୱାଡ଼ ସଂଯୋଗ କରୁଥିବା ରାସ୍ତା ମଧ୍ୟ ବନ୍ଦ ରହିଛି। ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଏହି ମାର୍ଗରେ ଯାତ୍ରା ନକରିବାକୁ ପୋଲିସ ପରାମର୍ଶ ଦେଇଛି। ଜମ୍ମୁର ବାଣ୍ଡାଲାବ ଅଞ୍ଚଳରେ ଏକ ନିର୍ମାଣାଧୀନ ବ୍ରିଜ୍?ର କିଛି ଅଂଶ ଭୁଶୁଡ଼ି ପଡ଼ିବାରୁ ୩ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଉପ-ମୁଖ୍ୟମନ୍ତ୍ରୀ ସୁରିନ୍ଦର ଚୌଧୁରୀ ଗଭୀର ଶୋକ ପ୍ରକାଶ କରିବା ସହ ଦୁଇଜଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି ଏବଂ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କୁ ବ୍ଲାକ୍‌ଲିଷ୍ଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୌଭାଗ୍ୟବଶତଃ ଭୂସ୍ଖଳନ ଜନିତ ଘଟଣାରେ ଏପର୍ଯ୍ୟନ୍ତ କୌଣସି ପ୍ରାଣହାନିର ସୂଚନା ମିଳିନାହିଁ, କିନ୍ତୁ ବ୍ରିଜ୍ ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଜମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ପ୍ରକୃତିକ ବିପର୍ଯ୍ୟୟ ଘଟୁଥିବାରୁ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ରାଜପଥର ସ୍ଥିତି ଯାଞ୍ଚ ନକରି ପାହାଡ଼ିଆ ଅଞ୍ଚଳରେ ଯାତ୍ରା ନକରିବା ପାଇଁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶାନ୍ତି ପ୍ରସ୍ତାବ ଆଦାନପ୍ରଦାନରେ ଅଟକିଛି ଯୁଦ୍ଧ

■ ଇରାନର ୧୪-ଦଫା ଶାନ୍ତି ପ୍ରସ୍ତାବରେ ଟ୍ରମ୍ପ ଅସନ୍ତୁଷ୍ଟ
■ ଆମେରିକା ପାଖରେ ନିଷ୍ପତ୍ତିର ଚାବିକାଠି: ଇରାନ
■ ଭୁଲ୍ କଲେ ପୁଣି ହେବ ସାମରିକ ଆକ୍ରମଣ: ଟ୍ରମ୍ପ



ୱାଶିଂଟନ୍/ ତେହରାନ,୩।୫(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧର ସମାପ୍ତି ପାଇଁ ଇରାନ ଏକ ନୂତନ ୧୪-ଦଫା ସମ୍ବଳିତ ପ୍ରସ୍ତାବ ପଠାଇଛି। ପାକିସ୍ତାନୀ ମଧ୍ୟସ୍ଥିଙ୍କ ଜରିଆରେ ପଠାଯାଇଥିବା ଏହି ଯୋଜନାକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମୀକ୍ଷା କରିବେ ବୋଲି କହିଥିଲେ ହେଁ, ଏହା ଗ୍ରହଣଯୋଗ୍ୟ ହେବା ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ଆମେରିକା ପକ୍ଷରୁ ଦିଆଯାଇଥିବା ୯-ଦଫା ପ୍ରସ୍ତାବର ଜବାବରେ ଇରାନ ଏହି ବିସ୍ତୃତ ତାଲିକା ପ୍ରଦାନ କରିଛି। ୱାଶିଂଟନ୍ ଦୁଇ ମାସର ଯୁଦ୍ଧବିରତି ଚାହୁଁଥିବା ବେଳେ ଇରାନ ଏହାକୁ ପ୍ରତ୍ୟାଖ୍ୟାନ କରି ସମସ୍ତ ମୁଖ୍ୟ ବିବାଦର ସମାଧାନ ୩୦ ଦିନ ମଧ୍ୟରେ କରିବାକୁ ଜିଦ୍ ଧରିଛି। ଏହି ପ୍ରସ୍ତାବରେ ଇରାନ ଚତୁପାର୍ଶ୍ୱରୁ ଆମେରିକୀୟ ସେନା ପ୍ରତ୍ୟାହାର, ସାମୁଦ୍ରିକ ଅବରୋଧର ଅନ୍ତ, ଜବତ ହୋଇଥିବା ଅର୍ଥରାଶିର ମୁକ୍ତି ଏବଂ ଯୁଦ୍ଧ ଜନିତ କ୍ଷତିପୂରଣ ଭଳି କଠୋର ସର୍ତ୍ତ ରଖାଯାଇଛି। ଏଥିସହ ଲେବାନନ୍ ସମେତ ସମସ୍ତ ସାମ୍ମୁଖ୍ୟରେ ଯୁଦ୍ଧ ବନ୍ଦ କରିବାକୁ ତେହେରାନ ଦାବି କରିଛି। ରାଷ୍ଟ୍ରପତି ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମରେ ସ୍ପଷ୍ଟ କରିଛନ୍ତି ଯେ, ଇରାନ ଏପର୍ଯ୍ୟନ୍ତ ନିଜର କୃତକର୍ମ ପାଇଁ ଉପଯୁକ୍ତ ଦଣ୍ଡ ପାଇନାହିଁ, ତେଣୁ ଏହି ପ୍ରସ୍ତାବକୁ ସହଜରେ ଗ୍ରହଣ କରାଯାଇନପାରେ। ଅନ୍ୟପଟେ, ଇରାନ ସହ ସମ୍ପର୍କିତ ଜାହାଜଗୁଡ଼ିକୁ ଆମେରିକା ଜବତ କରୁଥିବାରୁ ଟ୍ରମ୍ପ ନିଜକୁ ପରିହାସରେ "ପାଇରେଟ୍ସ' ବା ଲୁଟେରା ବୋଲି ସମ୍ବୋଧନ କରିଛନ୍ତି। ଏହାକୁ ନେଇ ଇରାନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଆମେରିକା ଆନ୍ତର୍ଜାତୀୟ ସାମୁଦ୍ରିକ ନିୟମର ଖୋଲାଖୋଲି ଉଲ୍ଲଂଘନ କରି "ଡକାୟତି' କରୁଥିବା ଅଭିଯୋଗ କରିଛି। ମାଜେଷ୍ଟିକ ଏକ୍ସ ଏବଂ ଟିଫାନି ନାମକ ଦୁଇଟି ଇରାନୀ ତୈଳବାହୀ ଜାହାଜ ଜବତ ହେବା ପରେ ଉଭୟ ଦେଶ ମଧ୍ୟରେ କୂଟନୈତିକ ତିକ୍ତତା ଶୀର୍ଷରେ ପହଞ୍ଚିଛି। ଇରାନର ଏହି ୧୪-ଦଫା ପ୍ରସ୍ତାବ ଯୁଦ୍ଧ ବନ୍ଦ କରିବାରେ ସହାୟକ ହେବ କିମ୍ବା ଆମେରିକାର ପ୍ରତ୍ୟାଖ୍ୟାନ ପରେ ସଂଘର୍ଷ ପୁଣି ଥରେ ତୀବ୍ର ରୂପ ଧାରଣ କରିବ, ତାହା ଆଗାମୀ ସମୟରେ ଜଣାପଡ଼ିବ। ଏହି ପରିସ୍ଥିତି ସମଗ୍ର ବିଶ୍ୱର ଶକ୍ତି ଯୋଗାଣ ପ୍ରକ୍ରିୟାକୁ ଗଭୀର ଭାବେ ପ୍ରଭାବିତ କରିଛି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ରକ୍ତାକ୍ତ ସଂଘର୍ଷର ସମାପ୍ତି ପାଇଁ ତେହେରାନ ପଠାଇଥିବା ୧୪-ଦଫା ବିଶିଷ୍ଟ ନୂତନ ଶାନ୍ତି ପ୍ରସ୍ତାବ ଏବେ ୱାଶିଂଟନ୍‌ର ବିଚାରାଧୀନ। ଇରାନର ଉପ-ବୈଦେଶିକ ମନ୍ତ୍ରୀ କାଜେମ ଗରିବାବାଦୀ କହିଛନ୍ତି ଯେ, "ବର୍ତ୍ତମାନ ବଲ୍ ଆମେରିକା କୋର୍ଟରେ ଅଛି; ସେମାନେ କୂଟନୀତି କିମ୍ବା ସଂଘର୍ଷ ମଧ୍ୟରୁ ଯେକୌଣସି ପଥ ବାଛିପାରିବେ।' ଅନ୍ୟପଟେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ପ୍ରସ୍ତାବକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଇରାନ ପକ୍ଷରୁ ପାକିସ୍ତାନ ଜରିଆରେ ପଠାଯାଇଥିବା ଏହି ଯୋଜନାରେ ଆମେରିକୀୟ ସେନା ପ୍ରତ୍ୟାହାର, ହର୍ମୁଜ ପ୍ରଣାଳୀରୁ ଅବରୋଧ ହଟାଇବା, ଜବତ ଅର୍ଥରାଶି ଫେରସ୍ତ ଏବଂ ଲେବାନନ୍ ସମେତ ସମସ୍ତ କ୍ଷେତ୍ରରେ ଯୁଦ୍ଧ ବନ୍ଦ କରିବାକୁ ଦାବି କରାଯାଇଛି। ତେବେ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ, ଇରାନର ପରମାଣୁ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ ନକରିବା ପର୍ଯ୍ୟନ୍ତ ଆମେରିକା ଯୁଦ୍ଧରୁ ଓହରିବ ନାହିଁ। ଟ୍ରମ୍ପ କହିଛନ୍ତି ଯେ, ଇରାନ ଗତ ୪୭ ବର୍ଷ ଧରି ବିଶ୍ୱ ପ୍ରତି କରିଥିବା କ୍ଷତି ପାଇଁ ଏପର୍ଯ୍ୟନ୍ତ 'ଉପଯୁକ୍ତ ମୂଲ୍ୟ' ଦେଇନାହିଁ।

# ଆମେରିକୀୟ ଅବରୋଧ ସତ୍ତ୍ୱେ ହର୍ମୁଜ ଅତିକ୍ରମ କଲା ଭାରତୀୟ ଜାହାଜ



ନୂଆଦିଲ୍ଲୀ,୩।୫(ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ଜାରି ରହିଥିବା ଯୁଦ୍ଧ ଓ ସାମୁଦ୍ରିକ ଅବରୋଧ ମଧ୍ୟରେ ଏକ ଭାରତ ସହ ସମ୍ପର୍କିତ ଏଲପିଜି ଟ୍ୟାଙ୍କର ସଫଳତାର ସହ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ 'ହର୍ମୁଜ ପ୍ରଣାଳୀ' ଅତିକ୍ରମ କରିଛି। 'ସର୍ବ ଶକ୍ତି' ନାମକ ଏହି ଜାହାଜ ପ୍ରାୟ ୪୫,୦୦୦ ଟନ୍ ରୋଷେଇ ଗ୍ୟାସ୍ ଧରି ଭାରତ ଅଭିମୁଖେ ଯାତ୍ରା କରୁଛି। ଗତ ଦୁଇ ସପ୍ତାହ ଧରି ଏହି ପଥରେ ଜାହାଜ ଚଳାଚଳ ପ୍ରାୟ ବନ୍ଦ ଥିବା ବେଳେ ଏହା ଏକ ବିରଳ ସଫଳତା। ମାର୍ଶଲ ଆଇଲ୍ୟାଣ୍ଡର ପତାକା ଧାରଣ କରିଥିବା ଏହି ବିଶାଳ ଗ୍ୟାସ୍ ବାହକ ଜାହାଜଟି ଇରାନର ଲାରାକ୍ ଏବଂ କ୍ୟୁଶମ୍ ଦ୍ୱୀପ ଦେଇ ଓମାନ ସାଗରରେ ପ୍ରବେଶ କରିଛି। ଜାହାଜଟି ନିଜର ଗନ୍ତବ୍ୟ ସ୍ଥଳ 'ଭାରତ' ଓ ଏଥିରେ ସମସ୍ତ କର୍ମଚାରୀ ଭାରତୀୟ ନାଗରିକ ବୋଲି ସଙ୍କେତ ଦେଇଥିଲା। ଯୁଦ୍ଧ ସମୟରେ ବିପଦ ହ୍ରାସ କରିବା ପାଇଁ ସାଧାରଣତଃ ଏଭଳି ପଦକ୍ଷେପ ନିଆଯାଇଥାଏ। ସୂଚନା ମୁତାବକ, ଭାରତୀୟ ତୈଳ ନିଗମ ଏହି ଗ୍ୟାସ୍ ଟ୍ୟାଙ୍କରର କ୍ରେତା ଅଟେ। ବିଶ୍ୱର ଦ୍ୱିତୀୟ ବୃହତ୍ତମ ଏଲପିଜି ଗ୍ରାହକ ଭାବେ ଭାରତ ଏବେ ଯୋଗାଣ ବାଧାପ୍ରାପ୍ତ ହେବାର ସମ୍ମୁଖୀନ ହେଉଛି। ଫେବୃଆରୀ ମାସରୁ ଯୁଦ୍ଧ ଆରମ୍ଭ ହେବା ପରେ ରୋଷେଇ ଗ୍ୟାସ୍‌ର ଅଭାବ ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର ଏଲପିଜି ଜାହାଜ ଗୁଡ଼ିକର ଚଳାଚଳକୁ ପ୍ରାଥମିକତା ଦେଉଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି ଯେ, ଦେଶ ମଧ୍ୟରେ ଏଲପିଜି ଉତ୍ପାଦନକୁ ୬୦ ପ୍ରତିଶତ ବୃଦ୍ଧି କରାଯାଇ ଦୈନିକ ୫୪,୦୦୦ ଟନ୍‌ରେ ପହଞ୍ଚାଯାଇଛି। ରିପୋର୍ଟ ଅନୁଯାୟୀ, ଇରାନ ସହ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଭାରତ ଏପର୍ଯ୍ୟନ୍ତ ଯୁଦ୍ଧ ସମୟରେ ୮ଟି ଏଲପିଜି ଜାହାଜକୁ ହର୍ମୁଜ ପ୍ରଣାଳୀ ଦେଇ ଆଣିବାରେ ସଫଳ ହୋଇଛି। ଆମେରିକା ଓ ଇସ୍ରାଏଲର ଅବରୋଧ ସତ୍ତ୍ୱେ ଭାରତ ନିଜର ଶକ୍ତି ସୁରକ୍ଷାକୁ ବଜାୟ ରଖିବା ପାଇଁ କ୍ରମାଗତ ଉଦ୍ୟମ ଜାରି ରଖିଛି।

# ମଣିପୁର ହିଂସାକୁ ପୂରିଲା ତିନି ବର୍ଷ; ଏବେ ବି ୩୦ ନିଖୋଜ




ଇମ୍ଫାଲ/ଗୁଆହାଟୀ,୩।୫(ଏଜେନ୍ସି): ମଣିପୁରରେ ୩ ମଇ ୨୦୨୩ରେ ଆରମ୍ଭ ହୋଇଥିବା ଜାତିଗତ ହିଂସାକୁ ଆଜି ତିନି ବର୍ଷ ପୂରିଛି। ଏହି ଅବସରରେ ନିଖୋଜ ହୋଇଯାଇଥିବା ବ୍ୟକ୍ତିଙ୍କ ପରିବାର ସଦସ୍ୟମାନେ ପୁଣି ଥରେ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଉପତ୍ୟକା ଅଞ୍ଚଳରୁ ପ୍ରାୟ ୩୦ରୁ ଅଧିକ ଲୋକ ଏବେ ମଧ୍ୟ ନିଖୋଜ ଅଛନ୍ତି, ଯାହାଙ୍କର କୌଣସି ପତ୍ତା ମିଳୁନାହିଁ। ପରିବାର ସଦସ୍ୟମାନେ ଅଭିଯୋଗ କରିଛନ୍ତି ଯେ ଏଫ୍‌ଆଇଆର୍ ରୁଜୁ କରିବା ଏବଂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସତ୍ତ୍ୱେ ସେମାନଙ୍କ ପ୍ରିୟଜନଙ୍କୁ ଖୋଜିବା ଦିଗରେ କୌଣସି ଆଖିଦୃଶିଆ ଅଗ୍ରଗତି ହୋଇନାହିଁ। ନିୟମ ଅନୁଯାୟୀ, ଜଣେ ନିଖୋଜ ବ୍ୟକ୍ତିଙ୍କୁ ୭ ବର୍ଷ ପୂର୍ବରୁ ମୃତ ଘୋଷଣା କରାଯାଇପାରିବ ନାହିଁ। ଏହି କାରଣରୁ ପରିବାର ସଦସ୍ୟମାନେ ମୃତ୍ୟୁ ପ୍ରମାଣପତ୍ର ପାଇପାରୁ ନାହାଁନ୍ତି। ଏହା ବିନା ସେମାନେ ସରକାରୀ ସହାୟତା, କ୍ଷତିପୂରଣ କିମ୍ବା ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ନିଖୋଜ ବ୍ୟକ୍ତିଙ୍କ ପରିବାର ସଦସ୍ୟମାନେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଘର ଚଳାଇବା ଏବଂ ପିଲାଙ୍କ ପାଠପଢ଼ା ପାଇଁ ସେମାନଙ୍କ ପାଖରେ ଅର୍ଥର ଅଭାବ ଦେଖାଦେଇଛି। ଏହି ସମୟରେ ମେତେଇ ସମ୍ପ୍ରଦାୟର ବିଶ୍ୱସ୍ତରୀୟ ସଂଗଠନ 'ମେତେଇ ଆଲାଇନ୍ସ' ପକ୍ଷରୁ ଏକ ବିବୃତ୍ତି ଜାରି କରାଯାଇଛି।

■ ବିଜେପି ନେତା ହତ୍ୟା ମାମଲା

# ପଦ ହରାଇଲେ କଂଗ୍ରେସ ବିଧାୟକ ବିନୟ କୁଲକର୍ଣ୍ଣି

ବେଙ୍ଗାଲୁରୁ,୩।୫(ଏଜେନ୍ସି): ବିଜେପି ନେତା ଯୋଗେଶ ଗୌଡ଼ା ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ କର୍ଣ୍ଣାଟକର କଂଗ୍ରେସ ବିଧାୟକ ବିନୟ କୁଲକର୍ଣ୍ଣିଙ୍କୁ ବିଧାନସଭାରୁ ଅଯୋଗ୍ୟ ଘୋଷଣା କରାଯାଇଛି।



ଏନେଇ ଶନିବାର ବିଧାନସଭା ପକ୍ଷରୁ ଏକ ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି। ଧାରୱାଡ ଆସନରୁ ପ୍ରତିନିଧିତ୍ୱ କରୁଥିବା କୁଲକର୍ଣ୍ଣିଙ୍କୁ ଏପ୍ରିଲ ୧୫, ୨୦୨୬ (ଦୋଷୀ ସାବ୍ୟସ୍ତ ତାରିଖ)ରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଜନ ପ୍ରତିନିଧି ଅଧିନିୟମ ଅନୁଯାୟୀ, ଦଣ୍ଡାଦେଶ ଶେଷ ହେବାର ୬ ବର୍ଷ ପର୍ଯ୍ୟନ୍ତ ସେ ନିର୍ବାଚନ ଲଢ଼ିପାରିବେ ନାହିଁ। ୨୦୧୬ରେ ଧାରୱାଡର ଏକ ଜିମ୍ ଭିତରେ ବିଜେପି ଜିଲ୍ଲା ପରିଷଦ ସଦସ୍ୟ ଯୋଗେଶ ଗୌଡ଼ାଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ବେଙ୍ଗାଲୁରୁର ଏକ ସ୍ୱତନ୍ତ୍ର କୋର୍ଟ ଗତ ଏପ୍ରିଲ ୧୭ ତାରିଖରେ କୁଲକର୍ଣ୍ଣି ଏବଂ ଅନ୍ୟ ୧୫ ଜଣଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ୨୦୧୯ରେ ଏହି ମାମଲା ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସିବିଆଇ ଏହାର ଚାର୍ଜସିଟ୍‌ରେ କୁଲକର୍ଣ୍ଣିଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ଦର୍ଶାଇଥିଲା। ଏହି ଅଯୋଗ୍ୟତା ପରେ ଧାରୱାଡ ବିଧାନସଭା ଆସନ ବର୍ତ୍ତମାନ ଖାଲି ପଡ଼ିଛି ଏବଂ ଆଗାମୀ ଦିନରେ ସେଠାରେ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ବର୍ତ୍ତମାନ ବିନୟ କୁଲକର୍ଣ୍ଣି ଜେଲ୍‌ରେ ନିଜର ଦଣ୍ଡ ଭୋଗୁଛନ୍ତି। ଯଦି କୌଣସି ଉଚ୍ଚ ନ୍ୟାୟାଳୟ ତାଙ୍କର ଦୋଷୀ ସାବ୍ୟସ୍ତ ଆଦେଶ ଉପରେ ରୋକ୍ ଲଗାନ୍ତି, ତେବେ ତାଙ୍କ ପଦ ଫେରି ପାଇବାର ସମ୍ଭାବନା ରହିବ।

ରଥଖଳାରୁ...

# ପଇ ବିନ୍ଧ ଅନୁକୂଳ ସରିଲା



ପୁରୀ, ୩।୫ (ସମିସ): ରଥଖଳାରେ ତିଆରି ଚାଲିଛି ତିନିରଥ। ବର୍ତ୍ତମାନ ପ୍ରମୁଖ କାମ ମଧ୍ୟରେ ତୁମ୍ବରେ ଅର ପିନ୍ଧା ଯାଉଛି। ଶନିବାର ତିନି ରଥର ନାହାକା ଚକ ପ୍ରସ୍ତୁତ ପାଇଁ ତିନିରଥ ନାହାକା ତୁମ୍ବ ଅଖ ବିନ୍ଧରେ ପନ୍ଦାରି ଏବଂ ବଳା ବସିବା ଅନୁକୂଳ ସହ ପଇ ବିନ୍ଧ ପୂର୍ବରୁ ତିନି ରଥର 'ପଇ ବକଳା' ଅନୁକୂଳ ଶେଷ ହୋଇଥିଲା। ରବିବାର ରଥର ପଇ ବିନ୍ଧ ଅନୁକୂଳ ସହ ତୁମ୍ବ ଅରରେ ପଇ ପିନ୍ଧା ଅନୁକୂଳ ସମ୍ପନ୍ନ ହୋଇଛି। ଭଉଁରୀ ତିଥିରେ ଚକା ଡେରା ନୀତି ପାଇଁ ପ୍ରତିରଥର ଦୁଇଟି ଲେଖାଏଁ ନାହାକା ଚକ ଲାଗି ପ୍ରଥମ ପର୍ଯ୍ୟାୟରେ ୮ଟି ଲେଖାଏଁ ପଇର ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଥିଲା। ପଇ ବିନ୍ଧ ଶେଷ ପରେ ତିନିରଥ ମୁଖ୍ୟ ମହାରଣାଙ୍କ ଦ୍ୱାରା ତୁମ୍ବରେ ସଂଯୁକ୍ତ ଅରରେ ପଇ ପିନ୍ଧା ଅନୁକୂଳ ସମ୍ପନ୍ନ ହୋଇଥିଲା। ମହାରଣା ଏବଂ ଭୋଇ ସେବକଙ୍କ ଉଦ୍ୟମରେ ନାହାକା ତୁମ୍ବରେ ସଂଯୁକ୍ତ ଅରରେ ପଇ ପିନ୍ଧା କାର୍ଯ୍ୟ ଶେଷ ହୋଇଛି। ତିନିରଥର ପଇ ସଂଯୋଗ ପରେ ପଇ କଳସା କାର୍ଯ୍ୟ (ପଇକୁ ବାନ୍ଧି ରଖିବା ପାଇଁ ପଇ ସଂଯୋଗ ସ୍ଥଳରେ କାପ ବା ଘାଟି ନିର୍ମାଣ କାର୍ଯ୍ୟ) ଶେଷ ପର୍ଯ୍ୟାରରେ ପହଞ୍ଚିଛି। ଏଥିସହ ତୁମ୍ବରେ ଅଖ ବିନ୍ଧ ଖୋଳା ବା ଠେକ ତୁଲିଆ କାର୍ଯ୍ୟ ଜାରୀ ରହିଛି। ଏଥିସହ ରବିବାର ସୁଦ୍ଧା ତିନିରଥର ୧୧ଟି ଲେଖାଏଁ ସାଲ ଗୁଜ, ୯ଟି ଲେଖାଏଁ ଜଳଯନ୍ତ୍ର, ୧୨ଟି ଲେଖାଏଁ କୁଡୁକା ଏବଂ ୮ଟି ଲେଖାଏଁ ତୀଖ ଗୁଜ ଶେଷ ହୋଇଛି। ରୂପକାର ସେବକମାନେ ତିନିରଥର କୋଣ ଗୁଜ ବା ସାଲ ଗୁଜରେ ସିଂହ ବିରଳ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳ ବେଦୀ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ନାହାକା ଚକର ଆବଶ୍ୟକ ଅର କଣ୍ଟା ସହ ପନ୍ଦାରି ଏବଂ ତୁମ୍ବ ବାହ୍ୟ ବଳା ରଥ ଖଳାକୁ ଯୋଗାଇ ବାକି ଚକଗୁଡ଼ିକ ପାଇଁ ପନ୍ଦାରି, ତୁମ୍ବ ବଳା, ଅର କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି।

ଓଡ଼ିଶାରେ ପିଏମ୍‌ଜିଏସ୍‌ୱାଇ-୪ ପର୍ଯ୍ୟାୟର ଶୁଭାରମ୍ଭ

# ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ହେବ 'ମିଶନ ପାୱାର': ମୁଖ୍ୟମନ୍ତ୍ରୀ

ରାୟଗଡ଼ା, ୩।୫ (ସମିସ): ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଶୁକ୍ରବାର ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ ହୋଇଯାଇଛି। ରାୟଗଡ଼ାଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷି ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ଟି ଜିଲ୍ଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଅଧିକ୍ ବ୍ୟୟ ବରାଦ କରାଯାଇଛି। ଏଥିରେ ୮୯୮ଟି ଗାଁରେ ୧୭୦୨ କିଲୋମିଟର ପକ୍କାରାସ୍ତା ନିର୍ମାଣ କରାଯିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ଼ା ଜିଲ୍ଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଗ୍ରାମୀଣ ଅର୍ଥନୀତିକୁ ସଜାଡ଼ିବା ପାଇଁ ରାଜ୍ୟ ସରକାର 'ମିଶନ ପାୱାର' (ବିଜୁଳି -ପାଣି - ରାସ୍ତା) ଅଭିଯାନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟ ସରକାର ପିଏମ୍‌ଜିଏସ୍‌ୱାଇ-୪ ମାଧ୍ୟମରେ ଅଣ-ସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପର୍ଯ୍ୟାୟରେ କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ୮ଟି ଜିଲ୍ଲାର ୮୯୮ଟି ଗ୍ରାମକୁ ସବୁଦିନିଆ ପକ୍କା



ରାସ୍ତା ଯୋଗାଇ ଦିଆଯିବ। ଏଥିପାଇଁ ୧୭୦୨ କିଲୋମିଟର ଦୈର୍ଘ୍ୟର ୮୨୭ଟି ନୂତନ ରାସ୍ତା ନିର୍ମାଣ ହେବ। ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅର୍ଥ ବିନିଯୋଗ କରିବେ। ଏହାସହ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧୀନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-ଜଳ ବିଭାଜିକା ବିକାଶ ଉପାଦାନ ପାଇଁ ୩୦କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ପିଏମ୍‌ଜିଏସ୍‌ୱାଇ-୪ରେ କେବଳ ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାରେ ୪୪୨ଟି ନୂତନ ରାସ୍ତା ନିର୍ମାଣ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ୨୦୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ।

- ଗଢ଼ା ହେବ ବିହନ ଗ୍ରାମ: ଶିବରାଜ
- ରାୟଗଡ଼ା ପାଇଁ ୨୦୦ କୋଟି ଟଙ୍କାର ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

କେନ୍ଦ୍ରମନ୍ତ୍ରୀ ଶିବରାଜ୍ ସିଂହ ଚୌହାନ କହିଥିଲେ ଯେ କୌଣସି ବି ଗ୍ରାମ ଆଉ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ରହିବ ନାହିଁ। କେନ୍ଦ୍ର ସରକାର ଓଡ଼ିଶାକୁ ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଦଳ ପଠାଇବେ। ଏହି ବିଶେଷଜ୍ଞମାନେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ସମନ୍ୱିତ କୃଷି ବ୍ୟବସ୍ଥାର ସମୀକ୍ଷା କରିବେ। ଓଡ଼ିଶାର ପ୍ରତ୍ୟେକ କୃଷିଭିତ୍ତିକ ଗ୍ରାମକୁ ଏକ 'ବିହନ ଗ୍ରାମ' ବା 'ସିଡ୍ ଭିଲେଜ୍' ଭାବେ ଗଢ଼ି ତୋଳିବା ପାଇଁ କେନ୍ଦ୍ର ସରକାରଙ୍କ ଇଚ୍ଛା ରହିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ରାୟଗଡ଼ା ବିଧାୟକ ଆପାଲା ସ୍ୱାମୀ କାଡ୍ରାକା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ଏବଂ ବିଷମକଟକ ବିଧାୟକ ନୀଳମାଧବ ହିକକା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏମାନଙ୍କ ବ୍ୟତୀତ, ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ନିର୍ଦ୍ଦେଶିକା ରୀନା ନାଗର, ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ଯାମିନୀ ଷଡ଼ଙ୍ଗୀ ଏବଂ ରାୟଗଡ଼ା ଜିଲ୍ଲାପାଳ କୁଲକର୍ଣ୍ଣି ଆଶୁତୋଷ ପ୍ରମୁଖ ଉପସ୍ଥିତ ଥିଲେ।

ବିଟ୍ ବଜାରରେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

# ମାଛକଟା ପନିକିରେ ହାଣିଲେ, ଛାତି ଉପରେ ବୁଲେଟ୍ ଚଢ଼ାଇଲେ

କଣାସ, ୩।୫ (ସମିସ): ମାଛ କିଣିବାକୁ ଆସିଥିବା ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ। ମାଛକଟା ପନିକିରେ ହାଣିବା ସହ ଯୁବକଙ୍କ ଛାତିରେ ଗାଡ଼ି ଚଢ଼ାଇଦେଲେ। ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ କଣାସ ଗୋଲାବଜାର ମାଛ ମାର୍କେଟ୍‌ରେ ଦିନ ଆଲୁଅରେ ଏଭଳି ଏକ ଜଘନ୍ୟ ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୁରୁତର ଯୁବକଜଣଙ୍କ ହେଲେ, ଦୋକନ୍ଦା ଗ୍ରାମର ମୃତ୍ୟୁଞ୍ଜୟ ଭାରିମଲ୍ଲ (୨୯)। ଆକ୍ରମଣକାରୀମାନେ ତାଙ୍କୁ ସର୍ବସମ୍ମୁଖରେ ଆକ୍ରମଣ କରିଥିଲେ ହେଁ ଭୟରେ କେହି ତାଙ୍କୁ ବଞ୍ଚାଇବାକୁ ସାହସ କରିନଥିଲେ। ଏପରିକି, ଆକ୍ରମଣ ପରେ ମୃତ୍ୟୁଞ୍ଜୟ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଖାପାଖି ୩୦ ମିନିଟ୍ ଧରି ସେହିଠାରେ ସେମିତି ପଡ଼ି ରହିଥିଲେ। କେହି ତାଙ୍କୁ ଉଦ୍ଧାର କରିବାକୁ ଆଗେଇ ଆସି ନଥିଲେ। କଣାସ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତ୍ୟୁଞ୍ଜୟଙ୍କୁ ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ, ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ମୃତ୍ୟୁଞ୍ଜୟଙ୍କ ବଡ଼ ଭାଇ ସୌମ୍ୟରଞ୍ଜନଙ୍କ ଅଭିଯୋଗ ଆଧାରରେ ଆଜି ପୁଲିସ ନମ୍ବର ୧୦୬/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁଲିସ୍ ଘଟଣାସ୍ଥଳରୁ ମାଛକଟା ପନିକି ଜବତ କରିଛି। କିନ୍ତୁ, ଘଟଣାକୁ ୨୪ଘଣ୍ଟା ପରେ ବି ପୁଲିସ ଅଭିଯୁକ୍ତ କିମ୍ବା ସେମାନେ ଆସିଥିବା ସ୍କୁଟି ଓ ବାଇକ୍‌କୁ ଜବତ କରିପାରିନାହିଁ।

ମୃତ୍ୟୁଞ୍ଜୟଙ୍କ ବଡ଼ଭାଇ ସୌମ୍ୟରଞ୍ଜନଙ୍କ





ଅଭିଯୋଗ ଅନୁଯାୟୀ, ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ ମୃତ୍ୟୁଞ୍ଜୟ କଣାସ ଗୋଲାବଜାର ମାଛ ମାର୍କେଟ୍‌କୁ ମାଛ କିଣିବାକୁ ଆସିଥିଲେ। ଏହି ସମୟରେ ଧର୍ମେନ୍ଦ୍ର ବଡ଼ଜେନା, ସୁଧାଂଶୁ ମହାପାତ୍ର, ଅକ୍ଷୟ ରାଉତ, ଚନ୍ଦ୍ରକାନ୍ତ ଜେନା, ପିଣ୍ଟୁ ଗଜେନ୍ଦ୍ର ଏବଂ ସୋନୁ ପ୍ରମୁଖ ମାଛ ମାର୍କେଟ୍‌ରେ ପହଞ୍ଚିଥିଲେ। ପୂର୍ବ ବିବାଦକୁ ନେଇ ଅଭିଯୁକ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସେମାନେ ସେଠାରେ ମାଛ ବିକ୍ରି କରୁଥିବା ରଶ୍ମିରଞ୍ଜନ ବେହେରାଙ୍କଠାରୁ ମାଛକଟା ପନିକି ଛଡ଼ାଇ ଆଣି ମୃତ୍ୟୁଞ୍ଜୟଙ୍କ ଡାହାଣ ହାତ ଓ ଗୋଡ଼କୁ ହାଣି ପକାଇଥିଲେ। ସେ ତଳେ ପଡ଼ିଯିବା ପରେ ଅନ୍ୟ ମାରଣାସ୍ତ୍ରରେ ବାମ ଗୋଡ଼ ଓ ହାତକୁ ହାଣି ପକାଇଥିଲେ। ସେମାନେ ଏତେ ନୃଶଂସ ହୋଇପଡ଼ିଥିଲେ ଯେ ମୃତ୍ୟୁଞ୍ଜୟ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଥିବା ବେଳେ ସ୍କୁଟିରେ ବସିଥିବା ଜଣେ ଯୁବକ ତାଙ୍କ ଛାତିକୁ ଗୋଇଠା ପରେ ଗୋଇଠା ମାରି ଚାଲିଥିଲେ। ପରେ ବୁଲେଟ୍ ବାଇକ୍‌ରେ ବସିଥିବା ୩ଜଣ ଯୁବକ ତାଙ୍କ ଛାତି ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ଖାଲି ସେତିକି ନୁହେଁ, ସେଠାରେ ଉପସ୍ଥିତ ଲୋକଙ୍କୁ ମଧ୍ୟ ଧମକାଇଥିଲେ। କେହି ଯଦି ସାକ୍ଷୀ ଦିଏ, ଏହିପରି ହଣାଖାଇବ ବୋଲି ଧମକଚମକ ଦେବା ସହ ଗାଳିଗୁଲଜ କରି ଚାଲିଯାଇଥିଲେ। ଲୋକେ ଭୟଭୀତ ହୋଇ କେହି ପାଖକୁ ନ ଆସିବାରୁ ସେ ସେମିତି ୩୦ ମିନିଟ୍ ରାସ୍ତା ଉପରେ ପଡ଼ିରହିଥିଲେ।

ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପିପିଲି ଏସ୍‌ଡିପିଓ ଏବଂ ପୁରୀରୁ ଅତିରିକ୍ତ ଏସ୍‌ପି ଘଟଣାସ୍ଥଳକୁ ଆସି ତଦନ୍ତ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

# ଦୁଇ ଭଉଣୀଙ୍କ ସଲିଳ ସମାଧି

ନୀଳଗିରି, ୩।୫ (ସମିସ): ଗାଧୋଇବା ବେଳେ ପୋଖରୀରେ ବୁଡ଼ିଗଲେ ଦୁଇ ସଂପର୍କୀୟ ଭଉଣୀ। ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ସାଆନ୍ତା ନିକଟ ଭୂଇଁପଡ଼ା ଅଞ୍ଚଳରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ନାବାଳିକାଦ୍ୱୟ ହେଲେ, ରେମୁଣା ବ୍ଲକ ନୂଆଗାଁ ପଞ୍ଚାୟତ ଭୂଇଁପଡା ଗ୍ରାମର ସଞ୍ଜୟ ମଲ୍ଲିକଙ୍କ ଝିଅ ଅନ୍ନପୂର୍ଣ୍ଣା ମଲ୍ଲିକ (୧୦) ଓ ସୁଜିତ ମଲ୍ଲିକଙ୍କ ଝିଅ ଅନ୍ୟାସୀ ମଲ୍ଲିକ(୧୦)। ଦୁହେଁ ଆଜି ଦିନ ପ୍ରାୟ ସାଢ଼େ ୧୦ଟାରେ ଘର ପାଖରେ ଥିବା ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ଦୁହେଁ ପୋଖରୀର ଗଭୀର ଜାଳରାଶିକୁ ଚାଲିଯିବା ସହ ବୁଡ଼ିଯାଇଥିଲେ। ପାଖରେ କେହି ନଥିବାରୁ ଦୁହିଁଙ୍କୁ ଉଦ୍ଧାର କରାଯାଇପାରିନଥିଲା। ଅପରପକ୍ଷେ, ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ଖୋଜାଖୋଜି କରି ଦୁହିଁଙ୍କୁ ପୋଖରୀ ଭିତରୁ ଉଦ୍ଧାର କରିବା ବେଳକୁ ଡେରି ହୋଇଯାଇଥିଲା। ପରିବାରଲୋକେ ସେମାନଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ରାଜ୍ୟରେ ବଢ଼ିଚାଲିଛି ବାଲି ମାଫିଆଙ୍କ ଆତଙ୍କରାଜ: ବିଜେଡି

ଭୁବନେଶ୍ୱର,୩।୫(ସମିସ): ରାଜ୍ୟରେ ଦିନକୁ ଦିନ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି। କେଉଁଠି ତହସିଲଦାରଙ୍କୁ ଆକ୍ରମଣ ହେଲାଣି ତ କେଉଁଠି କର୍ତ୍ତବ୍ୟରତ ପୁଲିସ ଅଫିସରଙ୍କୁ ଗାଡି ଚଢାଇ ଜୀବନରୁ ମାରିଦେଲେଣି। ରାଜ୍ୟରେ ବାଲି ଚୋରା ଚାଲାଣର କାୟା ଦିନକୁ ଦିନ

- ସରକାରଙ୍କ ଜ୍ଞାତ ସାରରେ ଚାଲିଛି ବାଲି ଚୋରା ଚାଲାଣ
- ୟୁପି ଓ ବିହାର ଷ୍ଟାଇଲରେ ଓଡ଼ିଶାରେ ସଂଗଠିତ ହେଉଛି ଅପରାଧ
- ବିଜେପି ସରକାରରେ ଆଇନକୁ 'ଫୁ' କଲେଣି ବାଲି ମାଫିଆ

ବଢ଼ିବାରେ ଲାଗିଛି। ବାଲି ମାଫିଆମାନେ ଦିନ ଦ୍ୱିପ୍ରହରରେ ଖୁଲମଖୁଲା ଯେଉଁଭଳି ଅପରାଧମାନ ସଂଗଠିତ କରୁଛନ୍ତି ତାହା ରାଜ୍ୟ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ନଗ୍ନ ରୂପ ଦର୍ଶାଉଛି ବୋଲି ଅଭିଯୋଗ କରିଛି ବିଜେଡି।

ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ସଂଜୟ ଦାସବର୍ମା ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରି କହିଛନ୍ତି ଯେ ଗତ ୨ ତାରିଖରେ ସାକ୍ଷୀଗୋପାଳ ନିର୍ବାଚନମଣ୍ଡଳୀ କଣାସ ଥାନା ଅନ୍ତର୍ଗତ ଗୋଲବଜାରରେ ସକାଳ ୮ଟା ବେଳେ ବାଲି ମାଫିଆମାନେ ସର୍ବସମ୍ମୁଖରେ ଜଣେ ବ୍ୟକ୍ତିଙ୍କୁ ପନିକିରେ ହାଣି ମଟରସାଇକେଲ ଚଢାଇ ହତ୍ୟା ଉଦ୍ୟମ କରିଥିଲେ। ଯେଉଁଥିରେ ସାଧାରଣ ଲୋକ ଅତ୍ୟନ୍ତ ଭୟଭିତ ହେବା ସହ ରାଜ୍ୟ ସରକାରଙ୍କ ପୁଲିସ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟରେ ବାଲି ମାଫିଆମାନେ ବିଗତ ଦିନରେ କଟକରେ ପୁଲିସ କର୍ମଚାରୀଙ୍କୁ ଗାଡି ଚଢାଇ ହତ୍ୟା କରିଥିଲେ। ସେହିପରି ବ୍ୟାସନଗର ଅତିରିକ୍ତ ତହସିଲଦାରଙ୍କୁ ଗାଡି ଚଢାଇ ହତ୍ୟା ଉଦ୍ୟମ କରିବା, ଖୋଦ୍



ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝର, ଆନନ୍ଦପୁର ତହସିଲ କର୍ମଚାରୀଙ୍କୁ ଟ୍ରାକ୍ଟର ଚଢାଇ ହତ୍ୟା ଉଦ୍ୟମ କରିବା ଦୁର୍ଭାଗ୍ୟଜନକ। ବିଜେପି ଶାସିତ ଉତ୍ତର ପ୍ରଦେଶ ଓ ବିହାରରେ ଯେଉଁଭଳି ଭାବେ ଅପରାଧୀମାନେ ଆଇନ ବ୍ୟବସ୍ଥାକୁ 'ଫୁ' କରି ଅପରାଧମାନ ସଂଗଠିତ କରୁଛନ୍ତି, ସେହିଭଳି ବିଜେପି ଓଡ଼ିଶାରେ ଶାସନ ଭାରକୁ ଆସିଲା ପରେ ରାଜ୍ୟରେ ବାଲି ମାଫିଆମାନେ ଅନୁରୂପ ଆତଙ୍କରାଜ ଚଳାଉଛନ୍ତି। ସରକାର ବେଆଇନ ବାଲି ଖାଦାନ ଗୁଡିକୁ ଚିହ୍ନଟ କରି ତୁରନ୍ତ ବନ୍ଦ କରିବା ସହିତ ବାଲି ମାଫିଆମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଆଗାମୀ ଦିନରେ ଯଦି ରାଜ୍ୟ ସରକାର ଏହି ବେଆଇନ କାର୍ଯ୍ୟ ବନ୍ଦ କରିବା ପାଇଁ କଠୋର ପଦକ୍ଷେପ ନ ନିଅନ୍ତି, ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

# ମଧ୍ୟପ୍ରଦେଶରେ ଡଙ୍ଗାବୁଡ଼ି; ସରକାରଙ୍କୁ ସୁରକ୍ଷା ଚିନ୍ତା

ଭୁବନେଶ୍ୱର,୩।୫(ସମିସ): ମଧ୍ୟପ୍ରଦେଶରେ ଡଙ୍ଗାବୁଡ଼ି ଘଟଣାରେ ୧୩ଜଣଙ୍କ ମୃତ୍ୟୁ ପରେ ସତର୍କ ହୋଇଛନ୍ତି ରାଜ୍ୟ ସରକାର। ଓଡ଼ିଶାରେ ଚଳାଚଳ କରୁଥିବା ଡଙ୍ଗାଗୁଡ଼ିକର ସୁରକ୍ଷା ଓ ନିରାପତ୍ତା ସମ୍ପର୍କରେ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପ୍ରତି ଡଙ୍ଗା ବୁଡ଼ିବା ଘଟଣା ଉପରେ ଧ୍ୟାନ ଦେଇ ବୈଠକରେ ସୁରକ୍ଷା ପ୍ରୋଟୋକଲ ଗୁଡ଼ିକର ସମୀକ୍ଷା ହୋଇଥିଲା। ଡଙ୍ଗାରେ ବସିବା ମାତ୍ରେ ଯାତ୍ରୀମାନେ ଯେପରି ବାଧ୍ୟତାମୂଳକ ଭାବରେ ଲାଇଫ୍ ଜ୍ୟାକେଟ୍ ପିନ୍ଧିବେ, ତାହା ସୁନିଶ୍ଚିତ କରିବା ଡଙ୍ଗା ଚାଳକମାନଙ୍କର ଦାୟିତ୍ୱ ବୋଲି ବୈଠକରେ ଦର୍ଶାଯାଇଥିଲା। ଯାତ୍ରୀ କ୍ଷମତା ଅନୁସାରେ ନିୟମ ଅନୁଯାୟୀ ସମସ୍ତ ଡଙ୍ଗାରେ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫ୍ ଜ୍ୟାକେଟ୍, ଲାଇଫ୍ ବୟ ଏବଂ ଅଗ୍ନି ନିର୍ବାପକ ଯନ୍ତ୍ର ବହନ କରିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଡଙ୍ଗାଗୁଡ଼ିକରେ ଅଚାନକ ସୁରକ୍ଷା ଯାଞ୍ଚ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ଚାଳକ କ୍ଷମତାଠାରୁ ଅଧିକ ଭାର ବହନ (ଓଭରଲୋଡିଂ) କରୁଥିବାର ଧରାପଡ଼ନ୍ତି କିମ୍ବା ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଭାବେ ଲାଇଫ୍ ଜ୍ୟାକେଟ୍ ପିନ୍ଧାଇବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଡଙ୍ଗା ଚାଳକମାନଙ୍କୁ

**ଓଭର୍‌ଲୋଡିଂ ଏବଂ ନିୟମ ଉଲ୍ଲଂଘନ କଲେ କଠୋର ଦଣ୍ଡବିଧାନ ପାଇଁ ନିର୍ଦ୍ଦେଶ**

ସହାୟତା କରିବା ପାଇଁ, 'ସହିଦ ବାଜି ରାଉତ ନୌଯାତ୍ରା ସୁରକ୍ଷା ଯୋଜନା' ଅଧୀନରେ ସରକାର ଜୀବନ ରକ୍ଷାକାରୀ ଉପକରଣ ପ୍ରଦାନ କରୁଛନ୍ତି। ଏହି ଉପକରଣଗୁଡ଼ିକ ସରକାରୀ ଡଙ୍ଗାଗୁଡ଼ିକୁ ବିନା ମୂଲ୍ୟରେ ଏବଂ ବେସରକାରୀ ଚାଳକମାନଙ୍କୁ ୯୫ ପ୍ରତିଶତ ରିଆତିରେ ଯୋଗାଇ ଦିଆଯାଉଥିବା ବୈଠକର ଆଲୋଚନାରୁ ଜଣାପଡ଼ିଛି। ଏହି ବୈଠକରେ ଓଡ଼ିଶା ମାରିଟାଇମ ବୋର୍ଡ, ପର୍ଯ୍ୟଟନ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଇତ୍ୟାଦି ବିଭାଗର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇଥିଲେ।

# ପଶ୍ଚିମବଙ୍ଗରେ ଝଡ଼ ପୂର୍ବର ନିରବତା

## ଓଡ଼ିଶା ଉପରେ ପ୍ରଭାବ ପକାଇବ ପଶ୍ଚିମବଙ୍ଗ ଫଳ

କୋଲକାତା/ଭୁବନେଶ୍ୱର,୩।୫(ସମିସ): ଆସନ୍ତାକାଲି ପ୍ରକାଶ ପାଇବ ୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ଆସନ ନିର୍ବାଚନ ଫଳାଫଳ। ଏହାକୁ ନେଇ ସାରା ଦେଶରେ ଉକ୍ରଣ୍ଠା ସୃଷ୍ଟି ହୋଇଥିଲେ ହେଁ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଉପରେ ସାରା ଦେଶର ନଜର ରହିଛି । ସ୍ୱାଧୀନତା ପରେ ପ୍ରଥମଥର ପାଇଁ ପଶ୍ଚିମବଙ୍ଗ ଏକ ଭିନ୍ନ ନିର୍ବାଚନ ଦେଖିଛି। ପ୍ରଥମେ ଏସଆଇଆର୍‌ରେ ୯୨ ଲକ୍ଷ ଭୋଟରଙ୍କ ନାମ ବାଦ ଦିଆଯିବା, ଏହାକୁ ନେଇ ନିଜେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା, ନିର୍ବାଚନ କମିଶନଙ୍କ ବିଶ୍ୱସନୀୟତା ଉପରେ ଟିଏମସି ପ୍ରଶ୍ନ ଉଠାଇବା ଆଦି ଘଟଣା ମଧ୍ୟରେ ବିଜେପି ଓ ଟିଏମ୍‌ସି ମଧ୍ୟରେ ବାକଯୁଦ୍ଧ, ନିର୍ବାଚନ ପରିଚାଳନା ପାଇଁ ଅଢ଼େଇ ଲକ୍ଷ ଅର୍ଦ୍ଧସାମରିକ ବାହିନୀ ମୁତୟନ ଆଦି ଏହି ନିର୍ବାଚନକୁ ଘଟଣାବହୁଳ କରିଛି। ମାତ୍ର ପଶ୍ଚିମବଙ୍ଗ ନିର୍ବାଚନରେ ଓଡ଼ିଆ ଭୋଟରଙ୍କୁ ପ୍ରଭାବିତ କରିବାକୁ ଓଡ଼ିଶାର ବିଜେପି ନେତାଙ୍କ ପ୍ରଚାର ଏକ ଭିନ୍ନ ବାତାବରଣ ସୃଷ୍ଟି କରିଥିଲା। ପୁନଶ୍ଚ ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକରେ ଓଡ଼ିଶା ଓ ପଶ୍ଚିମବଙ୍ଗ ଜନସାଧାରଣଙ୍କ ପାରସ୍ପରିକ ସମ୍ପର୍କ ଥିବାରୁ ନିର୍ବାଚନ ଫଳ ନିଶ୍ଚିତ ଓଡ଼ିଶାକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି।

୨୦୧୧ ଜନଗଣନା ଅନୁସାରେ ପଶ୍ଚିମବଙ୍ଗରେ ଓଡ଼ିଆଭାଷୀ ଭୋଟରଙ୍କ ସଂଖ୍ୟା ଥିଲା ୧,୬୬,୧୯୯ । ମାତ୍ର ବାସ୍ତବିକତା ଦେଖିଲେ ଏହି ସଂଖ୍ୟା ଯଥେଷ୍ଟ ଅଧିକ କୁହାଯାଉଛି। ବିଶେଷଭାବରେ ପୂର୍ବ ଓ ପଶ୍ଚିମ ମେଦିନପୁର, ବାଙ୍କୁରା, ଝାରଗ୍ରାମ, କୋଲକାତା ମହାନଗର ନିଗମ ଅଞ୍ଚଳରେ ଓଡ଼ିଆଙ୍କ ଉପସ୍ଥିତି ରହିଛି। ଚଳିତ ନିର୍ବାଚନରେ ପ୍ରାୟ ୩ରୁ ୪ ଲକ୍ଷ ଓଡ଼ିଆ ଭୋଟର ମତଦାନ କରିଥିବା କୁହାଯାଉଛି । ମାତ୍ର ଓଡ଼ିଆଭାଷୀ ଭୋଟର କାହାକୁ ମତଦାନ କରିଛନ୍ତି, ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ; ପଶ୍ଚିମବଙ୍ଗରେ କିଏ ସରକାର ଗଢ଼ିବ ତାହା ବେଶୀ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି ।

ଏକ୍‌ଜିଟ୍ ପୋଲରେ ପଶ୍ଚିମବଙ୍ଗ ଫଳାଫଳ ସ୍ପଷ୍ଟ ପ୍ରଦର୍ଶିତ ହୋଇ ନାହିଁ । ୫ଟି ଏକ୍‌ଜିଟ୍ ପୋଲରେ ବିଜେପି ପଶ୍ଚିମବଙ୍ଗରେ ସରକାର ଗଢ଼ିବ ବୋଲି କୁହାଯାଇଥବାବେଳେ ୩ଟି ଏକ୍‌ଜିଟ୍ ପୋଲ ଫଳାଫଳ ଟିଏମ୍‌ସି ସପକ୍ଷରେ ଯାଇଛି। ଅତୀତରେ ୪ଟି ନିର୍ବାଚନରେ ଏକ୍‌ଜିଟ୍ ପୋଲର ପୂର୍ବାନୁମାନଠାରୁ ଟିଏମ୍‌ସି ଅଧିକ ଆସନ ପାଇଥିବା ଦେଖାଯାଇଛି । ମାତ୍ର ଚଳିତ ନିର୍ବାଚନରେ ଗୋଟିଏ ସଂସ୍ଥା ଭୋଟରଙ୍କ ନିରବତା ଯୋଗୁଁ ଏକ୍‌ଜିଟ୍ ପୋଲ୍ ଫଳ ପ୍ରକାଶ କରିବାକୁ ମନା କରିବା ପରେ ଅନ୍ୟ ଏକ୍‌ଜିଟ୍ ପୋଲର ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଛି। ଯେଉଁଠି ଭୋଟରମାନେ ନିରବ, ସେଠାରେ ଏକ୍‌ଜିଟ୍ ପୋଲ ସଂସ୍ଥାଗୁଡ଼ିକ ପୂର୍ବାନୁମାନ ଓ ଆସନ ଆକଳନ କଲେ କିପରି ?

ଉଭୟ ବିଜେପି ଓ ଟିଏମ୍‌ସି ନିର୍ବାଚନରେ ବିଜୟୀ ହେବେ ବୋଲି ଦାବି କରିଛନ୍ତି । ବିଜେପିର ନେତାମାନେ ୧୭୦ରୁ ଊର୍ଦ୍ଧ୍ୱ ଆସନ ଦାବି କରୁଥିବାବେଳେ ଟିଏମ୍‌ସି ୨୦୦ରୁ ଊର୍ଦ୍ଧ୍ୱ ଆସନ ଦାବି କରୁଛି । ଚଳିତ ନିର୍ବାଚନକୁ ଆଇଁଷ ରାଜନୀତି, କାବା ବନାମ ମା' କାଳୀ ନ୍ୟାରେଟିଭ, ୧୫ ବର୍ଷର ଆଣ୍ଟି ଇନ୍‌କମ୍ବେନ୍ସି, ଯୁବବର୍ଗର ଭୋଟ ପ୍ରଭାବିତ କରିଥିବା ବିଭିନ୍ନ ରାଜନୈତିକ ସମୀକ୍ଷକମାନେ ମତ ଦେଉଥିଲେ ହେଁ ବିଜେପି ବା ଟିଏମସିର ବିଜୟକୁ ସହଜ କରିବାରେ ଯେଉଁମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ, ସେମାନେ ହେଲେ ରାଜ୍ୟର ମହିଳା ଭୋଟର । ଗତ ଦେଢ଼ ଦଶନ୍ଧି ଧରି ରାଜ୍ୟର ମହିଳା ଭୋଟରମାନେ ମମତା ବାନାର୍ଜୀଙ୍କର ଦୃଢ଼ ସମର୍ଥକ ରହି ଆସିଛନ୍ତି । ମାତ୍ର କ୍ଷମତାକୁ ଆସିଲେ ବିଜେପି ମହିଳାଙ୍କୁ ମାସିକ ୩୦୦୦ ଟଙ୍କା ଆର୍ଥିକ ସହାୟତା ପାଇଁ ଯେଉଁ ଘୋଷଣା କରିଛି, ତାହା ମହିଳାଙ୍କୁ କେତେ ପ୍ରଭାବିତ କରିଛି ଓ ଭୋଟରେ ତାହା କେତେ ରୂପାନ୍ତରିତ ହୋଇଛି; ସେ କଥା ନିର୍ବାଚନ ଫଳାଫଳ ଆସିବା ପରେ ଜଣାପଡ଼ିବ ।

ଏହାବ୍ୟତୀତ ଚଳିତ ନିର୍ବାଚନରେ ବିଜେପି ବିଶେଷ ଭାବରେ ବୁଥ୍ ପରିଚାଳନା ଉପରେ ଧ୍ୟାନ ଦେଇଛି । ବାମଦଳକୁ କ୍ଷମତାରୁ ବିଦା କରିବା ପାଇଁ ମମତା ୨୦୧୧ରେ ଯେଉଁ ଢ଼ାଞ୍ଚା ଆପଣେଇଥିଲେ , ୨୦୨୬ରେ ବିଜେପି ମମତାଙ୍କ ବିରୋଧରେ ଠିକ୍ ସେହି ଢ଼ାଞ୍ଚା ପ୍ରୟୋଗ କରିଛି । କେନ୍ଦ୍ର ଗୃହମନ୍ତ୍ରୀ ତଥା ଦଳର ଅନ୍ୟତମ ଶୀର୍ଷ ନେତା ଅମିତ୍ ଶାହାଙ୍କ 'ଥ୍ରୀ ଏଏମ୍ ନକ୍ସା', ଅର୍ଥାତ୍ ରାତି ୩ଟା ପର୍ଯ୍ୟନ୍ତ ବୁଥ୍ ପରିଚାଳନା ପାଇଁ ତନ୍ନତନ୍ନ ଅନୁଧ୍ୟାନ ଓ ତଦନୁରୂପ ପଦକ୍ଷେପ ମଧ୍ୟ ଫଳାଫଳକୁ ପ୍ରଭାବିତ କରିବ ବୋଲି କୁହାଯାଉଛି । ୨୦୨୪ରେ ଓଡ଼ିଶାରେ ନ୍ୟାରେଟିଭ୍ ପ୍ରସ୍ତୁତ କରିବା ଓ ତାହାକୁ ବହୁଳ ପ୍ରଚାର କରି ବିଜେପି ସଫଳତା ପାଇଥିଲା, ଏବେ ୨୦୨୬ରେ ପଶ୍ଚିମବଙ୍ଗରେ ଅବିକଳ ତାହାର କପିକୁ ବିଜେପି ପ୍ରୟୋଗ କରିଛି। ତେବେ ନିଜ ଯୋଜନାରେ ବିଜେପି କେତେ ସଫଳ ହୋଇଛି ଓ ବଙ୍ଗ ମାଟିରେ ବିଜେପିର ଚେର ମାଡ଼ିବାକୁ ଟିଏମସି କେତେ ସଫଳ ହେବ ଆସନ୍ତାକାଲି ତାହା ସ୍ପଷ୍ଟ ହୋଇଯିବ।

# ବଜ୍ରପାତରେ କାନ୍ଥ ପଡ଼ି ନାବାଳିକା ମୃତ

କୁନ୍ଦୁରା, ୩।୫ (ସମିସ): କୁନ୍ଦୁରା ବ୍ଲକ୍ ଦିଗାପୁର ପଞ୍ଚାୟତ ପୁରୁଣା ଘସର୍ଡାରେ ବଜ୍ରପାତରେ କାନ୍ଥ ପଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳିକାଜଣଙ୍କ ହେଲେ, ସରସ୍ୱତୀ ହରିଜନ (୧୩)। ସେ ଗୁଣ୍ଡାଳ ଆଦର୍ଶ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢୁଥିଲେ। ଆଜି ଅପରାହ୍ଣ ପ୍ରାୟ ୫ଟାରେ କାଳବୈଶାଖୀ ଜନିତ ବର୍ଷା, ପବନ ହୋଇଥିଲ। ଏହି ସମୟରେ ସରସ୍ୱତୀ ଶୁଖାଇଥିବା ଲୁଗା କାଢିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ପାଚେରିଟି ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ସରସ୍ୱତୀଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରିବାରଲୋକେ ତାଙ୍କୁ ତୁରନ୍ତ ଜୟପୁର ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ପରିବାର ପକ୍ଷରୁ ବୈପାରୀଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ରଥଯାତ୍ରା ପୂର୍ବରୁ ସିଂହଦ୍ୱାର ଆଗରେ ମଇଳା ପାଣିର ସୁଅ





**ପୁରୀ,୩।୫(ସମିସ):** ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଲକ୍ଷ ଲକ୍ଷ ଭକ୍ତ ଶ୍ରୀକ୍ଷେତ୍ରକୁ ଛୁଟି ଆସିବା ପାଇଁ ଦିନ ଗଣୁଥିବାବେଳେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖର ବାସ୍ତବ ଚିତ୍ର ସମସ୍ତଙ୍କୁ ମର୍ମାହତ କରିଛି। ପରିକ୍ରମା ପ୍ରକଳ୍ପ ଭିତରେ ମଇଳା ପାଣି ଭାସୁଛି। ଦୁର୍ଗନ୍ଧରେ ନାକ ଟେକି ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ଓ ପରିକ୍ରମା କରୁଛନ୍ତି। ରବିବାର ସକାଳେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ନିକଟରେ। ଏକ ମ୍ୟାନ୍‌ହୋଲ୍ ଉଚ୍ଛୁଳି ମଇଳା ପାଣି ବଡ଼ଦାଣ୍ଡରେ ଭାସୁଥିଲା। ସିଂହଦ୍ୱାର ସମ୍ମୁଖ ଭାଗରୁ ଏହି ଦୁର୍ଗନ୍ଧଯୁକ୍ତ ପାଣି ସିଂହଦ୍ୱାର ଥାନା ଆଡ଼କୁ ମାଡ଼ିଥିଲା। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବାକୁ ସକାଳୁ ଆସିଥିବା ଶ୍ରଦ୍ଧାଳୁମାନେ ଏଭଳି ଦୃଶ୍ୟ ଦେଖି ମର୍ମାହତ ହୋଇପଡ଼ିଥିଲେ। ସିଂହଦ୍ୱାର ସମ୍ମୁଖରେ ସକାଳୁ ସକାଳୁ ମଇଳା ପାଣିର ସୁଅ ଛୁଟିବାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଭକ୍ତମାନେ ଗୋଡ଼ ଟେକି ଟେକି ନାକରେ ରୁମାଲ ଦେଇ ଯାତାୟାତ କରିଥିଲେ। ଗାଡ଼ିମୋଟର ଏହା ଉପରେ ମାଡ଼ି ଯିବାଆସିବା କରୁଥିଲା।

ଖବର ପାଇବା ପରେ ପୁରୀ ମହାନଗର ନିଗମର ସଫେଇ କର୍ମଚାରୀମାନେ ପହଞ୍ଚିଥିଲେ। ଉଚ୍ଛୁଳୁଥିବା ମ୍ୟାନ୍‌ହୋଲ୍ ଘୋଡ଼ଣୀ କାଢ଼ି ଏହାକୁ ମରାମତି କରିଥିଲେ। ଏହାପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶନିବାର ରାତି ପ୍ରାୟ ୨ଟା ପରଠାରୁ ଏହି ମ୍ୟାନ୍‌ହୋଲ୍ ଉଚ୍ଛୁଳିବା ଆରମ୍ଭ କରିଥିଲା। ଫଳରେ ମଇଳା ପାଣି ଧୀରେ ଧୀରେ ବଡ଼ଦାଣ୍ଡରେ ମାଡୁଥିଲା। ସକାଳେ ଏଥିରୁ ଅଧିକ ମାତ୍ରାରେ ମଇଳା ପାଣି ବାହାରିବା ପରେ ସିଂହଦ୍ୱାର ସମ୍ମୁଖରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ତେବେ ଏହାକୁ ନେଇ ବାହାରୁ ଆସିଥିବା ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପଶ୍ଚିମବଙ୍ଗରୁ ଆସିଥିବା ମୌମିତା ଦାସ କହିଥିଲେ, ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ମାର୍ଗ ହେଲା। ହେଲେ ଏବେ ସିଂହଦ୍ୱାର ସମ୍ମୁଖରେ ଅଳିଆ ଭାସୁଛି। ଜଗନ୍ନାଥଙ୍କ ଧାମରେ ଏମିତି ଅପରିଷ୍କାର? ଏହା କ'ଣ ମହାପ୍ରଭୁଙ୍କ ପ୍ରତି ଅପମାନ ନୁହେଁ? ସହରର ବୁଦ୍ଧିଜୀବୀ ସନ୍ତୋଷ ସାହୁ କହିଛନ୍ତି, 'ରଥଯାତ୍ରା ପାଇଁ ଆଉ ମାତ୍ର ଦିନ କେଇଟା ଅଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସିବେ। ସେତେବେଳେ ଯଦି ଏଭଳି ସ୍ଥିତି ଉପୁଜେ ତେବେ ଭକ୍ତମାନଙ୍କ ମନରେ ପୁରୀ ପ୍ରତି କି ପ୍ରକାର ଭାବନା ଆସିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟ ଜଣେ ପୁରୀବାସୀ ସମୀର ମହାନ୍ତି କହିଛନ୍ତି, ପରିକ୍ରମା ମାର୍ଗରେ ଖାଦ୍ୟ, ପଲିଥିନ୍, ଫୁଲ ପକାଇବା ଉପରେ ସମ୍ପୂର୍ଣ୍ଣ ବାରଣ କରାଯାଉ। କୋଟି କୋଟି ଭକ୍ତଙ୍କ ଆସ୍ଥା, ଭାବାବେଗ ସହ ଜଡ଼ିତ ଶ୍ରୀମନ୍ଦିର। ଯଦି ସିଂହଦ୍ୱାର ସମ୍ମୁଖରେ ଭକ୍ତ ନାକ ଟେକି ମହାପ୍ରଭୁଙ୍କୁ ଦର୍ଶନ କରିବେ, ତେବେ ତାହା କେବଳ ପ୍ରଶାସନ ପାଇଁ ନୁହେଁ ସମଗ୍ର ଓଡ଼ିଶା ପାଇଁ ଲଜ୍ଜାର ବିଷୟ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପ୍ରଶାସନର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

■ ନାକ ଟେକି ମହାପ୍ରଭୁଙ୍କୁ ଦର୍ଶନ କଲେ ଭକ୍ତ
■ ପ୍ରଶାସନିକ ପ୍ରସ୍ତୁତି ଉପରେ ପ୍ରଶ୍ନ ଚିହ୍ନ

## ସାପ କାମୁଡ଼ାରେ ଗଲା ୨ ଜୀବନ

ଦିଗପହଣ୍ଡି/ଛତ୍ରପୁର, ୩।୫(ସମିସ): ସାପକାମୁଡ଼ାରେ ଗଲା ୨ ଜୀବନ। ଶନିବାର ବିଳମ୍ବିତ ରାତିରେ ଦିଗପହଣ୍ଡି ବ୍ଲକ୍ କଇଠଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ତଲାସିଂ ଗ୍ରାମର ଜଣେ ଯୁବତୀଙ୍କୁ ଚିତି ସାପ କାମୁଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ଯୁବତୀଜଣଙ୍କ ହେଲେ, ଦିଗପହଣ୍ଡି ଥାନା ତଲାସିଂ ଗ୍ରାମର ନିଳାଞ୍ଚଳ ଗୌଡ଼ଙ୍କ ଝିଅ ଶ୍ରୁତି ଗୌଡ଼ (୧୮)। ଶ୍ରୁତି ସବୁଦିନ ଭଳି ଶନିବାର ରାତିରେ ଖାଇସାରି ପରିବାରଲୋକଙ୍କ ସହ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ସେ ଘର ବାହାରକୁ ପରିସ୍ରା କରିବାକୁ ଉଠିଥିବା ବେଳେ ଏକ ଚିତି ସାପ ତାଙ୍କ ଡାହାଣ ହାତକୁ କାମୁଡ଼ି ଦେଇଥିଲା। ଏ ସଂପର୍କରେ ସେ ପରିବାରଲୋକଙ୍କୁ ଜଣାଇବା ପରେ ଅଚେତ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ପରିବାରଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭୋର୍‌ରେ ତାଙ୍କର ମୃତ୍ୟୁ ହୋଇଥିବା ଉପସ୍ଥିତ ଡାକ୍ତର ପରିବାରକୁ ଜଣାଇଥିଲେ। ପରେ ବ୍ରହ୍ମପୁର ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ଅପରାହ୍ନରେ ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ସେହିପରି, ଛତ୍ରପୁର ବ୍ଲକ୍ଅ ନ୍ତର୍ଗତ ସିନ୍ଦିରାପଲ୍ଲୀ ଗ୍ରାମର ସାବିତ୍ରୀ ପ୍ରଧାନ(୪୫) ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକ ତାଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚମାଖଣ୍ଡି ସରପଞ୍ଚ ସି.ଏଚ୍. ମନୋଜ ରେଡ୍ଡୀ ସୂଚନା ଦେଇଛନ୍ତି।

## ରାଜମିସ୍ତ୍ରିଙ୍କୁ ଚାପିଦେଲା ମିକ୍ସଚର ମେସିନ୍

ଭଞ୍ଜନଗର,୩।୫(ସମିସ): କଲଭର୍ଟ କାମ ଚାଲିଥିବା ବେଳେ ଘଟିଲା ଅଘଟଣ। ଉପରୁ ୩୦ ଫୁଟ ତଳକୁ ମିକଶ୍ଚର ମେସିନ୍‌ରୁ କଙ୍କ୍ରିଟ୍ ଢଳେଇ ଚାଲୁଥିବା ବେଳେ ହଠାତ୍ ମାଟି ସହ ମିକଶ୍ଚର ମେସିନ୍‌ଟି ତଳକୁ ଖସି ପଡ଼ିଥିଲା। ଏହି ସମୟରେ ସେଠାରେ କାମ କରୁଥିବା ୩ ଜଣ ଶ୍ରମିକ ବର୍ତ୍ତି ଯାଇଥିବା ବେଳେ ସେଠାରେ କାମ କରୁଥିବା ରାଜମିସ୍ତ୍ରୀ ଉପରେ ମାଟି ଅତଡା ସହ ମିକଶ୍ଚର ମେସିନ୍‌ଟି ମାଡି ବସିବା କାରଣରୁ ସେ ମାଟି ତଳେ ଚାପି ହୋଇ ରହି ଯାଇଥିଲେ। ପୁଲିସ ସମେତ ଦମକଳ ବାହିନୀ ପହଞ୍ଚି ମିକଶ୍ଚର ମେସିନ୍ ହଟାଇ ମାଟି ତଳେ ବହୁ ଖୋଜାଖୋଜି କରିଥିଲେ। ଆଉ ଶେଷରେ ୩ ଘଣ୍ଟାର ମାରାଥନ ଖୋଜାଖୋଜି ପରେ ମାଟି ତଳେ ପୋତି ହୋଇଯାଇଥିବା ରାଜମିସ୍ତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ମଦନ ସିଂ (୩୬) ଓ ତାଙ୍କ ଘର ଝାଡ଼ଖଣ୍ଡରେ ବୋଲି ପ୍ରାଥମିକ ଭାବେ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ଭଞ୍ଜନଗର ବ୍ଲକ ଅନ୍ତର୍ଗତ ତିଳିସିଙ୍ଗି ଗ୍ରାମର ପଛ ପଟ ଦେଇ ଯାଇଥିବା ରାସ୍ତା ଉପରେ ଥିବା ଏକ କଲଭର୍ଟ ନିର୍ମାଣ କାର୍ଯ୍ୟ ଚାଲିଥିଲା। କାଳବୈଶାଖୀ ଜନିତ ଲଗାଣ ବର୍ଷାରୁ ନିର୍ମାଣ ଚାଲିଥିବା ସ୍ଥାନରେ ମାଟି ଧୋଇ ହୋଇ ସାମାନ୍ୟ ହାଲୁକା ହୋଇଯାଇଥିବା ବେଳେ ରବିବାର ଅପରାହ୍ନ ୪ଟା ବେଳେ ସେହି ସ୍ଥାନରେ ୩୦ ଫୁଟ ତଳକୁ ସିମେଣ୍ଟ କଙ୍କ୍ରିଟ୍ ଢାଳୁଥିବା ମିକଶ୍ଚର୍ ମେସିନ୍‌ଟି ଖସି ପଡ଼ିଥିଲା। ଫଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଗଲା। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତାରା ସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି। ଛାତ୍ର ଗଣେଶ ମହାରଣା ୫୪୧ ମାର୍କ ରଖି ବ୍ଲକରେ ତୃତୀୟ ସ୍ଥାନ ରେ ରହିଥିବା ଜଣାପଡ଼ିଛି।

# ନରସିଂହପୁର ଜଙ୍ଗଲରେ ପୁଣି ହାତୀ ମୃତ

ନରସିଂହପୁର, ୩।୫ (ସମିସ): ନରସିଂହପୁର ପୂର୍ବ ବନ ବିଭାଗ ଅଧୀନ ବୋକଡା ସେକ୍ସନ୍ ଗୁପ୍ତମାଣିକ ବିଟ୍ କଂସେଇଲୋ ଜଙ୍ଗଲରେ ଗୋଟିଏ ୫୫ରୁ ୬୦ବର୍ଷର ମାଇ ହାତୀର ମୃତ୍ୟୁ ଘଟିଛି। ମୃତ ମାଇ ହାତୀଟି କିଛି ଦିନ ଧରି ବାର୍ଦ୍ଧକ୍ୟ ଅବସ୍ଥାରେ ଥାଇ ଶନିବାର ମୃତ୍ୟୁବରଣ କରିଛି। ହାତୀ ମୃତ୍ୟୁ ଘଟଣା ବିଭାଗ ପାଖରେ ରବିବାର ପହଞ୍ଚିବା ପରେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହି ହାତୀକୁ ମିଶାଇ ଗତ ୩ ମାସ ମଧ୍ୟରେ ନରସିଂହପୁର ପୂର୍ବ ଓ ପଶ୍ଚିମ ବନାଞ୍ଚଳରେ ୭ଟି ହାତୀଙ୍କର ମୃତ୍ୟୁ ଘଟିସାରିଲାଣି। ଖବର ପାଇ ପୂର୍ବ ବନାଞ୍ଚଳ ରେଞ୍ଜର କୁଳେସ ଚନ୍ଦ୍ର ସାହୁ, ଆଠଗଡ଼ ଡିଏଫ୍‌ଓଙ୍କ ସମେତ ବନ ବିଭାଗ କର୍ମଚାରୀ ପ୍ରାଣୀ ଚିକିତ୍ସା ଅଧିକାରୀ ସୌଭାଗ୍ୟ ଦାଶ ଘଟଣାସ୍ଥଳରେ ପହଞ୍ଚି ହାତୀର ଶବ ବ୍ୟବଚ୍ଛେଦ କରି ସେଠାରେ ପୋତି ଦେଇଥିଲେ। ବୟସାଧିକ କାରଣରୁ ହାତୀର ମୃତ୍ୟୁ ଘଟିଥିବା ରେଞ୍ଜର ଶ୍ରୀ ସାହୁ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ଏପ୍ରିଲ ୧୭ତାରିଖରେ ଏହି ସେକ୍ସନରେ ଏକ ଅସୁସ୍ଥ ମାଇ ହାତୀ ଚିକିତ୍ସାଧୀନ



ଅବସ୍ଥାରେ ମୃତ୍ୟୁ ମାର୍ଚ୍ଚ ୩୧ ତାରିଖରେ ପୂର୍ବ ବନ ବିଭାଗ ଅଧୀନ ସେରମୁଣ୍ଡା ଖାରୁଆଣୀ ବିଟ୍ ନିକଟରେ ଦୁଇ ମାସର ଦନ୍ତା ହାତୀ ଛୁଆର ମୃତ୍ୟୁ ଘଟିଥିବା ବେଳେ ମାର୍ଚ୍ଚ ୨୦ତାରିଖରେ ପୂର୍ବ ବନାଞ୍ଚଳ ଅଧୀନସ୍ଥ ଖାରୁଆଣୀ ବିଟ୍ ଖେସେରା ଜଙ୍ଗଲରେ ୫ ରୁ ୬ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ମାର୍ଚ୍ଚ ୧୭ ତାରିଖରେ ନରସିଂହପୁର ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବାରସିଙ୍ଗା ସେକ୍ସନ ବାଲିକିଆରୀ ବିଟ୍‌ର ଶିଶୁପଥର ଗ୍ରାମ ନିକଟରେ ୭ରୁ ୮ ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଫେବୃଆରୀ ୧୩ ତାରିଖରେ ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ବାଲିକିଆରୀ କମ୍ପାନମେଣ୍ଟ-୨ ଜଙ୍ଗଲରେ ୫ରୁ ୬ବର୍ଷର ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଚଳିତବର୍ଷ ଜାନୁଆରୀ ୧୪ତାରିଖରେ ପଶ୍ଚିମ ବନାଞ୍ଚଳ ଅଧୀନ ବୀରସିଂହପୁର ଗ୍ରାମ ନିକଟରେ ୫୦ବର୍ଷର ମାଇହାତୀର ମୃତ୍ୟୁ ମୃତ୍ୟୁ ଘଟିଥିଲା। ଗତ ଜାନୁଆରି ୧୪ତାରିଖରୁ ମେ' ୩ତାରିଖ ମଧ୍ୟରେ ଉଭୟ ପୂର୍ବ ଓ ପଶ୍ଚିମ ବନାଞ୍ଚଳ ଅଧୀନରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଛି।

■ ପ୍ଲଟ୍ ବ୍ୟବସାୟୀ ସୁଧୀର ହତ୍ୟା ମାମଲା

## ଜେଲ୍ ଫେରିଲେ ରିମାଣ୍ଡରେ ଆସିଥିବା ୨ ଅଭିଯୁକ୍ତ

ବ୍ରହ୍ମପୁର,୩।୫(ସମିସ): ଗୋପାଳପୁର ଥାନା ପୁଲିସ ପ୍ଲଟ୍ ବ୍ୟବସାୟୀ ସୁଧୀର ପାତ୍ର ହତ୍ୟା ମାମଲାରେ ଅଭିଯୁକ୍ତ ଶୁଭମ ଗୌଡ଼ ଓ ଶୁଭମ ନାୟକଙ୍କୁ ଦୁଇଦିନିଆ ରିମାଣ୍ଡରେ ଜେରା କରିଥିଲା। ଗତକାଲି ପୁଲିସ ଅଭିଯୁକ୍ତଙ୍କୁ ନେଇ ସୁଧୀର ଅପହରଣର କ୍ରାଇମ ସ୍ପଟରେ ପହଞ୍ଚିଥିଲା। ସେଠାରେ ଶୁଭମ ତାଙ୍କ ବୋଲେରୋ ଗାଡି କେଉଁ ଠାରେ ଲୁଚାଇ ରଖିଥିଲେ। ସେହି ଗାଡ଼ିରେ ତାଙ୍କ ସହ ଅନ୍ୟ କେଉଁ କେଉଁମାନେ ଥିଲେ। ସୁଧୀରଙ୍କୁ ଅପହରଣ ବେଳେ ତାଙ୍କ ମୁଣ୍ଡରେ କିଏ କିଏ ବନ୍ଧୁକ ରଖିଥିଲେ। ସେଠାରୁ ସେମାନେ ଗାଡ଼ି କେଉଁ ଦିଗରେ ନେଇ ପ୍ରଥମେ କେଉଁ ସ୍ପଟକୁ ଯାଇଥିଲେ ସେ ସବୁର ସିନ ରିକ୍ରିଏସନ ବେଳେ ଶୁଭମ ନାୟକ ପୁଲିସକୁ ଡେମୋ କରି ଦେଖାଇଥିଲା। ଆଜି ପୁଲିସ ଉଭୟ ଶୁଭମଙ୍କୁ ନେଇ ବିଭିନ୍ନ ସ୍ଥାନରେ ସିନ ରିକ୍ରିଏସନ କରିବା ପରେ କୋର୍ଟରେ ହାଜର କରି ଜେଲ ହଜାତକୁ ପଠାଇଛି। ଶୁଭମ ନାୟକ ହେଉଛି ଗାଡ଼ି ମାଲିକ। ସୁଧୀରଙ୍କୁ ଅପହରଣ ପରେ ତାଙ୍କୁ ୫ହଜାର ଟଙ୍କା ମିଳିଥାନ୍ତା। କିନ୍ତୁ ଶୁଭମ ଗୌଡ଼ ଏହା ପାଇଁ ଲକ୍ଷେ ଟଙ୍କା ନେଇଥାନ୍ତା। କାହିଁକି ନା ଶୁଭମ ଗୌଡ଼ ହିଁ ସୁଧୀର ଅପହରଣ ପାଇଁ ଗାଡ଼ି ଠିକ୍ କରିଥିଲେ।

### ଜଳ ପରିଚାଳନା ସମସ୍ୟା

## ଜୋଙ୍କ ଜଳସେଚନ ପ୍ରକଳ୍ପ ଅଞ୍ଚଳ ଗସ୍ତ କରିବ ବିଜେଡି ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୩।୫(ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଆସନ୍ତା ୫ ତାରିଖରେ ଜୋଙ୍କ ଜଳସେଚନ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳଗୁଡ଼ିକୁ ଗସ୍ତ କରିବ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ। ଏନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗସ୍ତ ଅନୁଚିତ ଜଳ ପରିଚାଳନା ସମ୍ପର୍କିତ ଗୁରୁତର ଚିନ୍ତାବୋଧକୁ ଦୃଷ୍ଟିରେ ରଖି କରାଯାଉଛି, ଯାହା ଫଳରେ ୪ହଜାର ହେକ୍ଟରରୁ ଅଧିକ ଧାନ ଚାଷ ପ୍ରଭାବିତ ହୋଇଛି ଏବଂ ୭୦ପ୍ରତିଶତରୁ ଅଧିକ ଫସଲ କ୍ଷତି ହେବାର ସମ୍ଭାବନା ରହିଛି। ରାଜ୍ୟସ୍ତରୀୟ ନେତୃତ୍ୱଙ୍କ ସହ ସ୍ଥାନୀୟ ନେତୃତ୍ୱଙ୍କ ଉପସ୍ଥିତି, ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା କୃଷକମାନଙ୍କର କଣ୍ଠସ୍ୱରକୁ ସୁଦୃଢ କରିବା ସହ ତାଙ୍କର ଅଭିଯୋଗଗୁଡ଼ିକୁ ସଠିକ ଭାବେ ମୂଲ୍ୟାଙ୍କନ ଓ ସମାଧାନ କରିବାରେ ସହାୟକ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ପୂର୍ବତନ ବିଧାୟିକା ତଥା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ବିଧାୟକ ତଥା କଳାହାଣ୍ଡି ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ, ବିଧାୟିକା ବର୍ଷା ସିଂହ ବରିହା, ପୂର୍ବତନ ବିଧାୟକ ଏବଂ ବଲାଙ୍ଗୀର ଜିଲ୍ଲା ବିଜେଡି ସଭାପତି ସରୋଜ ମେହେର, ନୂଆପଡ଼ା ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଶୀ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ର, ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ବିଜେଡି ରାଜ୍ୟ ସମ୍ପାଦକ ରାଜେଶ ନିଗମ, ବିଜେଡି ରାଜ୍ୟ ସମ୍ପାଦକ ଏମଡି ଜୁନେଦ, ନୂଆପଡ଼ା ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲା ପରିଷଦ ସଦସ୍ୟ ମୁରଲୀଧର ଭୋଇ, ଭାନୁ ପ୍ରତାପ ସିଂହ ମାଝୀ ଓ ଉମା ଠାକୁର ପ୍ରମୁଖ ରହିଛନ୍ତି।

ଏହାସହ ନୂଆପଡ଼ା ବିଜେଡିର ବ୍ଲକ୍‌ସ୍ତରୀୟ କର୍ମକର୍ତ୍ତାମାନେ ମଧ୍ୟ ଏହି ଗସ୍ତରେ ଯିବେ। ପ୍ରତିନିଧିମଣ୍ଡଳୀ ପ୍ରଭାବିତ କୃଷକମାନଙ୍କ ସହ ଆଲୋଚନା କରିବା ସହିତ ବିସ୍ତୃତ ମୂଲ୍ୟାଙ୍କନ କରିବେ। ଏହାପରେ ୪ରୁ ୫ ଦିନ ମଧ୍ୟରେ ବିଜେଡିର ସଭାପତିଙ୍କ ନିକଟରେ ସବିଶେଷ ରିପୋର୍ଟ ଦାଖଲ କରାଯିବ, ଯେଉଁଥିରେ ପରିସ୍ଥିତିର ବିବରଣୀ ଏବଂ ଆବଶ୍ୟକ ସୁପାରିଶଗୁଡ଼ିକ ରହିବ ବୋଲି ଜଣାପଡ଼ିଛି।

● ଏମକେସିଜି ନ୍ୟୁରୋସର୍ଜରୀ ବିଭାଗରେ ଜଟିଳ ଅସ୍ତ୍ରୋପଚାର

## ୩ ବର୍ଷର ଶିଶୁ ମୁଣ୍ଡରୁ ବାହାରିଲା କାଠଖଣ୍ଡ

ବ୍ରହ୍ମପୁର, ୩।୫(ସମିସ): ଏମକେସିଜି ମେଡ଼ିକାଲର ନ୍ୟୁରୋସର୍ଜରି ବିଭାଗ ପକ୍ଷରୁ ଏକ ବିରଳ ଅସ୍ତ୍ରୋପଚାର କରାଯାଇଛି। ତିନି ବର୍ଷର ଶିଶୁ ଓମଙ୍କ ମୁଣ୍ଡରୁ ଅସ୍ତ୍ରୋପଚାର କରି ୮ ସିମି ଲମ୍ବା କାଠ ଖଣ୍ଡକୁ ବାହାର କରାଯାଇଛି। ଶିଶୁର ମୁଣ୍ଡରୁ କାଠ ଖଣ୍ଡକୁ ବାହାର ପରେ ଅକଥନୀୟ ଯନ୍ତ୍ରଣାରୁ ମୁକ୍ତି ପାଇଛନ୍ତି। ବର୍ତ୍ତମାନ ଓମ୍‌ଙ୍କ ଶିଶୁ ବିଭାଗର ପିକୁରେ ଚିକିତ୍ସା ଜାରି ରହିଛି। ନ୍ୟୁରୋସର୍ଜରି ବିଭାଗ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଡା.ତୁଷାରକାନ୍ତ ରଥ, ଡା.ଦେବଦତ୍ତ ସେନାପତି, ଡା.ଦେବଶ୍ରୀ ମହାରଣା, ଡା. ପି.ହରିପ୍ରସାଦ, ଡା. ଉମାଶଙ୍କର ସାସମଲ ଓ ନିଶ୍ଚେତକ ବିଭାଗର ଡା.ସଞ୍ଜୀବ ପାତ୍ର, ଡା. ବିପିନି ବିହାରୀ ମଲ୍ଲିକ, ଡା. ନିବେଦିତା ସାହୁ, ଡା. ସନ୍ୟାସୀ ସେଠୀ ସ୍ୱତନ୍ତ୍ର ଟିମ୍‌ରେ ଅସ୍ତ୍ରୋପଚାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭଗବତୀ ନଗର ଅଞ୍ଚଳର ସଞ୍ଜିତ ହରିଜନ ଓ ସବିତା ହରିଜନଙ୍କ ପୁଅ ଓମ ହରିଜନ(୩) ଗତ ମଙ୍ଗଳବାର ଘର ନିକଟରେ ଥିବା ଏକ ଆମ୍ବଗଛ ତଳେ ଖେଳୁଥିବା ସମୟରେ ଗଛର ଡାଳ ଓମ୍ ମୁଣ୍ଡରେ ପଡ଼ିଯାଇଥିଲା। ଫଳରେ କାଠ ଖଣ୍ଡ ଓମ୍ ମୁଣ୍ଡରେ ପଶିଯାଇଥିଲା। ପରିବାର ଲୋକ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡ଼ାକ୍ତର କୋରାପୁଟ ସ୍ଥିତ ଏସଏଲଏନ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରୁ ଉତ୍ତମ ଚିକିତ୍ସା ନିମନ୍ତେ ଓମକୁ ଡାକ୍ତର ଏମକେସିଜି ମେଡ଼ିକାଲକୁ ସ୍ଥାନାନ୍ତରିତ କରିଥିଲେ। ମେଡ଼ିକାଲର ନ୍ୟୁରୋସର୍ଜରୀ ବିଭାଗ ମୁଖ୍ୟ ଡା. ରବି ନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଡାକ୍ତରଙ୍କ ଟିମ୍ ଓମ୍‌ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରାୟ ସାଢ଼େ ୩ ଘଣ୍ଟାରୁ ଅଧିକ ସମୟ ଧରି ଅସ୍ତ୍ରୋପଚାର କରି ମୁଣ୍ଡ ଭିତରେ ପଶିଥିବା ୮ସିମି ଲମ୍ବା କାଠ ଖଣ୍ଡକୁ ବାହାର କରିଥିଲେ।



ଏନ୍‌ଇପି କାର୍ଯ୍ୟକାରିତା କର୍ମଶାଳା "ପ୍ରଜ୍ଞା ପ୍ରେରଣା' ଉଦ୍‌ଯାପିତ

## 'ଜାତି ଗଠନର ଶକ୍ତିଶାଳୀ ଉପକରଣ ହେଉଛି ଶିକ୍ଷା'



ଭୁବନେଶ୍ୱର, ୩।୫(ସମିସ): ଶିକ୍ଷା ହେଉଛି ଜାତି ଗଠନର ସବୁଠାରୁ ଶକ୍ତିଶାଳୀ ଉପକରଣ। ଜାତୀୟ ଶିକ୍ଷା ନୀତି (ଏନଇପି)- ୨୦୨୦ ଶିକ୍ଷାରେ ବ୍ୟାପକ ସଂସ୍କାର ଆଣୁଛି। ଯାହା ୨୦୩୬ ସୁଦ୍ଧା "ବିକଶିତ ଓଡ଼ିଶା' ଏବଂ ୨୦୪୭ ସୁଦ୍ଧା "ବିକଶିତ ଭାରତ' ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଲୋକସେବା ଭବନରେ ଅନୁଷ୍ଠିତ 'ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ଏବଂ ଉଚ୍ଚଶିକ୍ଷା ସଂସ୍କାର' ସମ୍ପର୍କିତ ଜାତୀୟସ୍ତରୀୟ କର୍ମଶାଳାର ଉଦ୍‌ଯାପନୀ ସମାରୋହର ମୁଖ୍ୟ ଅତିଥି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଦେଶର ଜନସଂଖ୍ୟାକୁ ଉପଯୋଗ କରି ଏକ ଶକ୍ତିଶାଳୀ, ଅନ୍ତର୍ଭୂକ୍ତିମୂଳକ ଏବଂ ଭବିଷ୍ୟତ ପ୍ରସ୍ତୁତ ଶିକ୍ଷା ବ୍ୟବସ୍ଥା ଗଢ଼ିବାର ଏନ୍‌ଇପି ମାର୍ଗଦର୍ଶକ ହୋଇଛି। ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ପ୍ରଗତି ଏବଂ ବିଶ୍ୱ ନେତୃତ୍ୱ ପାଇଁ ଏହା ପଥ ପ୍ରଶସ୍ତ କରିବ। ଯୁବପିଢ଼ିଙ୍କୁ ଚାକିରି ଖୋଜିବା ବଦଳରେ ନବସୃଜନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସଶକ୍ତ କରିବ। ଏହି ଅବସରରେ ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କର୍ମଶାଳାରେ ଏନଇପି ୨୦୨୦ କାର୍ଯ୍ୟକାରିତା ପାଇଁ ସୁପାରିସ ଏବଂ ଭବିଷ୍ୟତ କାର୍ଯ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ କର୍ମଶାଳାର ନିଷ୍କର୍ଷ ଉପସ୍ଥାପନ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବହୁ ଶିକ୍ଷାବିତ୍ ଓ ନୀତି ନିର୍ଦ୍ଧାରକ ଉପସ୍ଥିତ ଥିଲେ।

## ଛାତ୍ରଛାତ୍ରୀଙ୍କୁ ମିଳୁନି ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍

■ ଅଭିଯୋଗ ପରେ ମଧ୍ୟ ବୃତ୍ତିରାଶି ପ୍ରଦାନରେ ବିଳମ୍ବ
■ ଗୁରୁତର ପ୍ରଭାବିତ ହେଉଛି ଗବେଷଣା କାର୍ଯ୍ୟ

ଭୁବନେଶ୍ୱର, ୩।୫(ସମିସ): ଛାତ୍ରଛାତ୍ରୀଙ୍କୁ ଗବେଷଣା ପାଇଁ ସଠିକ୍ ସମୟରେ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋସିପ୍ (ଏମ୍‌ଆର୍‌ଏଫ୍) ମିଳୁନାହିଁ। ଛାତ୍ରବୃତ୍ତି ପାଇଁ ଉଚ୍ଚଶିକ୍ଷା ପରିଷଦ ନିକଟରେ ବାରମ୍ବାର ଅବଗତ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଯାହାକୁ ନେଇ ପିଏଚ୍‌ଡି କରୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗ ଅନୁଯାୟୀ, ୨୦୨୫ ମସିହାରେ ବୃତ୍ତିରାଶି ପାଇବାକୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସହାୟତା ଅର୍ଥ ପ୍ରଦାନ କରିବାରେ ଏହି ସମସ୍ୟା ରହିଛି। ଗତ ଫେବୃଆରୀ ମାସରେ ପ୍ରାୟ ୨୭୩ ଜଣ ବୃତ୍ତିରାଶି ପାଇଥିଲେ ମଧ୍ୟ ଅବଶିଷ୍ଟ ପିଲା ସହାୟତା ପାଇନାହାନ୍ତି। ଏହାପରେ ମାର୍ଚ୍ଚ ମାସର ବୃତ୍ତିରାଶି କେହି ପାଇ ନ ଥିବାବେଳେ ଏପ୍ରିଲ୍ ମାସର କେବେ ମିଳିବ, ସେନେଇ ମଧ୍ୟ ଛାତ୍ରଛାତ୍ରୀମାନେ ସନ୍ଦିହାନ ହୋଇପଡ଼ିଛନ୍ତି। ପ୍ରତି ମାସର ବୃତ୍ତିରାଶି ପାଇଁ ପରବର୍ତ୍ତୀ ମାସ ୭ ତାରିଖରେ ଆବେଦନ କରନ୍ତି। ଏହାର ପ୍ରାୟ ୭ ଦିନ ପରେ ଅର୍ଥାତ୍ ୧୫ ତାରିଖ ପରେ ସହାୟତା ପ୍ରଦାନ କରିବାର ନିୟମ ରହିଛି। ହେଲେ ସଠିକ୍ ସମୟରେ ସହାୟତା ମିଳୁ ନ ଥିବାରୁ ଗବେଷଣା କାର୍ଯ୍ୟରେ ବ୍ୟାପକ ସମସ୍ୟା ହେଉଥିବା ଅଭିଯୋଗ କରିଛନ୍ତି। ଗତ ସପ୍ତାହରେ ଛାତ୍ରଛାତ୍ରୀମାନେ ପରିଷଦ କାର୍ଯ୍ୟାଳୟକୁ ଯାଇ ସଠିକ୍ ସମୟରେ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନି। ଆସନ୍ତାକାଲି ପରିଷଦ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିବେ ଏବଂ ଏହାର ସ୍ଥାୟୀ ସମାଧାନ କରା ନଗଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ପୁରୀ ଓ ଚିଲିକାରେ ଜଳକ୍ରୀଡ଼ା କେତେ ସୁରକ୍ଷିତ?

**ପୁରୀ,୩।୫(ସମିସ):** ମଧ୍ୟପ୍ରଦେଶର ବାରଗି ଡ୍ୟାମ୍‌ରେ ଘଟିଥିବା କ୍ରୁଜ୍ ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ପରେ ସମଗ୍ର ଦେଶରେ ଜଳକ୍ରୀଡ଼ା ଓ ନୌପରିବହନ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ପର୍ଯ୍ୟଟନ ସହର ପୁରୀ ସମୁଦ୍ର ଓ ଚିଲିକା ହ୍ରଦରେ ଚାଲିଥିବା ଜଳକ୍ରୀଡ଼ା ଓ ଡଙ୍ଗା ଯାତ୍ରାକୁ ନେଇ ଉଠିଛି ପ୍ରଶ୍ନ। ଏହା କେତେ ସୁରକ୍ଷିତ? ପ୍ରଶାସନ ଏ ଦିଗରେ ନଜର ରଖିଛି ନା ନାହିଁ ତାକୁ ନେଇ ଅନେକ ପ୍ରଶ୍ନ ଉଠାଇଛନ୍ତି। ରାଜ୍ୟର ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ପୁରୀ। ପ୍ରତିଦିନ ଏଠାକୁ ଦେଶ ବିଦେଶରୁ ଅନେକ ଭକ୍ତ ଓ ପର୍ଯ୍ୟଟକ ଆସିଥା'ନ୍ତି। ଜିଲ୍ଲାର ବିସ୍ତୀର୍ଣ୍ଣ ବେଳାଭୂମିରେ ପର୍ଯ୍ୟଟକମାନେ ବୁଲିବା ସହ ସମୁଦ୍ରରେ ମଧ୍ୟ ମଜା ନେଇଥା'ନ୍ତି। ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ସମୁଦ୍ର ବେଳାଭୂମିରେ ଜଳକ୍ରୀଡ଼ା ବ୍ୟବସ୍ଥା ମଧ୍ୟ ରହିଛି। ମାତ୍ର ଜଳକ୍ରୀଡ଼ା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ଗାଇଡ୍‌ଲାଇନ୍‌ଗୁଡ଼ିକର ପାଳନ ସଠିକ୍ ଭାବେ ହେଉଛି କି ନାହିଁ, ତାହା ବ୍ୟାପକସ୍ତରରେ ପରୀକ୍ଷଣ କରାଯିବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

ପୁରୀ ସମୁଦ୍ରରେ ଜେଟ୍ ସ୍କିର ମଜା ଉଠାଉଛନ୍ତି ପର୍ଯ୍ୟଟକ। ବ୍ଲୁ ଫ୍ଲାଗ୍ ବିଚ୍‌ଠାରୁ ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ସମୁଦ୍ରରେ ଜେଟ୍ ସ୍କି, ସ୍ପିଡ୍ ବୋଟ୍, ବନାନା ରାଇଡ୍ କରୁଛନ୍ତି। ଦୈନିକ ୪୦ରୁ ଅଧିକ ପର୍ଯ୍ୟଟକ ଜେଟ୍ ସ୍କିରେ ସମୁଦ୍ର ଲହଡ଼ି ଚିରି ଆଗକୁ ବଢୁଛନ୍ତି। ୧୦ ମିନିଟ୍ ପାଇଁ ୮୦ରୁ ୧,୨୦୦ ଟଙ୍କା ଦେଇ ପର୍ଯ୍ୟଟକ ଏହି ରୋମାଞ୍ଚର ମଜା ନେଉଛନ୍ତି। କିନ୍ତୁ ଭିଡ଼ ସମୟରେ ସୁରକ୍ଷା ନିୟମ ଅଣଦେଖା ହେଉଥିବା ଦେଖିବାକୁ ମିଳୁଛି। ଜେଟ୍ ସ୍କି ଚାଳକ ନିଜେ ହେଲ୍‌ମେଟ୍ ପିନ୍ଧୁନାହାନ୍ତି। ପର୍ଯ୍ୟଟକଙ୍କୁ ସମୁଦ୍ରର ଗଭୀର ଅଞ୍ଚଳକୁ ନେଇଯିବା, ନିଷିଦ୍ଧ ଜୋନ୍‌ରେ ରାଇଡ୍ କରିବା ଅଭିଯୋଗ ମଧ୍ୟ ଆସୁଛି। ପୁରୀ ବେଳାଭୂମିରେ ପର୍ଯ୍ୟଟନ ବିଭାଗରୁ ଅନୁମତି ଆଣି ୪ଟି ଘରୋଇ ସଂସ୍ଥା ଜଳକ୍ରୀଡ଼ା ବ୍ୟବସାୟ କରୁଛନ୍ତି। ପର୍ଯ୍ୟଟକମାନଙ୍କୁ ଜେଟ୍ ସ୍କି ଏବଂ ସମୁଦ୍ରରେ ବୁଲିବା ପାଇଁ ବୋଟ୍ ବ୍ୟବସ୍ଥା ରହିଛି। ତେବେ ପର୍ଯ୍ୟଟନ ବିଭାଗର ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଏହି ନିୟମ ପାଳନ କରାଯାଉଛି କି ନାହିଁ ତା'ର ନିୟମିତ ଅନୁଧ୍ୟାନ ଏବଂ ଯାଞ୍ଚ କରାଯିବାକୁ ବୁଦ୍ଧିଜୀବୀ



ମତପ୍ରକାଶ କରିଛନ୍ତି। ନିୟମ ପାଳନ କରା ନ ଗଲେ ଯଦି କିଛି ଅଘଟଣ ଘଟେ ଅକାଳରେ ପର୍ଯ୍ୟଟକଙ୍କ ଜୀବନ ଯିବା ସହ ରାଜ୍ୟ ସରକାର ଏବଂ ପ୍ରଶାସନ ମଧ୍ୟ ବଦନାମ୍ ହେବେ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି।

ସେହିପରି ଚିଲିକାରେ ଲାଇଫ୍ ଜ୍ୟାକେଟ୍ ବିନା ଡଙ୍ଗାରେ ବୁଲୁଛନ୍ତି ପର୍ଯ୍ୟଟକ। କାରଣ ଚିଲିକାରେ ଡଙ୍ଗା ଯାତ୍ରା ହେଉଛି ପର୍ଯ୍ୟଟକଙ୍କ ଆକର୍ଷଣ। କିନ୍ତୁ ଏଠାରେ ସୁରକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ। ଡଙ୍ଗାରେ ଲାଇଫ୍ ଜ୍ୟାକେଟ୍ ଥିଲେ ବି ଅଧିକାଂଶ ପର୍ଯ୍ୟଟକ ତାହା ପିନ୍ଧୁନାହାନ୍ତି। ଚାଳକମାନେ ବି ଜୋର୍ କରୁନାହାନ୍ତି। 'ଗରମ ଲାଗୁଛି', 'ଫଟୋ ଉଠାଇବୁ', 'ଆମେ ପହଁରା ଜାଣିଛୁ' ଏ ସବୁ ବାହାନାରେ ନିୟମ ଭଙ୍ଗାଯାଉଛି। ଡଲଫିନ୍ ଦେଖିବା ବେଳେ ଗୋଟିଏ ପାର୍ଶ୍ୱକୁ ସମସ୍ତେ ଢଳିପଡ଼ିବା, ଅଧିକ ପର୍ଯ୍ୟଟକ ନେଇ ଓଭରଲୋଡ୍ ଡଙ୍ଗା ଚଳାଇବା ସାଧାରଣ ଘଟଣା। ମଧ୍ୟପ୍ରଦେଶ ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦ ବୋଲି କହିଛନ୍ତି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ସେ କହିଛନ୍ତି, "ଜଳକ୍ରୀଡ଼ା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ଅନୁମତି ଦିଆଯାଇଥିବା ବେଳେ ଏଥିପାଇଁ ଗାଇଡ୍‌ଲାଇନ୍ ମଧ୍ୟ ରହିଛି। ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ଏହି ବ୍ୟବସାୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ପାଗ ଅନୁକୂଳ ନ ଥିଲେ ଜଳକ୍ରୀଡ଼ାକୁ ବନ୍ଦ ରଖିବା ପାଇଁ ନିୟମ ରହିଛି। ଅନ୍ୟପକ୍ଷରେ ବୁଦ୍ଧିଜୀବୀଙ୍କ ମତରେ ଜଳକ୍ରୀଡ଼ା ପାଇଁ ସ୍ପଷ୍ଟ ଗାଇଡ୍‌ଲାଇନ୍ ରହିଛି। ଯେପରି କି ଲାଇଫ୍ ଜ୍ୟାକେଟ୍ ବାଧ୍ୟତାମୂଳକ। କେବଳ ତାଲିମପ୍ରାପ୍ତ ଓ ଲାଇସେନ୍ସପ୍ରାପ୍ତ ଚାଳକ ହିଁ ଜଳଯାନ ଚଳାଇ ପାରିବେ। ସବୁ ଜେଟ୍ ସ୍କି, ବୋଟ୍ ଓ ଡଙ୍ଗାର ବାର୍ଷିକ ଫିଟ୍‌ନେସ୍ ଓ ବୀମା ଜରୁରୀ। ଜଳକ୍ରୀଡ଼ା ଅଞ୍ଚଳରେ ତାଲିମପ୍ରାପ୍ତ ଲାଇଫ୍ ଗାର୍ଡଙ୍କ ଉପସ୍ଥିତି ରହିବା ଦରକାର। ସମୁଦ୍ର ଅଶାନ୍ତ ଥିଲେ ବା ପାଣିପାଗ ବିଭାଗ ସତର୍କତା ଜାରି କଲେ ତୁରନ୍ତ ଜଳକ୍ରୀଡ଼ା ବନ୍ଦ ହେବା ଦରକାର ବୋଲି କହିଛନ୍ତି।

# କଟକ ସିଟି



## ପ୍ରହସନ ପାଲଟିଛି 'ବସ୍ତି-ମିତ୍ର' ଯୋଜନା

# ବସ୍ତି ଅଞ୍ଚଳରେ ବଢୁଛି ଦୁଷ୍କର୍ମ: ଚିନ୍ତାରେ ପୁଲିସ

କଟକ, ୩।୫(ସମିସ)

ସହରାଞ୍ଚଳରେ ରହିଥିବା ବସ୍ତି ଗୁଡ଼ିକରେ ଦୁଷ୍କର୍ମ ସଂଖ୍ୟା ବଢ଼ିବାରେ ଲାଗିଛି। ଦୁଷ୍କର୍ମ ମାମଲାରେ ତ୍ୱରିତ ତଦନ୍ତ ଶେଷ କରି ଅଭିଯୁକ୍ତଙ୍କୁ ଜେଲ୍ ପଠାଇବାରେ ଯଦିଓ କମିଶନରେଟ୍ ପୁଲିସ ସଫଳ ହେଉଛି, ତଥାପି ବସ୍ତି ଅଞ୍ଚଳର ସ୍ଥିତି ଉଦ୍‌ବେଗଜନକ ରହିଛି। ଏହା ପୁଲିସ ପାଇଁ ମଧ୍ୟ ଚିନ୍ତାଜନକ ବିଷୟ ହୋଇଛି। ମାତ୍ରାଧିକ ନିଶା କାରବାର, ଶିକ୍ଷାର ଅଭାବ ଏବଂ କୁସଂସ୍କାର ଯୋଗୁଁ ଏଭଳି ଅଭାବନୀୟ ଘଟଣା ଘଟୁଥିବା ପୁଲିସ କହୁଛି। ତେବେ ବସ୍ତି ଅଞ୍ଚଳରେ ଘଟୁଥିବା ବିଭିନ୍ନ ଅପରାଧମୂଳକ ଘଟଣା ରୋକିବାକୁ ପୁଲିସ ବସ୍ତି-ମିତ୍ର ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ତାହା ଫଳପ୍ରଦ ହେଉନାହିଁ। କଟକ ୟୁପିଡ଼ି ଅଧିନରେ ୧୫୦ରୁ ଅଧିକ ବସ୍ତି ରହିଛି। ବିଭିନ୍ନ ଥାନାରେ ଏଠାରୁ ଦୁଷ୍କର୍ମ ମାମଲା ସର୍ବାଧିକ ପଞ୍ଜିକୃତ ହେଉଛି। ଗତ ୨୦୨୫ରେ ୩୪ଟି ଦୁଷ୍କର୍ମ ମାମଲା ପଞ୍ଜିକୃତ ହୋଇଛି। ଗତ ୨୦୨୪ ମସିହାରେ କେବଳ ବସ୍ତି ଅଞ୍ଚଳରୁ ୫୨ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ୬୨ଜଣଙ୍କୁ ଗିରଫ କରାଯାଇ ଜେଲ୍ ପଠାଯାଇଥିଲା।

ଏ ସମ୍ପର୍କରେ ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, ପୁଲିସ ପକ୍ଷରୁ ବସ୍ତି ଅଞ୍ଚଳ ଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରାଯିବ। ଏଥି ସହିତ ନିଶା ସାମଗ୍ରୀ ଚାଲାଣ ରୋକିବା ଉପରେ ଅଧିକ ଧ୍ୟାନ ଦିଆଯିବା ସହିତ କେଉଁ ଭଳି ଦୁଷ୍କର୍ମ ମାମଲାକୁ ରୋକାଯାଇ ପାରିବ, ସେଥିପ୍ରତି ପୁଲିସ ଅଭିଯାନ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, କଟକ ୟୁପିଡିରେ ଗତ ୫ ବର୍ଷ ମଧ୍ୟରେ ସମୁଦାୟ ୩୩୪ଜଣ ଦୁଷ୍କର୍ମକାରୀଙ୍କୁ ଗିରଫ କରି ପୁଲିସ ଜେଲ୍ ପଠାଇସାରିଲାଣି। ଗତ ୨୦୨୦, ୨୦୨୧, ୨୦୨୨, ୨୦୨୩ ଓ ୨୦୨୪ ମସିହାରେ କଟକ ୟୁପିଡି ଅଧିନରେ ହୋଇଥିବା ୯୫ପ୍ରତିଶତ ଦୁର୍ଷ୍କମ ମାମଲାର ତଦନ୍ତ ଶେଷ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୦୨୦ ମସିହାରେ କଟକ ସହରର ବିଭିନ୍ନ ଥାନାରେ ୫୩ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ସମସ୍ତ ମାମଲାର ତଦନ୍ତ ଶେଷ କରାଯାଇ ୫୧ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୨୦୨୧ରେ ୭୮ଟି ଦୁଷ୍କର୍ମ ମାମଲାରେ ୭୯ଜଣଙ୍କୁ ଗିରଫ, ୨୦୨୨ରେ ୮୨ଟି ଦୁଷ୍କର୍ମ ମାମଲାରେ ୭୮ଜଣଙ୍କୁ ଗିରଫ ଏବଂ ୨୦୨୩ମସିହାରେ ୯୭ଟି ଦୁଷ୍କର୍ମ ମାମଲାରେ ମୋଟ୍ ୭୬ଜଣଙ୍କୁ ଗିରଫ କରାଯାଇଛି, ୨୦୨୪ ମସିହିରେ ୫୧ଟି ଦୁଷ୍କର୍ମ ମାମଲାରେ ମୋଟ୍ ୪୮ଜଣଙ୍କୁ ଗିରଫ କରାଯାଇଥିଲା। ପୁଲିସର ଗିରଫଦାରୀ ଓ ମାମଲା ପରିସଂଖ୍ୟାନରୁ ବସ୍ତିରେ ହେଉଥିବା ଦୁଷ୍କର୍ମ ସର୍ବାଧିକ ବୋଲି ଦର୍ଶାଯାଇଛି। କଟକ ସହରର ବସ୍ତି ଅଞ୍ଚଳରେ ୭୦% ନାବାଳିକା ଅତ୍ୟାଚାରର ଶିକାର ହେଉଛନ୍ତି। ଏଠାରେ ଶିକ୍ଷାର ଅଭାବ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ, ପାରିବାରିକ ଅନଗ୍ରସରତା ଭଳି କାରଣକୁ ପୁଲିସ ଦର୍ଶାଉଛି। ପୁଲିସ ପକ୍ଷରୁ ପରୀ, ମୁସ୍କାନ୍ ଭଳି ଡ୍ରାଇଭ୍ ଚାଲୁଥିବା ବେଳେ ଏଭଳି ସ୍ଥିତି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ମର୍କତନଗର, ଫେଜ୍-୨, ପୁରୀଘାଟ, କ୍ୟାଣ୍ଟନମେଣ୍ଟ୍, ମାଲଗୋଦାମ, ମଧୁପାଟଣା, ମଙ୍ଗଳାବାଗ ଭଳି ଥାନାରେ ପୂର୍ବରୁ ନାବାଳିକା ନିର୍ଯାତନା ମାମଲା ବଢ଼ିଥିଲା। ପୁଲିସ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଏହି ଥାନା ଗୁଡ଼ିକରେ ନାବାଳିକା ଓ ମହିଳା ନିର୍ଯ୍ୟାତନାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

**କଟକ ୟୁପିଡ଼ିରେ ୫ବର୍ଷ ମଧ୍ୟରେ ୩୩୪ ଦୁଷ୍କର୍ମକାରୀ ଗିରଫ**

ଅନ୍ୟପଟେ ସହରର ମଧୁପାଟଣା, ଲାଲବାଗ, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ୍, ବିଡ଼ାନାସୀ, ମହିଳା ଥାନା, ମର୍କତନଗର, ଫେଜ୍-୨, ଚୌଦ୍ୱାର ଓ ଜଗତପୁର ଥାନାରେ ମହିଳା ଓ ଶିଶୁ ଡେସ୍କକୁ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଅଧିକ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ପ୍ରକୋଷ୍ଠକୁ ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ରୋକିବା ଲାଗି ଓଡ଼ିଶା ପୁଲିସ ୨୦୦୫ରେ ଏହି ପଦକ୍ଷେପ ଗ୍ରହଣ କରିଥିଲା। ପ୍ରତ୍ୟେକ ଥାନାକୁ ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ସାମିଲ୍ କରାଯାଇ ସ୍ୱତନ୍ତ୍ର ଡେସ୍କ୍ କାର୍ଯ୍ୟକ୍ଷମ ହୋଇଥିଲା। ମହିଳା ଓ ନାବଳିକାଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ରୋକିବାକୁ ପୁଲିସ ତତ୍ପରତା ଦେଖାଉଛି। ଏହି ସମ୍ବେଦନଶୀଳ ମାମଲାକୁ ଗମ୍ଭିରତାର ସହିତ ବିଚାରକୁ ନିଆଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ପୁଲିସ ଗୁରୁତ୍ୱ ଦେଉଛି।

# ମୂଲ୍ୟବୋଧ ରାଜନୀତିର ବାହକ ଥିଲେ ଜଗନ୍ନାଥ ଦାସ



**ଦୁଇ ସମାଜସେବୀଙ୍କୁ ସ୍ମୃତି ସମ୍ମାନ ପ୍ରଦାନ**

**କଟକ, ୩।୫(ସମିସ):** ବିଶିଷ୍ଟ ସର୍ବୋଦୟ ସେବକ, ନିସ୍ୱାର୍ଥପର ସମାଜସେବୀ ତଥା ଓଡ଼ିଶାର ପ୍ରଥମ ଅଙ୍ଗଦାତା ଡାକ୍ତର ଜଗନ୍ନାଥ ଦାସଙ୍କ ୧୫ତମ ଶ୍ରାଦ୍ଧ ବାର୍ଷିକୀ ସ୍ଥାନୀୟ ଥୋରିଆ ସାହିସ୍ଥିତ ଗୁଣନିଧି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତି ସଭାରେ ଅତିଥିମାନେ ଡାକ୍ତର ଦାସଙ୍କୁ ମୂଲ୍ୟବୋଧ ଭିତ୍ତିକ ରାଜନୀତିର ଜଣେ ବିରଳ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ବୃନ୍ଦାବନ ଦାସ ଆଜାଦ୍ ଓ ଜ୍ଞାନେଶ ମହାନ୍ତିଙ୍କୁ 'ଡାକ୍ତର ଜଗନ୍ନାଥ ଦାସ ସ୍ମୃତି ସମ୍ମାନ-୨୦୨୬' ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ବରିଷ୍ଠ ଅଧିବକ୍ତା ସୁରେନ୍ଦ୍ର ନାଥ କର, ପ୍ରଫେସର ଡାକ୍ତର ରୁଦ୍ର ପ୍ରତାପ ଦାସ, ବରିଷ୍ଠ ଅଧିବକ୍ତା ଗୁରୁ ମହାନ୍ତି, ଡା. ରବିରଞ୍ଜନ ସାହୁ ଏବଂ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ରନାଥ ମହାପାତ୍ର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଣେ ଡାକ୍ତର ଭାବେ ଛତିଆ ଅଞ୍ଚଳରେ ଘରେ ଘରେ ପରିଚିତ ଜଗନ୍ନାଥବାବୁ ନିଜ ଜୀବନକୁ ଜନସେବାରେ ଉତ୍ସର୍ଗ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇନ୍ଦୁମତୀ ସାହୁ, ମାଳତୀ ପାତ୍ର ଓ ରଞ୍ଜନା ମଣ୍ଡଳ ସର୍ବଧର୍ମ ପ୍ରାର୍ଥନା ଗାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍ନେହାଂଶୁ ଜେନା ଧନ୍ୟବାଦ ଦେଇଥିଲେ।

# ରେଭେନ୍ସାରେ ବିପର୍ଯ୍ୟୟ ହ୍ରାସ ଓ ପରିଚାଳନା ଆଲୋଚନା



**କଟକ, ୩।୫(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ଭୂଗୋଳ ବିଭାଗ ଓ ଏନ୍‌ଏସ୍‌ଏସ ବ୍ୟୁରୋ ମିଳିତ ଭାବେ ବିପର୍ଯ୍ୟୟ ହ୍ରାସ, ସହନଶୀଳ ସମାଜ ଓ ସୁସ୍ଥାୟୀ ଉନ୍ନୟନ ବିଷୟରେ ଏକ ଅଲୋଚନା ସଭା ଆୟୋଜନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ନାରାୟଣ ଚନ୍ଦ୍ର ଜେନା, ବିଭାଗୀୟ ମୁଖ୍ୟ ବିଭାଗ (ବର୍ଦ୍ଧମାନ ବିଶ୍ୱବିଦ୍ୟାଳୟ, ପଶ୍ଚିମ ବଙ୍ଗ ) ଜଳବାୟୁ ପରିବର୍ତ୍ତନ ଓ ନଗରୀକରଣ ପରିପ୍ରେକ୍ଷୀରେ ବିପର୍ଯ୍ୟୟ ହ୍ରାସ ପରିକଳ୍ପନାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଉନ୍ନୟନ ପରିକଳ୍ପନାରେ ଏହାକୁ ସମ୍ମିଳିତ କରିବାର ପକ୍ଷରେ ମତ ପ୍ରକାଶ କରିଥିଲେ। ସଭାର ଅଧ୍ୟକ୍ଷତା କରିଥିଲେ ଭୂଗୋଳ ବିଭାଗର ମୁଖ୍ୟ ପ୍ରଫେସର ଶିବବ୍ରତ ଦାସ। ଡ.ଶିବ ଶଙ୍କର ସାହୁ ପରିଚାଳନା କରିଥିଲେ। ଶିକ୍ଷକମଣ୍ଡଳୀ, ଛାତ୍ରଛାତ୍ରୀ ଓ ଏନଏସଏସ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# କଟକ ମହାବିଦ୍ୟାଳୟରେ ଅବସର ସମ୍ବର୍ଦ୍ଧନା



**କଟକ, ୩।୫(ସମିସ):** କଟକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗୀୟ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁରପ୍ରସାଦ ତ୍ରିପାଠୀ ଏବଂ ଗୃହ ବିଜ୍ଞାନ ବିଭାଗର କାର୍ଯ୍ୟ ପ୍ରଦର୍ଶିକା ତୃପ୍ତିମୟୀ ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ରୁନୁବାଳା ମହାରଣାଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଅଧ୍ୟକ୍ଷା ଡ. ମହାରଣା ନିଜ ବକ୍ତବ୍ୟରେ ପ୍ରାଧ୍ୟାପକ ଶ୍ରୀ ତ୍ରିପାଠୀ ଓ ଶ୍ରୀମତୀ ପାତ୍ରଙ୍କ ନିଷ୍ଠାପର ମନୋଭାବ, ଉଚ୍ଚକୋଟୀର ଶିକ୍ଷାଦାନ ଦକ୍ଷତା ଏବଂ ମହାବିଦ୍ୟାଳୟର ବିକାଶ ପ୍ରତି ରହିଥିବା ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଦେବପ୍ରସାଦ ପତି ପ୍ରଦୀପ ପ୍ରଜ୍ୱଳନ ସହ ମନ୍ତ୍ର ପାଠ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ସୁଶାନ୍ତ ମହାନ୍ତି, ଅଧ୍ୟାପିକା ଡ. ବିନତା ସାହୁ, ଅଧ୍ୟାପକ ଚିନ୍ମୟ ଦାସ ଓ ଅଧ୍ୟାପକ କୁମାର ପ୍ରଦୀପ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠା ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କର ଶୁଭକାମନା କରିଥିଲେ। ବାଣିଜ୍ୟ ଅଧ୍ୟାପକ ଡ. ଦେବେନ୍ଦ୍ର କୁମାର ଓଝା, ପଦାର୍ଥ ବିଜ୍ଞାନ ମୁଖ୍ୟ ମଣ୍ଟୁ ଜେନା ଏବଂ ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା ଓ ସଭା ପରିଚାଳନା କରିଥିଲେ। କର୍ମଚାରୀ ନାରାୟଣ ମହାରଣା ଓ ମାନସ ରଞ୍ଜନ ସାମଲ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ଚିନ୍ମୟ ଦାସ ଶେଷରେ ଧନ୍ୟବାଦ ଦେଇଥିଲେ।

## କଟକର ବିଭିନ୍ନ ସ୍ଥାନରେ ମଇ ଦିବସ

# ଶ୍ରମିକ ବିରୋଧୀ ନୀତି ବିରୋଧରେ ଗର୍ଜିଲେ ଶ୍ରମିକ ସଂଘ

**କଟକ, ୩।୫(ସମିସ):** ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ କଟକ ସହରରେ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ୍ ଓ ସ୍ୱାଧୀନ କର୍ମଚାରୀ ମହାସଂଘ ପକ୍ଷରୁ ଏକ ବିଶାଳ ମିଳିତ ସମାବେଶ ସଂଗଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଘଣ୍ଟା ଘର ସାମ୍ନାରୁ ଏକ ପଟୁଆର ବାହାରି କଲେଜ ଛକସ୍ଥିତ ନେତାଜୀ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା, ଯେଉଁଠାରେ ଶ୍ରମିକମାନେ ନିଜର ହକ୍ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଏହି ସମାବେଶରେ ବିନୋଦ ବେହେରା, ପ୍ରତାପ ମହାପାତ୍ର, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, ନିଗମ ବିଶ୍ୱାଳ ଓ ବିପିନ୍ ବିହାରୀ ପାଢ଼ୀଙ୍କୁ ନେଇ ଗଠିତ ଏକ ସଭାପତି ମଣ୍ଡଳୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରବିନାରାୟଣ ମଲ୍ଲିକ୍, ଅମରେନ୍ଦୁ ମହାନ୍ତି,





ରାଜକିଶୋର ମଲ୍ଲିକ, ଅମ୍ରିତା ଦାସ ଓ ଅଭୟ ଦାସଙ୍କ ସମେତ ବହୁ ନେତୃବୃନ୍ଦ ଉଦ୍‌ବୋଧନ ଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିଥିଲେ। ବକ୍ତାମାନେ ଶ୍ରମିକ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ଦେଶର ବିଭିନ୍ନ ପ୍ରାନ୍ତରେ ଶ୍ରମିକଙ୍କ ଉପରେ ଚାଲିଥିବା ନିର୍ଯାତନା ବନ୍ଦ କରିବା ଏବଂ ଚାଷୀଙ୍କ ଫସଲର ଉଚିତ୍ ମୂଲ୍ୟ ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଏଥି ସହିତ ମନରେଗା ଯୋଜନାର ପୁନଃ ପ୍ରଚଳନ ଏବଂ ନୂଆ ବିହନ ଓ ବିଦ୍ୟୁତ ବିଲ୍ ବାତିଲ ପାଇଁ ସରକାରଙ୍କ ବିରୋଧରେ ଐକ୍ୟବଦ୍ଧ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରୁ ପ୍ରାୟ ୫୦୦ରୁ ଅଧିକ ମହିଳା ଓ ପୁରୁଷ ଶ୍ରମିକ ସାମିଲ ହୋଇଥିଲେ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚର ବୈଠକ

**କଟକ, ୩।୫(ସମିସ):** ମେ' ଦିବସ ଅବସରରେ କଟକ ସହରରେ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଓ ସ୍ୱାଧୀନ କର୍ମଚାରୀ ମହାସଂଘର ଆହ୍ୱାନରେ ଘଣ୍ଟା ଘର ସାମ୍ନାରୁ ପଟୁଆର ବାହାରି କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ସାମନାରେ ମିଳିତ ସମାବେଶ ସଂଗଠିତ ହୋଇଯାଇଛି। ଏଥିରେ ବିନୋଦ ବେହେରା, ପ୍ରତାପ ମହାପାତ୍ର, ଖଗେଶ୍ୱର ସେଠୀ, ମନୋରଞ୍ଜନ ମହାରଣା, ନିଗମ ବିଶ୍ୱାଳ ଓ ବିପିନ୍ ବିହାରୀ ପାଢ଼ୀଙ୍କୁ ନେଇ ଏକ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ଅନୁଷ୍ଠିତ ଏହି ସମାବେଶରେ ରବିନାରାୟଣ ମଲ୍ଲିକ୍, ଅମରେନ୍ଦୁ ମହାନ୍ତି, ରାଜକିଶୋର ମଲ୍ଲିକ, ଅମ୍ରିତା ଦାସ, ଅଭୟ କୁମାର ଦାସ, ବିଜୟ ପଢ଼ିଆରୀ, ପ୍ରଦୀପ ସିହ୍ନା, ଅଶୋକ ତା, ସୌଭାଗ୍ୟ ସାମଲ, ରବୀନ୍ଦ୍ରନାଥ



ଧଳ, ନିର୍ମଳ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ କରିବା, ନୋଇଡା, ମାନେସର, ଦିଲ୍ଲୀ ତଥା ଉତ୍ତରାଖଣ୍ଡ ଶ୍ରମିକଙ୍କ ଉପରେ ନିର୍ଯାତନା ବନ୍ଦ କରିବା ଓ ଦ୍ୱିପାକ୍ଷିକ ଆଲୋଚନା ଜରିଆରେ ନାଯ୍ୟ ଦାବି ମାନି ନେବା, ପ୍ରତିଶ୍ରୁତି ମୁତାବକ ଚାଷୀ ଫସଲର ଉଚିତ୍ ମୂଲ୍ୟ ଆଇନ ପ୍ରଣୟନ, ମନରେଗା ପୁନଃ ପ୍ରଚଳନ, ନୂଆ ବିହନ ବିଲ୍ ଓ ବିଦ୍ୟୁତ ବିଲ୍ ବାତିଲ ଦାବୀ ଆଦାୟ ପାଇଁ ଡବଲ୍ ଇଞ୍ଜିନ୍ ବିଜେପି ସରକାର ବିରୋଧରେ ଐକ୍ୟବଦ୍ଧ ଆନ୍ଦୋଳନକୁ ପ୍ରଖର ଓ ପରିବ୍ୟାପ୍ତ କରିବାକୁ ଆହ୍‌ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୫୦୦ ରୁ ଅଧିକ ମହିଳା ଓ ପୁରୁଷ ଶ୍ରମିକ ଯୋଗ ଦେଇଥିଲେ।

## ପ୍ରଭାତଙ୍କ ନେତୃତ୍ୱରେ ଜନସମାବେଶ

**କଟକ, ୩।୫(ସମିସ):** ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ତଥା ବିଜେଡିରୁ ବହିଷ୍କୃତ ନେତା ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଚାଉଳିଆଗଞ୍ଜ ଖେଳ ପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପ୍ରଭାତଙ୍କ ସମର୍ଥକମାନେ ଉପସ୍ଥିତ ଥିଲେ। ଏହି ସଭାରେ ବିଜେଡିରୁ ନିଲମ୍ବିତ ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇଥିଲେ। ଏଥି ପୂର୍ବରୁ ପ୍ରଭାତ ନିଜ କର୍ମୀଙ୍କ ସହ ଚୌଦ୍ୱାରରୁ ବାଇକ୍ ରାଲି ଆରମ୍ଭ କରି ଜଗତପୁର, ଯୋବ୍ରା, ନୂଆପଟଣା, ମଙ୍ଗଳାବାଗ, ରାଣିହାଟ, ଓଏମ୍‌ପି ଦେଇ ଚାଉଳିଆଗଞ୍ଜ ପଡ଼ିଆରେ ପହଞ୍ଚିଥିଲେ। ଅନ୍ୟପଟେ ପ୍ରଭାତଙ୍କ ଶକ୍ତି ପ୍ରଦର୍ଶନ ଉପରେ ପ୍ରତିକ୍ରିୟା ରଖିଛନ୍ତି କଟକ ମେୟର ସୁବାସ ସିଂ। ସେ ଯେତେ ଯାହା କଲେ ବି କୌଣସି ପ୍ରଭାବ ବିଜୁ ଜନତା ଦଳ ଉପରେ ପଡ଼ିବ ନାହିଁ ବୋଲି କହିଛନ୍ତି।

# ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଜଳସେବା କେନ୍ଦ୍ର ଉଦ୍‌ଘାଟିତ



**କଟକ, ୩।୫(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ସମ୍ଭାବନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଯାତାୟାତ କରୁଥିବା ପଥଚାରୀଙ୍କ ତୃଷ୍ଣା ମେଣ୍ଟାଇବା ଉଦ୍ଦେଶ୍ୟରେ କଲେଜଛକ ଠାରେ ଏକ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶରତ କର ଓ ଅନିମା କର ଫାଉଣ୍ଡେସନର ଅଧ୍ୟକ୍ଷ ଶୋଭନ କର ଉପସ୍ଥିତ ରହି ଜଳସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଶୁଭାଶିଷ ପଟ୍ଟନାୟକ, କଲେଜଛକ ପୂଜାପ୍ରତିଷ୍ଠାନର ସଭାପତି ଲୋକନାଥ ଲେଙ୍କା, ସମ୍ଭାବନା ଟ୍ରଷ୍ଟର ସଭାପତି ପ୍ରିୟରଞ୍ଜନ ମହାପାତ୍ର, ସମ୍ପାଦକ ରାକେଶ ଶତପଥୀ, ଡ. ଓଁକାର ରାଉତ, ରାମେଶ୍ୱରୀ ସାହୁ, ତନୁଶ୍ରୀ ବାରିକ, ଅନିଲ ଦାସ, ବିମଳ ପ୍ରସାଦ ଜେନା, ରୀନା ରାଉତରାୟ, ସିପନ ସ୍ୱାଇଁ, ଦେବଜ୍ୟୋତି ମହାନ୍ତି, ଇକବଲ ହୁସେନ, ପିନାକୀ ସିଂହ, ପ୍ରଶାନ୍ତ କାନୁନଗୋ, ଆଲୋକ କୁମାର ସାହୁ, ରସନା ନାୟକ, କ୍ଷୀରୋଦ ଚନ୍ଦ୍ର ସାହୁ, ସ୍ୱାଧୀନ ବିଶ୍ୱାଳ, ତନ୍ମୟୀ ବିଶ୍ୱାଳ, ଗୌତମ ଗଜପତି, ଯୋଗେଶ ଶର୍ମା, ମୌସୁମୀ ରାଉତରାୟ, ସୁଲଗ୍ନା ସାମନ୍ତରାୟ, ଚିନ୍ତାମଣି ମହାଲିକ ପ୍ରଭୃତି ସଦସ୍ୟମାନେ ପରିଚାଳନା କରିଥିଲେ।

# ଆଇସିଏସ୍‌ଇ ପରୀକ୍ଷାରେ ଜ୍ୟୋତିଷାଙ୍କ ସଫଳତା



**କଟକ, ୩।୫(ସମିସ):** ପ୍ରକାଶିତ ଆଇସିଏସଇ ଦଶମ ବୋର୍ଡ ପରୀକ୍ଷାରେ କଟକ କେମ୍ବ୍ରିଜ୍ ସ୍କୁଲର ଛାତ୍ରୀ ଜ୍ୟୋତିଷା ସାହୁ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ମୋଟ ୫୦୦ ନମ୍ବରରୁ ୪୮୧ ନମ୍ବର (୯୬.୨ ପ୍ରତିଶତ) ରଖି ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ସେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ନିଜର ପରିବାର ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି। ଜ୍ୟୋତିଷାଙ୍କ କହିବା ଅନୁଯାୟୀ, ସେ ବର୍ଷ ଆରମ୍ଭରୁ ଦୈନିକ ୬ରୁ ୮ ଘଣ୍ଟା ଏବଂ ପରୀକ୍ଷା ସମୟରେ ପ୍ରାୟ ୧୦ ଘଣ୍ଟା ପଢ଼ାପଢ଼ି କରୁଥିଲେ। ମା' ରଶ୍ମିତା ସାହୁଙ୍କ ନିରନ୍ତର ସହଯୋଗ ଓ ବାପା ଜିତେନ୍ଦ୍ର କୁମାର ସାହୁଙ୍କ ପ୍ରେରଣା ତାଙ୍କୁ ଏହି ସଫଳତା ଶିଖରରେ ପହଞ୍ଚାଇଛି। ଜ୍ୟୋତିଷାଙ୍କ ବାପା ଜଣେ ସୁପରିଚିତ ସାମାଜିକ ତଥା ସୂଚନା ଅଧିକାର କର୍ମୀ ହୋଇଥିବା ବେଳେ ମା' ଜଣେ ବ୍ୟବସାୟୀ। ଭବିଷ୍ୟତରେ ଜଣେ ସୁନାଗରିକ ହୋଇ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି।

# ମହିମା ପୀଠ ବୈଶାଖୀମେଳାରେ ଡ୍ରିମ୍‌ସ ଅଧ୍ୟକ୍ଷ



**କଟକ, ୩।୫(ସମିସ):** ଟାଙ୍ଗୀ-ଚୌଦ୍ୱାର ଅନ୍ତର୍ଗତ ସପନପୁର ମହିମା ଗୋସାଇଁ ପୀଠରେ ୩ ଦିନ ବ୍ୟାପୀ ବାର୍ଷିକ ବୈଶାଖୀ ମହାମେଳା ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ମହିମା ଗୋସାଇଁଙ୍କ ଉଦ୍ଦେଶ୍ୟରେ ଭକ୍ତି ଅର୍ଘ୍ୟ ନିବେଦନ କରିଥିଲେ। ମହିମା ଧର୍ମର ବ୍ରହ୍ମ ଅବଧୂତ ଶୁକଦେବ ଦାସଙ୍କ ତତ୍ତ୍ୱାବଧାନରେ ଅଖଣ୍ଡ ବ୍ରହ୍ମଧୂନି ସ୍ଥାପନ, ଘୃତାହୂତି ପ୍ରଦାନ, ନାମ ଭଜନ ଏବଂ ବିଶ୍ୱବାସୀଙ୍କ କଲ୍ୟାଣ ନିମନ୍ତେ ଝାଡ଼ ପ୍ରଜ୍ୱଳନ କରାଯାଇଥିଲା। ନିତ୍ୟାନନ୍ଦ ବାବା, ଗୌତମ ବାବା, ଗୋକଳି ବାବା, ତାରକ ବାବା ଓ ଅନ୍ୟ ମହିମା ସାଧୁ ଉପସ୍ଥିତ ଥିଲେ। ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା, ବିଜେପି ନେତା ଅରିନ୍ଦମ୍ ରାୟ, ଶିଳ୍ପଦ୍ୟୋଗୀ ପ୍ରଦୀପ୍ତ ଚନ୍ଦ୍ର ରଥ, ନିୟମିତା ରଥ, ଶିବ ପ୍ରସାଦ ରଥ, ସରପଞ୍ଚ ଦୀପ୍ତିମୟୀ ବେହେରା, ନିବାସ ପାଣ୍ଡବ, ପୂର୍ବତନ ସରପଞ୍ଚ ହରମୋହନ ପ୍ରଧାନ, ସୁବୋଧ ସାମଲ, ଅମୂଲ୍ୟ କୁମାର ସାହୁ, ମାନସ ରଞ୍ଜନ ଭଗତଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଏହି ଅଧ୍ୟାତ୍ମିକ ମହୋତ୍ସବରେ ଯୋଗଦେଇଥିଲେ।

# କଟକରେ ଚିନ୍ତା ବଢ଼ାଇଲାଣି ପାର୍କିଂ ସମସ୍ୟା

କଟକ, ୩।୫(ସମିସ)

ରୌପ୍ୟ ସହର କଟକର ଅସଜଡ଼ା ଟ୍ରାଫିକ ବ୍ୟବସ୍ଥା ଏବେ ସାଧାରଣ ଜନତାଙ୍କ ପାଇଁ ଦୈନନ୍ଦିନ ସମସ୍ୟା ପାଲଟିଛି। ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ରହିଥିବା ବିଭିନ୍ନ ବ୍ୟାଙ୍କ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ପାର୍କଗୁଡ଼ିକରେ ପର୍ଯ୍ୟାପ୍ତ ପାର୍କିଂ ସ୍ଥଳ ନ ଥିବାରୁ ଟ୍ରାଫିକ ନିୟନ୍ତ୍ରଣ କରିବା କମିଶନରେଟ ପୁଲିସ ପାଇଁ କାଠିକର ପାଠ ହୋଇଛି। ଗ୍ରାହକମାନେ ନିଜର ଯାନବାହନଗୁଡ଼ିକୁ ରାସ୍ତା ଉପରେ ପାର୍କିଂ କରୁଥିବାରୁ ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରତ୍ୟେକ ବ୍ୟବସାୟିକ ପ୍ରତିଷ୍ଠାନ ନିଜର ମୋଟ ଜାଗାର ପ୍ରାୟ ୧୫ରୁ ୨୦ ପ୍ରତିଶତ ପାର୍କିଂ ପାଇଁ ଉନ୍ମୁକ୍ତ ରଖିବା କଥା। ମାତ୍ର କଟକର ଅଧିକାଂଶ ବ୍ୟାଙ୍କ ଓ ବୀମା କମ୍ପାନୀ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ବାଦାମବାଡ଼ି, ଅରୁଣୋଦୟ ମାର୍କେଟ, ବଜ୍ରକବାଟୀ ରୋଡ୍, ବକ୍ସିବଜାର, ତିନିକୋଣିଆ ବଗିଚା ଓ ନୟାସଡ଼କ ଭଳି ୫୦ରୁ ଅଧିକ ସ୍ଥାନରେ



- ରାସ୍ତା କଡ଼ରେ ଅଫିସ ଓ ବ୍ୟାଙ୍କ, ନାକେଦମ୍ ହେଉଛି ଟ୍ରାଫିକ ପୁଲିସ
- ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବ୍ୟବସାୟିକ ପ୍ରତିଷ୍ଠାନରେ ନାହିଁ ପାର୍କିଂ ସ୍ଥଳ
- ରାସ୍ତା ଉପରେ ଜମୁଛି ଗାଡ଼ି
- ଜରିମାନା ଚେତାବନୀ ପରେ ବି ସୁଧୁରୁନି ସ୍ଥିତି

ଥିବା ବ୍ୟାଙ୍କ ଶାଖାଗୁଡ଼ିକ ସମ୍ମୁଖରେ ଦୁଇଚକିଆ ଓ ଚାରିଚକିଆ ଯାନବାହନଗୁଡ଼ିକ ଅବାଧରେ ଛିଡ଼ା ହେଉଛି। ଯେଉଁଠି ପାର୍କିଂ ସ୍ଥାନ ଅଛି, ତାହା ଗାଡ଼ି ସଂଖ୍ୟା ତୁଳନାରେ 'ସମୁଦ୍ରକୁ ଶଙ୍ଖେ' ସଦୃଶ ହୋଇଛି। ଟ୍ରାଫିକ ଜାମକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସହରର ୧୪ଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ 'ନୋ ପାର୍କିଂ ଜୋନ୍' ଫଳକ ଲଗାଯାଇଛି। ବେଆଇନ ପାର୍କିଂ କଲେ ଭାରି ଅଙ୍କର ଜରିମାନା ଆଦାୟ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ପୂର୍ବରୁ ବଜ୍ରକବାଟୀ ରୋଡ୍‌ସ୍ଥିତ ଏକ ଘରୋଇ ବ୍ୟାଙ୍କର ପାର୍କିଂ ସମସ୍ୟା ନେଇ ହାଇକୋର୍ଟ ହସ୍ତକ୍ଷେପ କରିଥିଲେ ହେଁ, ଅନ୍ୟ ବ୍ୟାଙ୍କଗୁଡ଼ିକ ଏଥିରୁ ଶିକ୍ଷା ଲାଭ କରୁ ନ ଥିବା ଦେଖାଯାଇଛି। କେବଳ ବ୍ୟାଙ୍କ କିମ୍ବା ଅଫିସ ନୁହେଁ, ସହରରେ ଥିବା ପ୍ରାୟ ୩୦ରୁ ଅଧିକ ପାର୍କ ସମ୍ମୁଖରେ ସନ୍ଧ୍ୟା ସମୟରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହେଉଛି। ପାର୍କକୁ ବୁଲିବାକୁ ଆସୁଥିବା ଲୋକେ ରାସ୍ତା କଡ଼ରେ ଗାଡ଼ି ରଖୁଥିବାରୁ ଟ୍ରାଫିକ ସମସ୍ୟା ସଙ୍ଗୀନ ହେଉଛି। ପୁଲିସ ଏହାକୁ ଦେଖି ମଧ୍ୟ ଅଣଦେଖା କରୁଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସହରବାସୀଙ୍କ ମତରେ, ବ୍ୟାଙ୍କ କିମ୍ବା ବଡ଼ ପ୍ରତିଷ୍ଠାନ ଖୋଲିବା ପୂର୍ବରୁ ସେମାନଙ୍କର ପାର୍କିଂ ବ୍ୟବସ୍ଥା ଅଛି କି ନାହିଁ, ତାହାର ଯାଞ୍ଚ କରିବା ପ୍ରଶାସନର ଦାୟିତ୍ୱ। ଯଦି ତୁରନ୍ତ ଏହି ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଏ, ତେବେ ଆଗାମୀ ଦିନରେ କଟକର ରାସ୍ତାରେ ଚାଲିବା ସାଧାରଣ ଲୋକଙ୍କ ପାଇଁ ଦୁର୍ବିସହ ହୋଇପଡ଼ିବ।

ସକାଳ
THE SAKALA

# ସମ୍ପାଦକୀୟ



ସମୟ ସମସ୍ତଙ୍କର ସବୁଠାରୁ ବଡ଼ ଓ ଭଲ ଉପଦେଷ୍ଟା।
-ପେରିକ୍ଲିସ୍

## ଧୂଆଁପତ୍ର - ଧୂଆଁବାଣ

ୟୁନାଇଟେଡ୍ କିଙ୍ଗଡ଼ମ୍(ୟୁକେ)ରେ ଏକ ଅତ୍ୟନ୍ତ ପ୍ରଶଂସନୀୟ ବିଧେୟକଟିଏ ଆଗତ ହୋଇଛି, ଯେଉଁଥିରେ ୨୦୦୯ ଜାନୁଆରୀ ପହିଲା ପରେ ଜନ୍ମିତମାନଙ୍କୁ ସିଗାରେଟ୍ ବିକ୍ରି ଉପରେ ନିଷେଧାଜ୍ଞାର ପ୍ରସ୍ତାବ ରହିଛି। ଭାରତୀୟ ବଂଶୋଦ୍ଭବ ତଥା କଞ୍ଜରଭେଟିଭ୍ ପାର୍ଟି ନେତା ଋଷି ସୁନକ୍‌ଙ୍କ ପ୍ରଧାନମନ୍ତ୍ରିତ୍ୱ ଅମଳରେ ୨୦୨୪ରେ ଆଗତ ହୋଇଥିବା ଏହି ବିଧେୟକକୁ ଆଇନରେ ପରିଣତ କରିବା ପାଇଁ ସେଠାକାର ବର୍ତ୍ତମାନର ଲେବର ପାର୍ଟି ସରକାର ଉଦ୍ୟମ ଆରମ୍ଭ କରିଛନ୍ତି।

ସେଭଳି ଆପରାଧିକ କିମ୍ବା ଅସାମାଜିକ ପୃଷ୍ଠଭୂମିରୁ ଆସି ନଥିଲେ ସାଧାରଣତଃ କୌଣସି ବୟସ୍କ ବ୍ୟକ୍ତି କନିଷ୍ଠମାନଙ୍କୁ ସିଗାରେଟ୍ ଯାଚନ୍ତି ନାହିଁ ବା ଧୂମପାନ ପାଇଁ ଅନୁମତି ଦିଅନ୍ତି ନାହିଁ କିମ୍ବା କନିଷ୍ଠମାନେ ବରିଷ୍ଠମାନଙ୍କ ସାମ୍ନାରେ ଧୂମପାନ କରନ୍ତି ନାହିଁ। ତେଣୁ ବିଧେୟକଟି ପାରିତ ହୋଇ ଆଇନରେ ପରିଣତ ହୋଇସାରିବା ପରେ ସେଠାରେ ବୟସ୍କମାନେ ଦୋକାନରୁ ସିଗାରେଟ୍ କିଣି କନିଷ୍ଠମାନଙ୍କୁ ଦେବାର ଆଶଙ୍କା ମଧ୍ୟ ନାହିଁ। ଏହା ଜରିଆରେ ପରବର୍ତ୍ତୀ ପିଢ଼ି କ୍ରମଶଃ ଧୂମପାନରୁ ଦୂରେଇ ଯିବେ ବୋଲି ଆଇନ ପ୍ରଣେତାମାନେ ବିଶ୍ୱାସ ରଖିଛନ୍ତି। ୨୦୩୦ ସୁଦ୍ଧା ୟୁକେକୁ ସମ୍ପୂର୍ଣ୍ଣ ଧୂମପାନ ମୁକ୍ତ କରିବା ଲକ୍ଷ୍ୟ ରଖି ୨୦୧୯ ରେ ଆରମ୍ଭ କରାଯାଇଥିବା ଜାତୀୟ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। ୨୦୦୭ରେ ବିଶ୍ୱର ପ୍ରଥମ ଦେଶ ଭାବେ ୟୁକେ ସର୍ବସାଧାରଣ ସ୍ଥାନରେ ଧୂମପାନକୁ ନିଷେଧ କରିଥିଲା, ଯାହାର ପ୍ରଭାବ ସେ ଦେଶରେ ଅନେକାଂଶରେ ପରିଲକ୍ଷିତ ହୋଇଛି। ୨୦୨୫ ନଭେମ୍ବର ମାସରେ ମାଳଦ୍ୱୀପ ସମାନ ଆଇନ ପ୍ରଣୟନ କରିଛି, ଯେଉଁଥିରେ ୨୦୦୭ ପରେ ସେଠାରେ ଜନ୍ମିତ ବ୍ୟକ୍ତିଙ୍କ ସମେତ ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ସିଗାରେଟ୍ କିଣିବା ଉପରେ ନିଷେଧାଦେଶ ଜାରି କରାଯାଇଛି।

ଏହି ପୃଷ୍ଠଭୂମିରେ ଆମ ରାଜ୍ୟରେ ଗୁଟ୍‌ଖା ଓ ତମାଖୁ ବିକ୍ରି ଓ ବ୍ୟବହାର ଉପରେ ନିକଟରେ ଜାରି କରାଯାଇଥିବା ନିଷେଧାଦେଶର ସ୍ଥିତିକୁ ଆଜିର ଦିନରେ ତର୍ଜମା କରାଯାଉ। ଗତ ଜାନୁଆରୀ ଶେଷ ସପ୍ତାହରେ ଓଡ଼ିଶା ସରକାର ଗୁଟ୍‌ଖା ଓ ତମାଖୁଜାତୀୟ ସାମଗ୍ରୀର ଉତ୍ପାଦନ, ବଣ୍ଟନ, ବିକ୍ରୟ ଓ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା ଜାରି କରିଥିଲେ। ଆଶା କରାଯାଉଥିଲା ଯେ ଏହା ପୂର୍ବ ସରକାରୀ ନିଷେଧାଦେଶ ଭଳି କେବଳ ଧୂଆଁବାଣ ହୋଇ ରହିଯିବ ନାହିଁ; ବରଂ ଓଡ଼ିଶା ତମାଖୁମୁକ୍ତ ଓ ରୋଗମୁକ୍ତ ରାଜ୍ୟ ଭାବେ ସୁନାମ ଅର୍ଜନ କରିବ। କିନ୍ତୁ ସରକାରୀ ନିର୍ଦ୍ଦେଶନାମାକୁ ଅସାମ୍ବିଧାନିକ ଦର୍ଶାଇ କେତେକ ସଂସ୍ଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେଲେ। ସରକାରୀ ନିର୍ଦ୍ଦେଶନାମାରେ ଗୁଟ୍‌ଖା ଓ ତମାଖୁକୁ 'ଖାଦ୍ୟ'ଭାବେ ବର୍ଗୀକରଣ କରାଯାଇଥିବାରୁ ତାହା କୁଆଡ଼େ ଆପତ୍ତିଜନକ ଥିଲା। ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ସରକାରୀ ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଦେଲେ। ଅର୍ଥାତ୍ ଗୁଟ୍‌ଖା ଓ ତମାଖୁର ଉତ୍ପାଦନ, ବିକ୍ରିବଟା ଓ ବ୍ୟବହାର ଉପରେ ଆଉ କୌଣସି କଟକଣା ରହିଲା ନାହିଁ। ଏହା କାହାକୁ ସୁହାଇଲା ତାହା ଆଉ ବୁଝାଇ କହିବା ଆବଶ୍ୟକ ନାହିଁ; କିନ୍ତୁ ଗୁଟ୍‌ଖା ଓ ତମାଖୁ ଆସକ୍ତ ଗରାଖମାନେ ଯେଉଁ କ୍ଷତିସହିଲେ ତାହା ଅକଳନୀୟ।

ଏବେ ଚର୍ଚ୍ଚା ହେଉଛି ଯେ ସେତେବେଳେ ନିଷେଧାଜ୍ଞା ମାଧ୍ୟମରେ ସରକାର ଗୁଟ୍‌ଖା ଓ ତମାଖୁର କଳାବଜାରଟିଏ ଖୋଲିବା ପାଇଁ ସୁଯୋଗ ସୃଷ୍ଟି କଲେ ଏବଂ ସେ ବାବଦ ଯେଉଁ ଅତିରିକ୍ତ ଆୟ ହେଲା ତାହା ସରକାରୀ ଦଳ ପାଣ୍ଠିକୁ ଚାଲିଗଲା। ଏହି ଅଭିଯୋଗ ଓ ଆଲୋଚନା ପଛର ସତ୍ୟତା କେତେ ତାହା ଆମକୁ ଜଣା ନାହିଁ। କିନ୍ତୁ ଏହା ସତ୍ୟ ଯେ ତମାଖୁମୁକ୍ତ ଓଡ଼ିଶା ଗଠନ ପାଇଁ ପୁଣି ଥରେ ଯେଉଁ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହୋଇଥିଲା ତାହା ହାତଛଡ଼ା ହୋଇଗଲା। ନ୍ୟୁଜିଲାଣ୍ଡରେ ମଧ୍ୟ ସମାନ ଘଟଣା ଘଟିଥିଲା। ସେଠାରେ ୟୁକେ ଭଳି ୨୦୨୨ରେ ଏକ ବିଧେୟକ ଆସିଥିଲେ ମଧ୍ୟ ଆସନ୍ନ ନିର୍ବାଚନ ପୃଷ୍ଠଭୂମିରେ ପ୍ରବଳ ବିରୋଧର ସମ୍ମୁଖୀନ ହେଲା। ସିଗାରେଟ୍ କିଣାବିକା ପାଇଁ ନିର୍ଦ୍ଦିଷ୍ଟ ବୟସସୀମା ଧାର୍ଯ୍ୟ ହେଲେ ବିପୁଳ ରାଜସ୍ୱ କ୍ଷତି ହେବ ଏବଂ କଳାବଜାରୀ ବଢ଼ିବ ବୋଲି ଅଭିଯୋଗ ହେଲା। ଏଥିରୁ ବିରୋଧୀ ରାଜନୈତିକ ଦଳ ଫାଇଦା ହାସଲ କରିବ ବୋଲି ସରକାରୀ ଦଳର ସଦସ୍ୟମାନେ ମତ ଦେଲେ। ଶେଷରେ ବିଧେୟକଟି ପ୍ରତ୍ୟାହୃତ ହୋଇଗଲା।

ତମାଖୁ ସେବନର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ କେତେ ତାହା ଉଲ୍ଲେଖ ଅନାବଶ୍ୟକ। ଅଥଚ ଲୋକମାନେ ଏହି ଆସକ୍ତିରୁ ମୁକ୍ତ ହୋଇପାରୁନାହାନ୍ତି କି ସରକାରମାନେ ରାଜସ୍ୱ ଲୋଭରୁ ବର୍ତ୍ତିପାରୁନାହାନ୍ତି। ଫଳରେ ତମାଖୁ ସେବନକାରୀ କର୍କଟ ରୋଗାକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଉତ୍ପାଦନକାରୀ ସଂସ୍ଥା ଓ ଔଷଧ ନିର୍ମାତାଙ୍କ ପାଇଁ ବିପୁଳ ରୋଜଗାରର ସ୍ୱର୍ଗମାନ ଗଢ଼ି ଉଠୁଛି। ନିକଟରେ ପ୍ରକାଶିତ ପରିବାର ଉପଭୋକ୍ତା ଖର୍ଚ୍ଚ ସର୍ବେକ୍ଷଣ ୨୦୨୩-୨୪ ଅନୁଯାୟୀ ଆମ ଦେଶ ବିଶ୍ୱରେ 'ତମାଖୁର ଦେଶ' ଭାବେ କୁଖ୍ୟାତି ଅର୍ଜନ କରିଛି। ଏହା କେବଳ ଦେଶ ପାଇଁ ଦୁର୍ନାମ ଆଣି ଦେଇ ନାହିଁ, ଅଧିକନ୍ତୁ ଦେଶବାସୀଙ୍କ ଅର୍ଥନୈତିକ-ସାମାଜିକ ଜୀବନକୁ ଗୁରୁତର ପ୍ରଭାବିତ କରୁଛି। ୨୦୧୧ ରୁ ୨୦୨୪ ମଧ୍ୟରେ ଗୁଟ୍‌ଖା ବ୍ୟବହାର ସଂଖ୍ୟା ଗ୍ରାମୀଣ ଭାରତରେ ୫୮ ପ୍ରତିଶତ ଏବଂ ସହରୀ ଭାରତରେ ୭୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ତମାଖୁରେ ମାସିକ ମୁଣ୍ଡପିଛା ଖର୍ଚ୍ଚର ପ୍ରାୟ ୧ ପ୍ରତିଶତ ଯାଉଛି। ବିଶେଷକରି ଅର୍ଥନୀତିର ସର୍ବନିମ୍ନ ୪୦ ପ୍ରତିଶତ ବର୍ଗର ୭୦% ପରିବାରରେ ଗୁଟ୍‌ଖା ବ୍ୟବହାର ସର୍ବାଧିକ। ଏ ବାବଦ ସ୍ୱାସ୍ଥ୍ୟ ହାନିଜନିତ କ୍ଷୟକ୍ଷତି ଆହୁରି ଉଦ୍‌ବେଗଜନକ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ତଥ୍ୟାନୁଯାୟୀ ତମାଖୁ ସେବନ ଯୋଗୁଁ ଭାରତରେ ବାର୍ଷିକ ହାରାହାରି ୧୩ ଲକ୍ଷ ଜୀବନ ଯାଉଛି, ଯାହା ମୋଟ ମୃତ୍ୟୁ ସଂଖ୍ୟାର ୬୩%।

ଏକ ଜନମଙ୍ଗଳ ରାଷ୍ଟ୍ରର ସରକାର ଲୋକଙ୍କ ସ୍ୱାସ୍ଥ୍ୟ ପ୍ରତି କେତେ ସଚେତନ ହେବା ଆବଶ୍ୟକ ତାହା ଉପରୋକ୍ତ ସରକାରୀ ତଥ୍ୟ ଇଙ୍ଗିତ କରୁଛି। ଅଥଚ ସରକାର ଜନସ୍ୱାସ୍ଥ୍ୟକୁ ଗୌଣ କରି ରାଜସ୍ୱକୁ ପ୍ରାଧାନ୍ୟ ଦେଉଛନ୍ତି। ଲୋକେ ତ ସୁଧୁରିବେ ନାହିଁ; ବରଂ ସରକାର ସଜାଗ ହୁଅନ୍ତୁ। ନିଷେଧାଦେଶର ଛାଟକୁ ଆହୁରି ଲମ୍ବା କରନ୍ତୁ। ଆଇନ ବିଶାରଦମାନେ ଗଳାବାଟ ବା ଶବ୍ଦବିନ୍ୟାସର ତ୍ରୁଟିବିଚ୍ୟୁତିକୁ ଅଧିକ ଖୋଳତାଡ଼ ନ କରି ଯାହା ସାମଗ୍ରିକ ଭାବେ ଜନତାଙ୍କ ସାମୂହିକ କଲ୍ୟାଣ ଲାଗି ଉଦ୍ଦିଷ୍ଟ ସେଦିଗରେ ଅଧିକ ମନୋନିବେଶ କରନ୍ତୁ। ଏଥିପାଇଁ ନିଷ୍ଠା ଓ ଆନ୍ତରିକତାଠାରୁ ଅଧିକ ଲୋଡ଼ା ମାନବିକତା। ବ୍ୟବସାୟିକ ସଂସ୍ଥାଙ୍କଠାରୁ ଏହା ଆଶା କରିବା ବୃଥା। ବରଂ ନ୍ୟାୟିକ କ୍ଷେତ୍ର ଏଥିପ୍ରତି ସମ୍ବେଦନଶୀଳ ହେଉ। ଏଣିକି ଧୂଆଁପତ୍ର ଜାତ ସାମଗ୍ରୀର ନିଷେଧାଦେଶ କେବଳ ଧୂଆଁବାଣ ନ ହେଉ।

## ସାମ୍ପ୍ରତିକ ସାର ସଙ୍କଟ ଓ ସମାଧାନ

ଦୋଳଗୋବିନ୍ଦ ପଣ୍ଡା

ଆମ ଦେଶ ସ୍ୱାଧୀନ ହେବା ସମୟରେ ଆମର ଲକ୍ଷ୍ୟ ଥିଲା ଖାଦ୍ୟ ଶସ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା। ଏହି ଲକ୍ଷ୍ୟ ପୂରଣ ହେବା ସହିତ ଆମ ଦେଶ ଖାଦ୍ୟ ଶସ୍ୟ ରପ୍ତାନି କରିଆସୁଛି। କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇବା ପଛରେ ମୁଖ୍ୟ କାରକଗୁଡ଼ିକ ହେଉଛି - ଜଳସେଚନ, ଉନ୍ନତ ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ ଇତ୍ୟାଦି। କିନ୍ତୁ ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଇପାରୁଥିଲେ ମଧ୍ୟ ଆମେ କୃଷିକ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହୋଇପାରୁନାହୁଁ। ବିଶେଷକରି ରାସାୟନିକ ସାର ନିମନ୍ତେ ଆମେ ଅନ୍ୟଦେଶଗୁଡ଼ିକ ଉପରେ ନିର୍ଭରଶୀଳ।

ସାର ପ୍ରସ୍ତୁତି ନିମନ୍ତେ ଯବକ୍ଷାରଜାନ, ଫସଫରସ ଓ ପୋଟାସିୟମ ବ୍ୟବହାର କରାଯାଏ। ଭାରତରେ ୟୁରିଆ ସାର ପ୍ରସ୍ତୁତି ନିମନ୍ତେ ମୁଖ୍ୟତଃ ତରଳ ପ୍ରାକୃତିକ ଗ୍ୟାସ(ଏଲ୍‌ଏନ୍‌ଜି) ବ୍ୟବହୃତ ହୁଏ। ଏହା ପ୍ରାୟତଃ ରୁଷ, ଓମାନ୍, ସାଉଦି ଆରବ, କାତାର, ନାଇଜେରିଆ ଆଦି ଦେଶରୁ ଆମଦାନୀ କରାଯାଏ। ଫସଫେଟ ଜାତୀୟ ସାର ସାଉଦି ଆରବ, ମରୋକୋ, ଚୀନ, ଜୋର୍ଡାନ, ଇସ୍ରାଏଲ୍, କାନାଡ଼ା ଆଦି ଦେଶରୁ ଆମଦାନୀ କରାଯାଏ। ସାରର ବଜାର ମୂଲ୍ୟ ବହୁତ ଅଧିକ। ଭାରତ ସରକାର ରାସାୟନିକ ସାର ଉପରେ ରିହାତି ଦେଇ ଚାଷୀମାନଙ୍କୁ ସୁଲଭ ମୂଲ୍ୟରେ ସାର ଉପଲବ୍ଧ କରାଇଥା'ନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ରାସାୟନିକ ସାର ପାଇଁ ରିହାତି ବାବଦକୁ ଭାରତ ସରକାର ୧ ଲକ୍ଷ ୬୮ ହଜାର କୋଟି ଟଙ୍କା ବ୍ୟୟ କରିଛନ୍ତି। ତନ୍ମଧ୍ୟରୁ କେବଳ ୟୁରିଆ ନିମନ୍ତେ ରିହାତି ପରିମାଣ ୧ ଲକ୍ଷ ୧୯ ହଜାର କୋଟି ଟଙ୍କା। ଏହାଛଡ଼ା ରାସାୟନିକ ସାର ଓ କୀଟନାଶକ ଔଷଧର ମୃତ୍ତିକା, ଅଣୁଜୀବ, ଜିଆ, ମଣିଷ ଓ ଅନ୍ୟାନ୍ୟ ଜୀବଜନ୍ତୁମାନଙ୍କର ସ୍ୱାସ୍ଥ୍ୟ ପ୍ରତି କୁପ୍ରଭାବ ବିଷୟରେ ପ୍ରାୟତଃ ସଚେତନ ନାଗରିକମାନେ ଅବଗତ ଅଛନ୍ତି। ଏଠାରେ ଚିନ୍ତାର ବିଷୟ ହେଉଛି ରାସାୟନିକ ସାର ବିନା ଖାଦ୍ୟ ଶସ୍ୟ ଉତ୍ପାଦନ କରିବାର କୌଣସି ଉପାୟ ଅଛି କି?

ରାସାୟନିକ ସାରର ବିକଳ୍ପ ହେଉଛି ଗୋବର ଖତ, ପିଡ଼ିଆ, ଜୈବିକ ସାର ତଥା ପ୍ରାକୃତିକ କୃଷି ପଦ୍ଧତିର ଅନୁସରଣ। ଆମ ପୂର୍ବଜମାନେ ଗୋବର ଖତ ସହିତ ପିଡ଼ିଆ ପ୍ରୟୋଗ କରି ମାଟି ପ୍ରସ୍ତୁତ କରୁଥିଲେ। ଚାଷୀମାନଙ୍କ ପାଖରେ ଉପଲବ୍ଧ ସୋରିଷ, ରାଶି, ବାଦାମ, କୁସୁମ, ଟୋଳ, ଲିମ୍ବ ଏବଂ କରଞ୍ଜ ପିଡ଼ିଆକୁ ସେମାନେ ଜମିରେ ବ୍ୟବହାର କରୁଥିଲେ। ସେହି ପିଡ଼ିଆରେ ମୁଖ୍ୟତଃ ଯବକ୍ଷାରଜାନ, ଫସଫରସ ଓ ପୋଟାସ ଜାତୀୟ ପୋଷକତତ୍ତ୍ୱ ଅଧିକ ମାତ୍ରାରେ ଥାଏ, ଯାହା ମାଟିର ଉର୍ବରତା ବଢ଼େଇବାରେ ସାହାଯ୍ୟ କରେ।

ସାମ୍ପ୍ରତିକ ସ୍ଥିତିରେ ଆମ ରାଜ୍ୟ କଥା ଚିନ୍ତା କରାଯାଉ। ଆମ ରାଜ୍ୟରେ ୯୩% ପ୍ରତିଶତ କୃଷକ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନଙ୍କର ପରିବାରର ମୋଟ ଚାଷ ଉପଯୋଗୀ ଜମି ୧ ହେକ୍ଟର କିମ୍ବା ତା'ଠାରୁ କମ୍। ସରକାରୀ ତଥ୍ୟ ଅନୁସାରେ ୨୦୨୦-୨୧ ଆର୍ଥିକ ବର୍ଷରେ ଆମ ରାଜ୍ୟରେ ହେକ୍ଟର ପ୍ରତି ୭୬.୯ କି:ଗ୍ରା ରାସାୟନିକ ସାର ବ୍ୟବହାର କରାଯାଉଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷରେ ତାହା ୭୮.୨ କି:ଗ୍ରାକୁ ବୃଦ୍ଧି ପାଇଛି। ହେକ୍ଟର ପ୍ରତି ୨.୩୫ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଇପାରୁଛି। ଏଣୁ ଏକ ହେକ୍ଟର ଜମିରେ ହାରାହାରି ୮୦ କି:ଗ୍ରା ରାସାୟନିକ ସାର ପ୍ରୟୋଗ କରାଯାଇ ୨.୩୫ ଟନ୍ ଧାନ ତଥା ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନ କରାଯାଇପାରୁଛି। ଧାନ ଆମର ମୁଖ୍ୟ ଖାଦ୍ୟ ଶସ୍ୟ ହୋଇଥିବାରୁ ଧାନ ଚାଷରେ ଜୈବିକ ସାରର ଆବଶ୍ୟକତା ବିଷୟରେ ଆଲୋଚନା କରିବା।

ଧାନ ଗଡ଼ାଣିଆ ପାହାଡ଼ ଉପରେ ଚାଷ କରାଯାଇପାରେ। ସେହିପରି ପାଣି ଜମି ରହୁଥିବା ଖାଲ ଜମି ଓ ଲୁଣା ପାଣିରେ ମଧ୍ୟ ଚାଷ କରାଯାଇପାରେ। ଧାନ ଫସଲର ଉତ୍ପାଦନ ବଢ଼ାଇବା ପାଇଁ ମୁଖ୍ୟପ୍ରକ୍ରିୟାଗୁଡ଼ିକ ହେଲା ଖରାଟିଆ ହଳ କରି ଜମିକୁ ପ୍ରସ୍ତୁତ କରିବା, ଗୋବର ବା କମ୍ପୋଷ୍ଟ ଖତ ବ୍ୟବହାର କରିବା, ସବୁଜ ସାର ହିସାବରେ ଧଣିଚା, ମୁଗ, ଝୁଡ଼ଙ୍ଗ ଇତ୍ୟାଦି ଚାଷ କରି ମାଟିରେ ମିଶାଇ ଦେବା, ଶ୍ରୀପଦ୍ଧତି ଓ ଧାଡ଼ିରୁଆ ପଦ୍ଧତି ଅବଲମ୍ବନ କରିବା, ଜମିରେ ଜଳକୁ ନିୟନ୍ତ୍ରଣ କରିବା, ୧୫ ଦିନରେ ଥରେ ୱିଡର୍ ଚଳାଇ ମାଟିକୁ ହାଲୁକା କରିବା ଏବଂ ତରଳ ଗୋବର ଖତ ପ୍ରୟୋଗ କରିବା ଇତ୍ୟାଦି। ଏହିସବୁ ପଦ୍ଧତି ଅବଲମ୍ବନ କଲେ ରାସାୟନିକ ସାରର ଆବଶ୍ୟକତା ପଡ଼ି ନପାରେ।

ଏକ ହେକ୍ଟର ଜମିରେ ୨୦୦୦ ଲିଟରର ଜୀବାମୃତ ପ୍ରୟୋଗ କଲେ ୪-୫ ଟନ ପର୍ଯ୍ୟନ୍ତ ଧାନ ଅମଳ କରିହେବ। ଗୋବର, ଉଇହୁଙ୍କା ମାଟି, ବେସନ ଓ ଗୁଡ଼କୁ ମିଶ୍ରଣ କରାଯାଇ ଜୀବାମୃତ ପ୍ରସ୍ତୁତ କରାଯାଏ ଏବଂ ୧ ଲିଟର ଜୀବାମୃତ ପ୍ରସ୍ତୁତି ପାଇଁ ଅତି ବେଶୀରେ ୨ ଟଙ୍କା ଖର୍ଚ୍ଚ ହେବ। ଆମ ରାଜ୍ୟରେ ମୁଖ୍ୟତଃ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ନିଜେ ପରିଶ୍ରମ କରି ଚାଷ କରନ୍ତି। ଏଣୁ ସଠିକ ପ୍ରଶିକ୍ଷଣ ହେଲେ ଚାଷୀମାନେ ଘରେ ଘରେ ଜୀବାମୃତ ପ୍ରସ୍ତୁତ କରି ଧାନ ଫସଲରେ ପ୍ରୟୋଗ କରିପାରିବେ। ଆମ ରାଜ୍ୟରେ ମୋଟ ୭୮ ଲକ୍ଷ ଚାଷୀ ଥିବା ବେଳେ ୨୦ ତମ ପଶୁସମ୍ପଦ ଗଣନା ତଥ୍ୟ ଅନୁସାରେ ୯୯.୦୩ ଲକ୍ଷ ଗୋରୁଗାଈ ଅଛନ୍ତି। ଅର୍ଥାତ ପ୍ରତ୍ୟେକ ଚାଷୀଙ୍କ ପାଖରେ ୧ ରୁ ୨ ଟି ଗାଈ ବା ବଳଦ ଅଛି। ଏକ ହେକ୍ଟର ଜମିରେ ଆବଶ୍ୟକ ହେଉଥିବା ଗୋବର, ଗୋମୂତ୍ର ପାଇଁ ୧ଟି ଗାଈ ବା ବଳଦ ଯଥେଷ୍ଟ। ସେହିପରି ଓମଫେଡ୍ ସହିତ ୨ ଲକ୍ଷ ୫୦ ହଜାର ଦୁଗ୍ଧ ଚାଷୀ ଜଡ଼ିତ ଅଛନ୍ତି ଏବଂ ଜଣେ ଜଣେ ଚାଷୀଙ୍କ ପାଖରେ ୨ଟିରୁ ୧୦ ଯାଏଁ ଉନ୍ନତ ଗାଈ ଅଛନ୍ତି, ଯାହାର ଗୋବର ଖତ ଉପରେ ନିର୍ଭର କରି ୨ ଲକ୍ଷ ୫୦ ହଜାର ଚାଷୀ ରାସାୟନିକ ସାର ବିନା ଚାଷ କରିପାରିବେ।

ଆମ ରାଜ୍ୟର ମାଳଭୂମି ଅଞ୍ଚଳରେ ରାସାୟନିକ ସାର ବ୍ୟବହାର ନ କରି କିମ୍ବା ଖୁବ୍ କମ୍‌ମାତ୍ରାରେ ବ୍ୟବହାର କରି ଭଲ ଚାଷ କରାଯାଇ ପାରୁଥିବାର ଅନୁଭୂତି ଅଛି। କନ୍ଧମାଳରେ ହେକ୍ଟର୍ ପ୍ରତି ମାତ୍ର ୧୫ କି:ଗ୍ରା ରାସାୟନିକ ସାର ବ୍ୟବହାର କରାଯାଏ। ଏଣୁ ପାର୍ବତ୍ୟ ଓ ବ୍ୟାପକ ଜଙ୍ଗଲରେ ଘେରି ରହିଥିବା ଗ୍ରାମଗୁଡ଼ିକରେ ରାସାୟନିକ ସାର ପ୍ରୟୋଗ ନ କରି ସମ୍ପୂର୍ଣ୍ଣ ଭାବେ ପ୍ରାକୃତିକ କୃଷିକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଅଛି। ଜଳସେଚିତ ଓ ଉପକୂଳ ଅଞ୍ଚଳରେ ଚାଷୀମାନେ ମୃତ୍ତିକା ପରୀକ୍ଷା କରି ଜମିର ଆବଶ୍ୟକ ପୋଷକ ତତ୍ତ୍ୱ ଅନୁସାରେ ସାର ପ୍ରୟୋଗ କରିବା ଉଚିତ୍। ଯେଉଁ ଜମିରେ ବର୍ଷକୁ ମାତ୍ର ଥରଟିଏ ଚାଷ କରାଯାଉଛି ସେହି ଅଞ୍ଚଳରେ ଜମିର ଉର୍ବରତା ପ୍ରାୟତଃ କମି ନଥାଏ। ଏଣୁ ପ୍ରତିବର୍ଷ ରାସାୟନିକ ସାରର ମାତ୍ରା ବଢ଼ାଇବା ଅପେକ୍ଷା ମୃତ୍ତିକା ପରୀକ୍ଷା କରି ଧାନ ଫସଲ ପାଇଁ ସାରର ଆବଶ୍ୟକତାକୁ ହିସାବ କରିବା ଉଚିତ୍।

ଲୋକବଳ ଅଭାବରୁ କେତେକ ଅଞ୍ଚଳରେ ଚାଷୀମାନେ ନିଜେ ପରିଶ୍ରମ କରି ଆବଶ୍ୟକ ଜୀବାମୃତ, ହାଣ୍ଡି ଖତ ଇତ୍ୟାଦି ପ୍ରସ୍ତୁତ କରି ନ ପାରନ୍ତି। ତେଣୁ ସରକାରଙ୍କ ତରଫରୁ ଜୈବ ସଂସାଧନ କେନ୍ଦ୍ର ସ୍ଥାପନ କରାଯାଇ ଜୀବାମୃତ, ହାଣ୍ଡି ଖତ ଇତ୍ୟାଦି ପ୍ରସ୍ତୁତ କରି ଚାଷୀମାନଙ୍କୁ ବିକ୍ରି କରାଯାଇପାରେ। ଫଳତଃ ଅନେକ ମହିଳା ଉଦ୍ୟୋଗୀଙ୍କୁ ରୋଜଗାର ନିମନ୍ତେ ଏକ ପନ୍ଥା ମିଳିଯିବ। ରାସାୟନିକ ସାର ଆମଦାନୀ ବାବଦକୁ ଖର୍ଚ୍ଚ ହେଉଥିବା ଅର୍ଥ ସଞ୍ଚୟ କରି ଆମ ଦେଶରେ ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିହେବ। ସବୁ ଜ୍ଞାନକୌଶଳ ଆମ ଚାଷୀମାନଙ୍କ ନିକଟରେ ଅଛି। ଆବଶ୍ୟକତା ଅଛି ଦୃଢ଼ ମନୋବଳ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ। ଆତ୍ମନିର୍ଭର କୃଷି ମାଧ୍ୟମରେ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ସମସ୍ତ ନାଗରିକଙ୍କ ପାଇଁ ଭଲ ଖାଇବା ଏବଂ ଭଲ ଖୁଆଇବାର ପରିକଳ୍ପନା କରାଯାଇପାରେ। ଏହି ପରିକଳ୍ପନାକୁ ସାକାର କରିବା ନିମନ୍ତେ ସ୍ୱତନ୍ତ୍ର ସେନାନୀ ହେବେ ଆମ ଚାଷୀ ଭଉଣୀ ଓ ଭାଇମାନେ।

ଭୁବନେଶ୍ୱର, ମୋ: ୮୭୫୮୯୮୬୭୭୭

## ସୃଜନଶୀଳତାର ନୂଆ ଠିକଣା: କଫି କ୍ଲବ୍

ଡ. ଉଷାରାଣୀ ଦାଶ

ଆଜିର ଯାନ୍ତ୍ରିକ ଯୁଗରେ ପ୍ରତ୍ୟେକ ମଣିଷ ନିଜ ଜୀବନରେ ବ୍ୟସ୍ତ। ନିଜ ଚାରିପାଖର ଭିଡ଼ ଭିତରେ ବି ସେ ସମ୍ପୂର୍ଣ୍ଣ ଏକୁଟିଆ। ଏହିଭଳି ସମୟରେ ଗଢ଼ି ଉଠିଥିବା କଫି କ୍ଲବ୍, ଏସ୍ପ୍ରେସୋ, କ୍ୟାପୁଚିନୋ, ଲାଟେ ବା ମୋକା ଆଦି ପ୍ରକାର ପ୍ରକାରର ପାନୀୟ ଉପଭୋଗର କେବଳ ଏକ ସାଧାରଣ ସ୍ଥାନ ନୁହେଁ, ବରଂ ଅସାଧାରଣ ଚିନ୍ତନ, ଆଲୋଚନା ଓ ସମ୍ବେଦନାର ସଂସ୍ପର୍ଶର ଏକ ସୃଜନଶୀଳ ମଞ୍ଚ ଏବଂ ପ୍ରତିଭାର ପ୍ରସ୍ଫୁଟନର ଏନ୍ତୁଡ଼ିଶାଳ ସାଜିଛି। ଏଠାରେ ଆଲୋଚନା ହେଉଛି ଜୀବନର ସତ୍ୟ କଥା, ଗରିବୀର ଯନ୍ତ୍ରଣା, ଯୁବପିଢ଼ିର ସ୍ୱପ୍ନ, ମହିଳାଙ୍କ ସଂଘର୍ଷ ଏବଂ ଆମ ସମାଜର ଆଗାମୀକାଲିର କଥା। ପ୍ରତ୍ୟେକ କପ୍ କଫି ସହ ଜନ୍ମ ନେଉଛି ନୂତନ ଚିନ୍ତା ଓ ବିଚାର, ନୂତନ ସମ୍ପର୍କ ଓ ନୂତନ ସ୍ୱପ୍ନ। ସୃଷ୍ଟି ହେଉଛି ସୃଜନର ଅସୀମ ସମ୍ଭାବନା।

୧୯୮୯ରେ ଅଷ୍ଟ୍ରେଲିଆର ବ୍ରିସବେନରେ ସର୍ବପ୍ରଥମେ ପ୍ରତିଷ୍ଠିତ ହୋଇଥିଲା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କଫି କ୍ଲବ୍ 'କାଫେ ଚେନ୍'। ବିଳମ୍ବିତ ରାତିରେ ଗୋଟିଏ ଭଲ କଫି ପିଇବା ସ୍ଥାନ ନ ପାଇବାରୁ ଇମାନୁଏଲ କୋକୋରିସ୍ ଓ ଇମାନୁଏଲ ଡ୍ରିଭାସ୍ ଏହାକୁ ଆରମ୍ଭ କରିଥିଲେ। ପରେ ସମଗ୍ର ଅଷ୍ଟ୍ରେଲିଆରେ ୨୫୦ ରୁ ଅଧିକ କାଫେ ସହ ନ୍ୟୁଜିଲ୍ୟାଣ୍ଡ, ଥାଇଲ୍ୟାଣ୍ଡ, ୟୁଏଇ, ମାଳଦ୍ୱୀପ, ଇଣ୍ଡୋନେସିଆ, କାମ୍ବୋଡ଼ିଆ, ଭିଏତନାମ ଓ ଚୀନ ଆଦି ଦେଶରେ କଫି କ୍ଲବ ଖୋଲିଥିଲା। ୨୦୨୩ ରେ ଭାରତରେ ଆରମ୍ଭ ହୋଇଥିଲା କଫି କ୍ଲବ। ଏଗୁଡ଼ିକ ଏବେ ଜୀବନ୍ତ ସାମାଜିକ ମଞ୍ଚ ଭାବରେ ପରିଚିତ।

ସମ୍ପ୍ରତି କଫି କ୍ଲବ୍ ଆଧୁନିକ ସହରୀ ସଂସ୍କୃତିର ଏକ ଆନନ୍ଦଦାୟକ ପରିବେଶ। ଏଠାରେ ବିଭିନ୍ନ ବୟସ, ପେଶା ବା ବର୍ଗର ଲୋକମାନେ ଏକତ୍ର ହୋଇ ଅନୁଭବ ଓ ଅନୁଭୂତିକୁ ଅଭିବ୍ୟକ୍ତ କରୁଛନ୍ତି। ଯୁବପିଢ଼ିଙ୍କ ପାଇଁ ଏହା ଚିନ୍ତନ-ମନନର ମଞ୍ଚ ଓ ବୟସ୍କମାନଙ୍କ ପାଇଁ ସ୍ମୃତି ଓ ଅନୁଭବ ବାଣ୍ଟିବାର ସ୍ଥାନ ପାଲଟିଛି। ଯୁବମନ ଏଠାରେ ଖୋଜୁଛି ନୂତନ ଦିଗନ୍ତ, ପ୍ରବୀଣମାନେ ନିଜର ସଂଚିତ ଜୀବନଦର୍ଶନକୁ ପ୍ରକାଶ କରି ସାମୂହିକ ଚେତନାକୁ ସମୃଦ୍ଧ କରୁଛନ୍ତି। ସାହିତ୍ୟ, ସଙ୍ଗୀତ, କଳା ଓ ସମାଜିକ ପରିଚର୍ଚ୍ଚାର ଏହି ସମ୍ମିଳିତ ମଞ୍ଚ ମନୁଷ୍ୟକୁ ନିଜ ସ୍ୱରକୁ ଚିହ୍ନଟ କରିବାର ଅବସର ଦେଉଛି। ସ୍ୱଳ୍ପ ବ୍ୟୟରେ ଜ୍ଞାନ ଓ ବିଚାରର ଭଣ୍ଡାର ମିଳୁଥିବାରୁ କଫି କ୍ଲବ୍‌ଗୁଡ଼ିକୁ 'ପେନି ୟୁନିଭର୍ସିଟି' ବୋଲି କୁହାଯାଏ। ଲେଖକ, ଚିନ୍ତକ, ବୈଜ୍ଞାନିକ, ଦାର୍ଶନିକ ଓ ରାଜନେତାମାନେ ଏଠାରେ ଏକତ୍ର ହୋଇ ନୂତନ ବିଚାର ଉପରେ ଆଲୋଚନା କରୁଥିବାରୁ ଲୋକଙ୍କ ମଧ୍ୟରେ ଯୁକ୍ତିବାଦ, ବିଜ୍ଞାନମୁଖୀ ଚିନ୍ତାଧାରା ଓ ଶିକ୍ଷା ଆଦି ବୌଦ୍ଧିକ ଜାଗୃତି ବୃଦ୍ଧି ପାଉଛି। ବ୍ୟବସାୟୀ, ପେଶାଜୀବୀ ଓ ଛାତ୍ରଛାତ୍ରୀମାନେ ନେଟୱର୍କିଂ ଓ ବ୍ୟବସାୟିକ କ୍ଷେତ୍ରରେ ନୂଆ ସୁଯୋଗ ଓ ଧାରଣା ପାଇପାରୁଛନ୍ତି।

କଫି କ୍ଲବ୍‌ଗୁଡ଼ିକ ଆଧୁନିକ ସମାଜରେ ସମ୍ପର୍କ ସୁଦୃଢ଼ କରିବା ସହ ମାନସିକ ସନ୍ତୁଷ୍ଟି ଦେବାରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମତ ବିନିମୟ, ଚର୍ଚ୍ଚା, ବିଚାର-ବିମର୍ଶ ଓ ସାମାଜିକ ସଚେତନତାର ଆଦାନ-ପ୍ରଦାନ ହୋଇ ସାମୂହିକ ଉନ୍ନତିର ପଥ ପ୍ରସ୍ତୁତ ହେଉଛି। ଭିନ୍ନ ଭିନ୍ନ ଅନୁଭବ, ଭାବନା ଓ ଦୃଷ୍ଟିକୋଣ ମିଳିତ ହୋଇ ଏକ ସୁସ୍ଥ ସମାଜିକ ପରିବେଶ ଗଢ଼ିଉଠୁଛି, ଯାହା ସମାଜରେ ସହିଷ୍ଣୁତା ଓ ସହଯୋଗର ମୂଲ୍ୟବୋଧକୁ ଶକ୍ତିଶାଳୀ କରୁଛି।

କଫି କପ୍‌ରୁ ଆରମ୍ଭ ହୋଇଥିବା ଅନେକ ଆଲୋଚନା ସମାଜରେ ପରିବର୍ତ୍ତନ ଆଣିବାର ଉଦାହରଣ ରହିଛି। ଆଧୁନିକ ବୀମା ଶିଳ୍ପ, ଟ୍ରେଡିଂ କମ୍ପାନୀ, ବ୍ୟାଙ୍କିଙ୍ଗ ଶିଳ୍ପର ଧାରଣା କଫି ହାଉସ୍‌ରେ ସୃଷ୍ଟି ହୋଇଥିଲା। ୧୭ଶ ଶତାବ୍ଦୀରେ ଲଣ୍ଡନର ଏଡୱାର୍ଡ ଲଏଡ୍‌ସ କଫି ହାଉସ୍ ରୁ ଲଏଡ୍‌ସ ଅଫ୍ ଲଣ୍ଡନ୍ ଭଳି ବଡ଼ ବ୍ୟାଙ୍କିଂ ଓ ବୀମା ସଂସ୍ଥାର ଆରମ୍ଭ ହୋଇଥିଲା। ଜୋନାଥନ୍‌ସ କଫି ହାଉସ୍ ରୁ ଲଣ୍ଡନ୍ ଷ୍ଟକ୍ ଏକ୍ସଚେଞ୍ଜର ଉଦ୍ଭବ ହୋଇଥିଲା। କଫି କ୍ଲବରେ ଅନେକ ସଫଳତାର କାହାଣୀ ମଧ୍ୟ ଜନ୍ମ ନେଇଛି। ଅନେକ ଯୁବଲେଖକ ଏଠାରେ ବସି ସେମାନଙ୍କ ପ୍ରଥମ ପୁସ୍ତକ ଲେଖିଛନ୍ତି। କେତେକ ଉଦ୍ୟମୀ ଏଠାରେ ଆଲୋଚନା କରି ସେମାନଙ୍କ ଷ୍ଟାର୍ଟଅପ୍ ଆରମ୍ଭ କରିଛନ୍ତି। କେହି ଚିତ୍ରକର ଏଠାରେ ତାଙ୍କ କଳା ପ୍ରଦର୍ଶନ କରି ପ୍ରଶଂସା ପାଇଛନ୍ତି। ଏହିସବୁ କାହାଣୀ କଫି କ୍ଲବକୁ କେବଳ ଏକ ଦୋକାନ ନୁହେଁ, ବରଂ ସ୍ୱପ୍ନ ଓ ସୃଜନ କେନ୍ଦ୍ର ରୂପେ ପରିଚିତ କରିଛି। ଜେ କେ ରାଉଲିଂ କଫି କ୍ଲବ ରେ ବସି ହ୍ୟାରୀ ପୋଟରର କିଛି ଅଂଶ ଲେଖିଥିଲେ। ଆରନେଷ୍ଟ ହେମିଙ୍ଗୱେ ପ୍ୟାରିସ୍‌ର କଫି କ୍ଲବରେ ଅନେକ କାହାଣୀ ଲେଖିଥିଲେ। ଏୟାର ବିଏନବିର ପ୍ରତିଷ୍ଠାତାମାନେ କଫି କ୍ଲବରେ ଆଲୋଚନା କରି ତାଙ୍କ ଧାରଣା ଆରମ୍ଭ କରିଥିଲେ। ଷ୍ଟିଭ ଜୋବ୍ସ ଓ ଷ୍ଟିଭ ୱୋଜ୍ନିଆକ ମିଳିତ ହୋଇ ଛୋଟ ଛୋଟ ଆଲୋଚନାରୁ ଆପଲର ଧାରଣାକୁ ଆଗକୁ ବଢ଼ାଇଥିଲେ ଏବଂ ଭିନସେଣ୍ଟ ଭ୍ୟାନ ଗୋଗ ପରି ଚିତ୍ରକରମାନେ କଫି କ୍ଲବରେ ତାଙ୍କ କଳା ପ୍ରଦର୍ଶନ କରି ପ୍ରଶଂସା ଅର୍ଜନ କରିଥିଲେ। ପାବଲୋ ପିକାସୋ ପ୍ୟାରିସ୍‌ର କଫି କ୍ଲବଗୁଡ଼ିକରେ ତାଙ୍କ କଳାକୃତି ନେଇ ଆଲୋଚନା କରି ପ୍ରସିଦ୍ଧି ଲାଭ କରିଥିଲେ।

ଆଧୁନିକ ଯୁଗରେ ଟେକ୍ ଟାଇଟନ୍ କଫି ସଂସ୍କୃତି ଏବଂ ନବସୃଜନକୁ ସେମାନଙ୍କର କର୍ପୋରେଟ୍ ନୀତିର ଅବିଚ୍ଛେଦ୍ୟ ଉପାଦାନ ଭାବରେ ଗ୍ରହଣ କରିଛନ୍ତି। ଗୁଗୁଲ, ଆପଲ୍ ଆଦି କମ୍ପାନୀଗୁଡ଼ିକ ସ୍ୱୀକାର କରନ୍ତି ଯେ ନବସୃଜନର ବୀଜ ପ୍ରାୟତଃ କଫି-ପାନଯୁକ୍ତ ବାର୍ତ୍ତାଳାପରେ ଅଙ୍କୁରିତ ହୁଏ। ସେହିପରି ଭାରତର କଫି କ୍ଲବର ଆଲୋଚନା ଜନ୍ମ ନେଇଛି ଖାଦ୍ୟ ଅପଚୟକୁ ରୋକିବା ଅଭିଯାନ, ଗରିବ ପିଲାମାନଙ୍କୁ ମାଗଣା ପଢ଼ାଇବା ଧାରଣା, ସ୍ୱଚ୍ଛ ସହର ଅଭିଯାନ, ରକ୍ତଦାନ ସହାୟତା ଗ୍ରୁପ ମାଧ୍ୟମରେ ଜରୁରୀ ସମୟରେ ରକ୍ତଦାନ କରି ଲୋକଙ୍କ ଜୀବନରକ୍ଷା କରିବା ଆଦି ଅନେକ ନୂତନ ଧାରଣା, ଯାହା ସମାଜ ପାଇଁ ବିଶେଷ ଉପଯୋଗୀ ହୋଇପାରିଛି। କଫି କ୍ଲବ୍‌ଗୁଡ଼ିକ ଆଜିର ବିଚ୍ଛିନ୍ନତାର ଯୁଗରେ ମନୁଷ୍ୟତାର ସୂକ୍ଷ୍ମ ସୂତ୍ରଗୁଡ଼ିକୁ ପୁନଃ ସଂଯୋଗ କରିବାରେ ସାହାଯ୍ୟ କରୁଛି।

ଆଜିର ସମୟରେ ଏହା କେବଳ ଏକ ଆସର ନୁହେଁ, ଏହା ହେଉଛି ଏକ ନିରବ ବିପ୍ଳବ, ସୃଜନଶୀଳତାର ଆନ୍ଦୋଳନ। ଏହି ପରିସ୍ଥିତିରେ କଫି କ୍ଲବକୁ କେବଳ ଏକ ଫ୍ୟାସନ୍ କିମ୍ବା ଆଧୁନିକ ଜୀବନଶୈଳୀର ଅଂଶ ଭାବରେ ଦେଖିବା ଅନୁଚିତ। ଏହା ହେଉଛି ଏକ ସାମାଜିକ ଓ ବୁଦ୍ଧିଜୀବୀ ପ୍ରକ୍ରିୟା, ଯେଉଁଠାରେ ମଣିଷ ନିଜର ଚିନ୍ତାକୁ ମୂର୍ତ୍ତ ଆକାର ଦେଇଥାଏ ଓ ଅନ୍ୟମାନଙ୍କ ସହ ତାହାକୁ ବାଣ୍ଟିଥାଏ। ଯଦି ଏହି ସଂସ୍କୃତି ସମାବେଶୀ ଓ ସଚେତନ ଭାବରେ ଆଗକୁ ବଢ଼ିପାରେ, ତେବେ ଏହା ଭବିଷ୍ୟତର ସମାଜକୁ ଏକ ନୂଆ ଦିଗ ଦେଇପାରିବ। ପ୍ରତ୍ୟେକ ସହର ଓ ଗାଁରେ କଫି କ୍ଲବ ଖୋଲିବା ପାଇଁ ପ୍ରୋତ୍ସାହନ ମିଳିଲେ ବହୁସଂଖ୍ୟାରେ ଜନସାଧାରଣ ଏହାର ଅଂଶୀଦାର ହୋଇପାରନ୍ତେ। ବିଭିନ୍ନ ବିଭାଗ ବା କର୍ମରୁ ଅବସର ନେଇଥିବା କଳା ଓ କୌଶଳରେ ନିପୁଣ ପ୍ରୌଢ଼ମାନଙ୍କର ଅଭିଜ୍ଞତାକୁ କର୍ମଶାଳା, ଆଲୋଚନାଚକ୍ର ବା ତାଲିମ ମାଧ୍ୟମରେ ଯୁବପିଢ଼ିଙ୍କର ଭବିଷ୍ୟତ ଗଠନ ନିମିତ୍ତ ଉପଯୋଗ କରାଯାଇପାରନ୍ତା। କଫିର ଏକ ସାଧାରଣ କପ ମଧ୍ୟରେ ଲୁଚିଥିବା ଏହି ଅସାଧାରଣ ସମ୍ଭାବନାକୁ ଚିହ୍ନଟ କରିବା ଓ ପ୍ରୋତ୍ସାହନ ଦେବା ଆଜିର ସମୟର ଆବଶ୍ୟକତା।

ଏମ୍ସ(ଭୁବନେଶ୍ୱର), ମୋ: ୯୪୩୮୧୩୩୬୧୨

## ଆମ ବୃକ୍ଷଲତା ଆମ ଜୀବନ

### ପ୍ରକୃତି-ପରିବେଶ

### ବାଡ଼ିଅଁଳା

Gulf Leaf-Flower -Phyllanthus fraternus

ସୌଭାଗ୍ୟସୁନ୍ଦର

ବାଡ଼ିଅଁଳା ବୋଧହୁଏ ଭାରତ ଏବଂ କିଛି ଏସୀୟଦେଶରୁ ଉତ୍ପନ୍ନ। ଏହା ଆଫ୍ରିକାରେ ମଧ୍ୟ ଦେଖାଯାଏ। ଏହା ସମଗ୍ର ଉଷ୍ମ ମଣ୍ଡଳୀୟ ଏବଂ ଉପ-ଉଷ୍ମ ମଣ୍ଡଳୀୟ ଉପକୂଳ ଅଞ୍ଚଳରେ ବିସ୍ତାରିତ ଏକ ତୃଣ ବା ଛୋଟ କ୍ଷୁପ। ଏହାର ଆକର୍ଷଣୀୟ ପତ୍ର ପାଇଁ ଏକ ଅଳଙ୍କାରିକ ଉଦ୍ଭିଦ ଭାବରେ ମଧ୍ୟ ବ୍ୟବହୃତ ହୁଏ।

'ବାଡ଼ିଅଁଳା' ବା 'ଭୂଇଁଅଁଳା' ଏକ ଛୋଟ, ବାର୍ଷିକ, ସିଧାକାଣ୍ଡ ବିଶିଷ୍ଟ ଉଦ୍ଭିଦ, ସାଧାରଣତଃ ୩୦ ରୁ ୫୦ ସେମି ପର୍ଯ୍ୟନ୍ତ ବଢ଼ିଥାଏ। କାଣ୍ଡ ଓ ଶାଖାଗୁଡ଼ିକ କୋଣାକାର। ପତ୍ରଗୁଡ଼ିକ ବହୁତ ଛୋଟ, ସରଳ, ବିକଳ୍ପ, ଅସଂଖ୍ୟ, ଅଣ୍ଡାକାର-ଲମ୍ବାକାର, ସ୍ଥୂଳ, ଶୀର୍ଷରେ ଗୋଲାକାର, ଉପରେ ଗାଢ଼ ସବୁଜ, ତଳେ ଫିକା ଓ ଧୂସର ରଙ୍ଗର। ଫୁଲଗୁଡ଼ିକ ଛୋଟ, ଅକ୍ଷୀୟ, ହଳଦିଆ। ଫଳ ଏକ ୩-ପାଳି ବିଶିଷ୍ଟ ପ୍ରାୟଗୋଲାକାର କ୍ୟାପସୁଲ୍, ୬-ବୀଜଯୁକ୍ତ। ବିହନ ହଳଦିଆରୁ ମାଟିଆ। ଏହା ପତ୍ର ତଳେ ବଢ଼ୁଥିବା କ୍ଷୁଦ୍ର ଫଳ ଦ୍ୱାରା ଚିହ୍ନିତ, ଯାହାକୁ ପତ୍ର ତଳେ ବିହନ ଉଦ୍ଭିଦ କୁହାଯାଏ। ଫୁଲ ଓ ଫଳ ଦେବା ସମୟ ଜୁଲାଇରୁ ସେପ୍ଟେମ୍ବର।

କାମଳ, ପେଟ ରୋଗ, କୋଷ୍ଠକାଠିନ୍ୟ, ମୂତ୍ରନଳୀ ସଂକ୍ରମଣ, ମଧୁମେହ, ରକ୍ତଚାପ, ଚକ୍ଷୁ କଞ୍ଜକ୍ଟିଭାଇଟିସ୍ ବା ଆଖି ଡୋଳାର ପରଦା ପ୍ରଦାହ, କ୍ଷତ, ଘା', କାଛୁକୁଣ୍ଡିଆ, ଯାଦୁ ଏବଂ ଅନ୍ୟାନ୍ୟ ଚର୍ମ ସମସ୍ୟା ସମେତ ଜ୍ୱର, ଯକୃତଜନିତ ରୋଗ, ଭାଇରସ ବା ଭୂତାଣୁ, ହେପାଟାଇଟିସ୍-ବି, ଏଚଆଇଭି, କାର୍ମିନେଟିଭ୍ ବାପେଟ ବାୟୁ ନାଶକାରୀ, ଶୀତଳ ଓ ତୃଷା, ବ୍ରୋଙ୍କାଇଟିସ୍, ଆଜ୍‌ମା, କୁଷ୍ଠ, ରକ୍ତହୀନତା, ଯୌନ ରୋଗ, ଆନୁରିଆ, ପିତ୍ତ ଓ ହାକୁଟି ଆଦି ବିଭିନ୍ନ ରୋଗର ଚିକିତ୍ସା ପାଇଁ ଆୟୁର୍ବେଦିକ ଔଷଧରେ ବାଡ଼ିଅଁଳାର ଅନେକ ଔଷଧୀୟ ବ୍ୟବହାର ଅଛି। ଏହାକୁ ସତର୍କତାର ସହିତ ବ୍ୟବହାର କରିବା ଉଚିତ, ବିଶେଷକରି ଯେକୌଣସି ଅସ୍ତ୍ରୋପଚାର ପୂର୍ବରୁ କିମ୍ବା ଗର୍ଭାବସ୍ଥାରେ। ଭାରତରେ ଏହାକୁ ଏକ ଆୟୁର୍ବେଦିକ ଔଷଧ ଭାବରେ ବିକ୍ରୟ କରାଯାଏ, ଯାହା ଜଣ୍ଡିସ ଚିକିତ୍ସାରେ ବହୁଳ ଭାବରେ ବ୍ୟବହୃତ ହୁଏ। ତାଜା ମୂଳକୁ କ୍ଷୀର ସହିତ ଚୂର୍ଣ୍ଣ କରି ଜଣ୍ଡିସ୍ ରୋଗ ପାଇଁ ଗ୍ରହଣ କରାଯାଏ। ମ୍ୟାଲେରିଆ ଚିକିତ୍ସା ପାଇଁ ମୂଳ ଏବଂ ପତ୍ରର ଏକ କାଢ଼ା ବ୍ୟବହାର କରାଯାଏ। ଫୁଲା ଓ ଅଲସର ଚିକିତ୍ସା ପାଇଁ ପାଉଡର ମୂଳ ଓ ପତ୍ରକୁ ଚାଉଳ ପାଣି ସହିତ ପୋଲ୍ଟିସ୍ ପ୍ରସ୍ତୁତ କରାଯାଏ। ଏହାକୁ ବୃକକ୍ ପଥର ଏବଂ ଅନ୍ୟାନ୍ୟ ରୋଗ ପାଇଁ ପାରମ୍ପରିକ ଔଷଧରେ ବ୍ୟବହାର କରାଯାଉଥିବା ଭାବରେ ମଧ୍ୟ ଜଣାଶୁଣା।

ଏହା ଗୋରୁମାନଙ୍କର ଏକ ପ୍ରିୟ ଖାଦ୍ୟ। ପୂର୍ବ ଆଫ୍ରିକା, ଭାରତ ଓ ଇଣ୍ଡୋନେସିଆରେ ଏହାର କାଣ୍ଡ ଓ ପତ୍ରରୁ ଏକ କଳା ରଙ୍ଗ ମିଳିଥାଏ, ଯାହା କପା ରଙ୍ଗ କରିବା ପାଇଁ ବ୍ୟବହୃତ ହୁଏ ଏବଂ ଏହାକୁ ସ୍ୟାହି କା କାଳି ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଉଦ୍ଭିଦର ଫଳଗୁଡ଼ିକ ସାପୋନିନ୍‌ରେ ଭରପୂର ଏବଂ ପ୍ରାକୃତିକ ସାବୁନ ବିକଳ୍ପ ଭାବରେ ବ୍ୟବହୃତ ହୁଏ। ପତ୍ରରେ ଲିଗନାନ୍ସ ନିରାନ୍ଥିନ, ନିରଟେଟ୍ରାଲିନ, ଫାଇଲଟେଟ୍ରାଲିନ, ହାଇପୋଫାଇଲାନ୍ଥିନ ଇତ୍ୟାଦି ଥାଏ। ଉଦ୍ଭିଦରୁ ପୃଥକ ହୋଇଥିବା ଅନ୍ୟ ଯୌଗିକଗୁଡ଼ିକ ମଧ୍ୟରେ ଆଲକାମାଇଡ୍ସ, ଏକ କ୍ୱିନୋଲିଜିଡାଇନ ଆଲକାଲଏଡ (ନର୍ସକ୍ୟୁରିନାଇନ), ଫ୍ଲାଭୋନ ଟ୍ରାଇସିନ, ଟ୍ରାଇଟରପେନୋଇଡସ, ଟେଟ୍ରାଟେରପେନୋଇଡ ଫାଇଲାନ୍ଥୁସୋନ ଏବଂ ମହମ ଅନ୍ତର୍ଭୁକ୍ତ। କିଛି ଆଲକୋହଲ ଏଷ୍ଟର ଭାବରେ ମଧ୍ୟ ଉପସ୍ଥିତ ଥାଏ (ଅନେକ ପ୍ରାକୃତିକ ଭାବରେ ଘଟୁଥିବା ଚର୍ବି ଓ ଅତ୍ୟାବଶ୍ୟକ ତେଲ ଫ୍ୟାଟି ଏସିଡର ଏଷ୍ଟର)। ବିହନ ତେଲରେ ରିସିନୋଲିକ୍ ଏସିଡ, ଲିନୋଲିକ୍ ଏସିଡ ଓ ଲିନୋଲେନିକ୍ ଏସିଡ ଥାଏ।

ବାଡ଼ିଅଁଳା ବିହନ କିମ୍ବା କାଣ୍ଡ କଟିଂ ମାଧ୍ୟମରେ ହରମୋନ ସହିତ ପ୍ରସାରିତ କରାଯାଇପାରିବ। ଏହା ପର୍ଣ୍ଣମୋଚୀ ଜଙ୍ଗଲରେ, ବୁଦାଭୂମିରେ କାଦୁଆ-ସମତଳ ଏବଂ ଛାୟାଯୁକ୍ତ ଓଦା ଭୂମିରେ, ଉଇ ହୁଙ୍କା ଉପରେ, ତୃଣଭୂମିରେ, ପଥର ଓ ବାଲିଆ ମାଟିରେ, ସମୁଦ୍ର ପତନଠାରୁ ୧୮୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ଦେଖାଯାଏ। ଏହି ଗଛଟି ଭଲ ଜଳ ନିଷ୍କାସନ ହେଉଥିବା ମାଟିରେ ବଢ଼ିଥାଏ ଯାହା ସାମାନ୍ୟ ଅମ୍ଳୀୟ ପ୍ରକୃତିର।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦହିବରା ଖାଇ ଝାଡ଼ାବାନ୍ତିରେ ଆକ୍ରାନ୍ତ ଘଟଣା

# ଆଉ ୨୧ ଆକ୍ରାନ୍ତ ଜିଲ୍ଲା ମେଡିକାଲରେ ଭର୍ତ୍ତି

ଦଶରଥପୁର/କୟାଁଗୋଲା,୩।୫(ସମିସ): ଦଶରଥପୁର ବ୍ଲକରେ ୭ଟି ଗ୍ରାମରେ ଦହିବରା ଖାଇ ଶତାଧିକ ଲୋକ ପେଟ ଯନ୍ତ୍ରଣା, ଝାଡ଼ାବାନ୍ତି ଓ ଜ୍ୱରରେ ଆକ୍ରାନ୍ତ ହେବା ଘଟଣା ପରେ ପ୍ରଶାସନ ୪ ପଞ୍ଚାୟତରେ ବୁଲାଖାଦ୍ୟ ବିକ୍ରିକୁ ନିଷେଧ କରିଛି। ଅପରପେକ୍ଷ, ଆଜି ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ୨୧ବୃଦ୍ଧି ପାଇଛି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ମୋଟ ୫୫ଜଣ ଚିକିତ୍ସିତ ଅଛନ୍ତି। ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ତଦାରଖ କରୁଛି। ଅନ୍ୟପକ୍ଷରେ ଦହିବରା ବ୍ୟବସାୟୀଙ୍କୁ ଥାନାରେ ଅଟକ ରଖାଯାଇଛି।

ଆଜି ବ୍ଲକର ଦଶରଥପୁର, କଳିଙ୍ଗପୁର, ଓଡ଼େଇ ଓ ଉଦୟପୁର ଅଞ୍ଚଳରୁ ଦହିବରା ଖାଇଥିବା ୨୧ ଆକ୍ରାନ୍ତ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ସେଥିମଧ୍ୟରୁ ୧୬ଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବା ବେଳେ ଅବଶିଷ୍ଟ ଆକ୍ରାନ୍ତ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଆସିଛନ୍ତି। ଆଜି ଦଶରଥପୁର ସିଏଚ୍‌ସିରୁ ସ୍ଥାନାନ୍ତର ହୋଇଥିବା ନୂଆ ୨୧ଆକ୍ରାନ୍ତଙ୍କୁ ମିଶାଇ ଜିଲ୍ଲା ମେଡିକାଲରେ ୫୫ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ଏଡିଏମ୍‌ଓ ଡା. ରମେଶ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଦଶରଥପୁର ପିଏଚ୍‌ଓ ମିନତି ଦାସ, ବିପିଓ ମିହିର ରଞ୍ଜନ ନାୟକ, ସୁପରଭାଇଜର ବ୍ରହ୍ମରଞ୍ଜନ ସାହୁ, ସ୍ୱାସ୍ଥ୍ୟକର୍ମୀ ଅଶ୍ୱନୀ ଖୁଣ୍ଟିଆ, ଏଲ୍‌ଏଚ୍‌ଓ ଶଶୀଲତା ଶୁଣ୍ଡି, ମହିଳା ସ୍ୱାସ୍ଥ୍ୟକର୍ମୀ ସ୍ୱାପ୍ନାରାଣୀ ଦାସ ସମେତ ଦଶରଥପୁର ଓ ପାଟପୁର ପଞ୍ଚାୟତ ସବ-ସେଣ୍ଟର୍‌ର ସମସ୍ତ ଆଶାକର୍ମୀ ପ୍ରଭାବିତଙ୍କ ଅଞ୍ଚଳରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆକ୍ରାନ୍ତ ସମସ୍ତ ପରିବାରକୁ ହେଲୋଜିନ୍ ଟାବଲେଟ୍ ବଣ୍ଟନ କରିବା ସହିତ ବ୍ଲିଚିଂରେ ନଳକୂପଗୁଡ଼ିକୁ ବିଶୋଧନ କରିଥିଲେ। ତହସିଲଦାର ଶୁଭ୍ରାଂଶୁ ସାହୁ, ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ, ଦଶରଥପୁର ରାଜସ୍ୱ ନିରୀକ୍ଷକ ଅମିୟ ରାୟ ଓ ଦଶରଥପୁର ଥାନାଧିକାରୀ ସୁବ୍ରତ ସାହୁ ଦଶରଥପୁର, ଝମ୍ପୁରୀ, ପାଟପୁର, ଇଜାପୁର ସିଏଚ୍‌ସି ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ପାଟପୁର, ଚାନ୍ଦକୁଡ଼ା, ଓଡ଼େଇ ଉଦୟପୁର, କଳିଙ୍ଗପୁର ଆଦି ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚାଲିଥିବା କାର୍ଯ୍ୟର ପରିଦର୍ଶନ କରିଥିଲେ।



- ୪ ପଞ୍ଚାୟତରେ ବୁଲା ଖାଦ୍ୟ ବିକ୍ରି ନିଷେଧ
- ମୋଟ ୫୫ ଆକ୍ରାନ୍ତ ଚିକିତ୍ସାଧୀନ
- ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ବିଭାଗ ଟିମ
- ଦହିବରା ବ୍ୟବସାୟୀ ଥାନାରେ ଅଟକ

ଆଦି ସ୍ଥାନରେ ବିଭିନ୍ନ ଉଠାଦୋକାନକୁ ଯାଇ ଖାଦ୍ୟର ମାନ ଯାଞ୍ଚ କରିବା ସହ ଖାଦ୍ୟ ଗୁଣବତ୍ତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଛନ୍ତି।

ଏହାସହ ଦଶରଥପୁର, ଜୟନ୍ତରା, ଚମ୍ପେଇପାଳ ଓ ଇଜାପୁର ପଞ୍ଚାୟତର ବୁଲା ଖାଦ୍ୟ ବିକାଳିଙ୍କୁ ଗ୍ରାମମାନଙ୍କରେ ଖାଇବାର ବିକ୍ରି ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦଶରଥପୁର ବିଡିଓ ଆକାଶ ପଟ୍ଟନାୟକ ଆଜି ଦଶରଥପୁର ସେହିପରି ଯାଜପୁର ବିଧାୟିକା ସୁଜାତା ସାହୁ ଜିଲ୍ଲା ମେଡିକାଲ ଗ୍ରସ୍ତ କରି ଚିକିତ୍ସିତ ଆକ୍ରାନ୍ତଙ୍କୁ ଭେଟି ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ଉଲ୍ଲେଖଯୋଗ୍ୟ, ଗତକାଲି ଆକ୍ରାନ୍ତଙ୍କୁ ଦଶରଥପୁର ଓ ମଙ୍ଗଳପୁର ସିଏଚ୍‌ସି ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦଶରଥପୁର ପଞ୍ଚାୟତ ନିଆରୀ ସାହିର ୭୫ବର୍ଷୀୟା ସୁନ୍ଦରୀ ଯେନାଙ୍କ ମୃତ୍ୟୁ ଘଟିଥିଲା।

## ଓଡ଼ିଶାର ଟେକ ରଖିଲେ ଓଡ଼ିଆ ଝିଅ

# ‘ମଇଳା ଚାଦର’କୁ ‘ଅନରେବଲ୍ ଜୁରି ମେନ୍‌ସନ୍’ ସମ୍ମାନ

ଭୁବନେଶ୍ୱର, ୩।୫(ସମିସ): ଓଡ଼ିଶାର ଟେକ ରଖିଲେ ଓଡ଼ିଆ ଝିଅ। ଅଭୀପ୍ସା ସାହୁଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର ‘ମଇଳା ଚାଦର’ ୧୬ତମ ଦାଦାସାହେବ ଫାଲ୍‌କେ ଚଳଚ୍ଚିତ୍ର ମହୋତ୍ସବ-୨୦୨୬ରେ ‘ଅନରେବଲ୍ ଜୁରି ମେନ୍‌ସନ୍’ ସମ୍ମାନ ଗ୍ରହଣ କରିଛି। ଗତ ୩୦ ଏପ୍ରିଲରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏହି ଚଳଚ୍ଚିତ୍ର ମହୋତ୍ସବରେ ସିନେମାଟିକୁ ସମ୍ମାନିତ କରାଯାଇଛି। ୧୯୮୦ ଦଶକର ଗ୍ରାମୀଣ ଓଡ଼ିଶା ପୃଷ୍ଠଭୂମିରେ ଆଧାରିତ ଏହି ଫିଲ୍ମଟି ଏକାଧିକ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବରେ ସ୍ୱୀକୃତିଲାଭ କରିଛି।




୧୯୮୦ ଦଶକର ଗ୍ରାମୀଣ ଓଡ଼ିଶାର ପୃଷ୍ଠଭୂମିରେ ଆଧାରିତ ଏହି ଚଳଚ୍ଚିତ୍ରଟି ଜଣେ ଯୁବ ସ୍କୁଲ ଶିକ୍ଷୟିତ୍ରୀ ଏବଂ ଜଣେ ବୃଦ୍ଧା (ସେବିକା)ଙ୍କ କାହାଣୀ ଉପରେ ପର୍ଯ୍ୟବସିତ। ଜୀବନର ଦୁଇଟି ଭିନ୍ନ ପର୍ଯ୍ୟାୟରେ ଥିବା ଏହି ଦୁଇ ମହିଳାଙ୍କ ପଥ ହଠାତ୍ ଏକାଠି ହୁଏ ଏବଂ ସେମାନଙ୍କ ମଧ୍ୟରେ ଏକ ଅପ୍ରତ୍ୟାଶିତ ବନ୍ଧୁତା ଗଢ଼ିଉଠେ। ଜଣେ ନିଜ ମୃତ ମା’ଙ୍କୁ ଚିଠି ଲେଖନ୍ତି, ଯାହା କେବେ ପଠାଯିବା ପାଇଁ ଉଦ୍ଦିଷ୍ଟ ନୁହେଁ। ଅନ୍ୟ ଜଣେ କାଗଜ ଖଣ୍ଡରେ କବିତା ଲେଖନ୍ତି ଏବଂ ଏକ ପୁରୁଣା ସାଲ୍ ପିନ୍ଧନ୍ତି, ଯାହା ବର୍ଷବର୍ଷ ଧରି ସ୍ମୃତି ଓ ବ୍ୟବହାରରେ ସିଲେଇ ହୋଇ ରହିଛି। ସେମାନେ ପରସ୍ପର ମଧ୍ୟରେ ସେହି ସାହାରା ଖୋଜି ପାଆନ୍ତି ଯାହା ନିଃସଙ୍ଗତା ଦେଇପାରେ

### ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ବି ପ୍ରଶଂସିତ

ନାହିଁ। ଏହି ଚଳଚ୍ଚିତ୍ରଟି ନିର୍ଦ୍ଦେଶିକାଙ୍କ ନିଜ ମା’ ସସ୍ମିତା ସାହୁଙ୍କ ଦ୍ୱାରା ପ୍ରାୟ ୨୦ବର୍ଷ ବୟସରେ ଲେଖାଯାଇଥିବା ଏକ କ୍ଷୁଦ୍ର ଗଳ୍ପର ରୂପାନ୍ତର। ଚଳଚ୍ଚିତ୍ର ବିଷୟରେ କହିବାକୁ ଯାଇ ଅଭୀପ୍ସା କହିଛନ୍ତି ଯେ ଦୁଇପିଢ଼ିର ଏହି ସହଯୋଗ ହିଁ ସମଗ୍ର ପ୍ରକ୍ରିୟାର ହୃଦୟ ଥିଲା। ଅଭୀପ୍ସା ଜନସ୍ୱାସ୍ଥ୍ୟ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରନ୍ତି, ନିଜର ବୃତ୍ତିଗତ କାମ ସହିତ ‘ମଇଳା ଚାଦର’ ପ୍ରସ୍ତୁତ କରିଛନ୍ତି। ନିର୍ଦ୍ଦେଶିକା ଏହି ଚଳଚ୍ଚିତ୍ରକୁ ଅତି ଶାନ୍ତ ଓ ଭାବପୂର୍ଣ୍ଣ ଭାବରେ ବର୍ଣ୍ଣନା କରିଛନ୍ତି। ସେ ନିଃସଙ୍ଗତାକୁ ଅଧିକ ନାଟକୀୟ ନକରି ତା’ର ଗଭୀରତାକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି। ଚଳଚ୍ଚିତ୍ରର ଶୀର୍ଷକ ‘ଚାଦର’ କେବଳ ଏକ ପୋଷାକ ନୁହେଁ, ବରଂ ସ୍ମୃତି, ପରିଶ୍ରମ ଏବଂ ଅଦୃଶ୍ୟ ଜୀବନର ଏକ ପ୍ରତୀକ।

# କଙ୍କାଳ ବୋହି ପୁଣି ଶୁଦ୍ଧି ହେବେ ଜିତୁ

ତୁରୁମୁଙ୍ଗା, ୩।୫ (ସମିସ): ଭଉଣୀ ମୃତ୍ୟୁର ପ୍ରମାଣ ପାଇଁ କଙ୍କାଳ ବୋହି ବ୍ୟାଙ୍କକୁ ନେଇଥିବା କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଡିଆନାଳି ଗ୍ରାମର ଗରିବ ଆଦିବାସୀ ଜିତୁ ମୁଣ୍ଡା ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଭଉଣୀର କଙ୍କାଳ ବୋହିଥିବାରୁ ଜାତିଭାଇ ପର କରିଦେବେ ବୋଲି କହିବାରୁ ପୁଣି ଶୁଦ୍ଧି ହେବେ ଜିତୁ। ଆଜି ଜିତୁ ଶୁଦ୍ଧି ହେବାର ଥିଲା। କିନ୍ତୁ ଶୁଦ୍ଧି ପୂଜା ପାଇଁ କୁକୁଡ଼ା, ଛେଳି ଓ ଅନ୍ୟ ସାମଗ୍ରୀ ଆବଶ୍ୟକ ବୋଲି ଜାତିଭାଇ ଏକ ବୈଠକରେ ଦାବି କରିବାରୁ ଏହାକୁ ବୁଧବାରକୁ ଘୁଞ୍ଚାଇ ଦିଆଯାଇଛି। ଶୁଦ୍ଧିଘରେ



ତାଙ୍କର ଶତାଧିକ ସାହିଭାଇ ସାମିଲ ହେବେ ବୋଲି ଜଣାଯାଇଛି। ସେହିପରି, ଭୋଜିରେ ମାଂସ, ହାଣ୍ଡିଆ, ଭାତ ଡାଲମା ଆଦି କରି

### ଜାତିଭାଇ, ଜ୍ଞାତିପରିଜନଙ୍କୁ ଦେବେ ଭୋଜି

ଜିତୁ ସମସ୍ତଙ୍କୁ ଆପ୍ୟାୟିତ କରିବେ। ପରେ ତାଙ୍କୁ ଜାତିଭାଇ ନିଜ ସମାଜରେ ମିଶାଇବା ସହ ସେ ପୂର୍ବପରି ସମସ୍ତଙ୍କୁ ନେଇ ଚଳିପାରିବେ ବୋଲି ଜଣାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଙ୍ଗ ଉପରେ...

ବ୍ୟବସ୍ଥା କରାଯାଇଛି। କେବଳ ତାମିଲନାଡୁରେ ହିଁ ପ୍ରାୟ ୧ ଲକ୍ଷ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି। ପଶ୍ଚିମବଙ୍ଗର ନୋଆପଡ଼ାରେ ଜଣେ ବିଜେପି ନେତାଙ୍କ ଘର ସାମ୍ନାରେ ଗୁଳିକାଣ୍ଡ ଘଟିଥିବା ବେଳେ କୋଲକାତାରେ ଷ୍ଟ୍ରଙ୍ଗ୍ ରୁମ୍ ଭିତରକୁ ଏକ ସନ୍ଦିଗ୍ଧ ଗାଡ଼ି ପ୍ରବେଶ କରିବାକୁ ନେଇ ତୃଣମୂଳ କଂଗ୍ରେସ ଅଭିଯୋଗ କରିଛି। ଏଥର ନିର୍ବାଚନରେ ମତଦାତାମାନେ ବେଶ ଉତ୍ସାହର ସହ ଭୋଟ୍ ଦେଇଛନ୍ତି। ପଶ୍ଚିମବଙ୍ଗରେ ସର୍ବାଧିକ ୯୨ ପ୍ରତିଶତ ମତଦାନ ହୋଇଥିବା ବେଳେ ପୁଡୁଚେରୀରେ ୮୯.୮୭%, ଆସାମରେ ୮୫.୩୮%, ତାମିଲନାଡୁରେ ୮୪.୬୯% ଏବଂ କେରଳରେ ୭୯.୬୩% ମତଦାନ ରେକର୍ଡ କରାଯାଇଛି। ଆସନ୍ତାକାଲି ସକାଳେ ଗଣତି ଆରମ୍ଭ ହେବା ସହ ମଧ୍ୟାହ୍ନ ସୁଦ୍ଧା ଚିତ୍ର ସ୍ପଷ୍ଟ ହୋଇଯିବ।

### ଓମ୍‌ଫେଡ୍ କ୍ଷୀର...

ଓମ୍‌ଫେଡ୍‌ର ବର୍ଦ୍ଧିତ ଦୁଗ୍ଧ ମୂଲ୍ୟକୁ ନେଇ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ସବୁ ଜିନିଷର ମୂଲ୍ୟ ବୃଦ୍ଧି ପାଇଛି। ଏହାସହ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ଠାରୁ ଅଧିକ ୧ଟଙ୍କାରେ ଦୁଗ୍ଧ କ୍ରୟ କରିବାକୁ ଓମ୍‌ଫେଡ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସବୁ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓମ୍‌ଫେଡ୍ ଦୁଗ୍ଧର ମୂଲ୍ୟ ବୃଦ୍ଧି କରାଯାଇଛି। ଏହାସତ୍ତ୍ୱେ ମଧ୍ୟ ଅନ୍ୟ ଘରୋଇ ସଂସ୍ଥା ମାନଙ୍କ ତୁଳନାରେ ଓମ୍‌ଫେଡ୍ ଦୁଗ୍ଧର ମୂଲ୍ୟ କମ୍ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି।

### ର୍‍ୟାଗିଂ ନେଲା...

ବି-ଟେକ୍ ଛାତ୍ର। ସେ ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଗତକାଲି ରାତି ପ୍ରାୟ ସାଢ଼େ୧୦ଟାରେ ବିଶ୍ୱାସ ରୁମ୍‌ରେ ଥିବା ବେଳେ ତାଙ୍କ ରୁମ୍ ମେଟ୍ ବାହାରେ ବୁଲାବୁଲି କରୁଥିଲେ। କିଛି ସମୟ ପରେ ସାଙ୍ଗ ଆସି କବାଟ ବାଡ଼େଇଥିଲେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳିନଥିଲା। ସହପାଠୀମାନେ ଗେଟ୍ ଉପରେ ଥିବା କାଚକୁ ଭାଙ୍ଗି ଘର ଭିତରକୁ ପଶିଥିଲେ। ସେତେବେଳକୁ ବିଶ୍ୱାସ ବେକରେ ଗାମୁଛା ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ଛାତ୍ରମାନେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ନିକଟରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବିଶ୍ୱାସଙ୍କ ମୃତ୍ୟୁ ପରେ ଉତ୍ତେଜନା ପ୍ରକାଶ ପାଇବା ସହ କ୍ୟାମ୍ପସ ଅଶାନ୍ତ ହୋଇ ଉଠିଥିଲା। ଶତାଧିକ ଛାତ୍ରମାନେ ଏକତ୍ରିତ ହୋଇ ନ୍ୟାୟ ଦାବି କରିଥିଲେ। ମାନସିକ ନିର୍ଯାତନା ଯୋଗୁଁ ବିଶ୍ୱାସ ଆତ୍ମହତ୍ୟା କରିଥିବା ସହପାଠୀମାନେ ଅଭିଯୋଗ ଆଣିଥିଲେ। ଖବର ପାଇ ଭୁବନେଶ୍ୱର ଡିସିପି ଓ ଇନ୍‌ଫୋସିଟି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଛାତ୍ରଙ୍କୁ ବୁଝାସୁଝା କରିଥିଲେ। ରୁମ୍ ମେଟ୍ ଓ ସିନିଅର ଛାତ୍ରଙ୍କୁ ପୁଲିସ ପଚରାଉଚରା କରିଥିଲା। ସେପଟେ ବିଶ୍ୱାସଙ୍କ ମୃତ୍ୟୁ ପରେ ତାଙ୍କ ବାପା ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। କିଛି ଦିନ ହେବ ସିନିୟର୍‌ମାନେ ତାଙ୍କ ପୁଅକୁ ର୍‍ୟାଗିଂ କରି ଆସୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ପୁଅଠାରୁ ଏ ବିଷୟରେ ଜାଣିବା ପରେ ବାପା ଆସି କଲେଜରେ ଅଭିଯୋଗ କରିଥିଲେ। କଲେଜ କର୍ତ୍ତୃପକ୍ଷ ଏ ବାବଦରେ କୌଣସି ପଦକ୍ଷେପ ନେଇ ନଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ହିଁ ତାଙ୍କ ପୁଅ ଆତ୍ମହତ୍ୟା କରିଥିବା ସେ ଅଭିଯୋଗ କରିଛନ୍ତି। ଇନ୍‌ଫୋସିଟି ଥାନା ପୁଲିସ ଏମ୍‌ଏଲସି ଆଧାରରେ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ହେଲେ ବିଶ୍ୱାସଙ୍କ ବାପା ଅଭିଯୋଗ କରିବା ପରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଦଫା ଲଗାଇ ମାମଲା ରୁଜୁ କରିଛି।

### ପୁଣି ମୁଣ୍ଡ ନେଲା...

ମଧ୍ୟ ଅଟକାଇ ଦେଇଥିଲେ। କିଛି ଘଣ୍ଟା ଧରି କଟକ ଆଡ଼ୁ ବରମୁଣ୍ଡା ଆଡ଼କୁ ଯାଉଥିବା ଅନେକ ଗାଡ଼ି ରାସ୍ତା ଉପରେ ଅଟକି ରହିଥିଲା। ଫଳରେ କିଛି ଘଣ୍ଟା ଧରି ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା। ସହୀଦ ନଗର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହି ଘଟଣାରେ କାହାର ଭୁଲ୍ ଓ କାହାର ଠିକ୍ ସିସିଟିଭି ଦେଖିବା ପରେ ଜଣା ପଡ଼ିବ। ପରେ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି।

ରବିବାର ସନ୍ଧ୍ୟା ୫ଟା ପାଖାପାଖି ସମୟରେ ୯୧ ନମ୍ବର ରୁଟ୍‌ର ‘ଆମ ବସ୍’ ବିଜୁ ପଟ୍ଟନାୟକ ପାର୍କରୁ ବରମୁଣ୍ଡା ଆଡ଼କୁ ଯାଉଥିବା ସମୟରେ ଜଣେ ବାଇକ୍ ଆରୋହୀଙ୍କୁ ପଛପଟୁ ଧକ୍କା ଦେଇଥିଲା। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କ୍ରୁଟ୍ ପକ୍ଷରୁ ପୁଲିସ ସହାୟତାରେ ମୃତ ବ୍ୟକ୍ତିଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। କ୍ରୁଟ୍ ପକ୍ଷରୁ ଏହି ଘଟଣାରେ ଏକ ଆଭ୍ୟନ୍ତରୀଣ ଦୁର୍ଘଟଣା ତଦନ୍ତ କମିଟି ଗଠନ କରାଯାଇଛି। କମିଟିର ତଦନ୍ତ ରିପୋର୍ଟ ଆଧାରରେ ଯେ କୌଣସି ବ୍ୟକ୍ତି ଦୋଷୀ କିମ୍ବା ଅବହେଳାରେ ଜଡ଼ିତ ଥିବାର ଜଣାପଡ଼େ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍ କହିଛନ୍ତି। କ୍ରୁଟ୍ ଆଭ୍ୟନ୍ତରୀଣ ଦୁର୍ଘଟଣା କମିଟିକୁ ଏହି ଘଟଣାର ତୁରନ୍ତ ତଦନ୍ତ କରି ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୪ ବର୍ଷରେ ଟ୍ୱିନ୍ ସିଟିରେ ୨୫ରୁ ଅଧିକ ଦୁର୍ଘଟଣା ଘଟାଇଛି ଆମ ବସ୍। ଏଥିରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ୨୦୨୪ରେ ମଧ୍ୟ ଏପ୍ରିଲ ମାସରେ ବାଣୀବିହାର ଛକରେ ‘ଆମ ବସ୍’ ଧକ୍କାରେ ଜଣେ ବାଇକ୍‌ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ଫେବୃଆରୀ ମାସରେ ବରୁଣେଇ ନିକଟରେ ଘଟିଥିବା ଦୁର୍ଘଟଣାରେ ୧୫ରୁ ଅଧିକ ଲୋକ ଆହାତ ହୋଇଥିଲେ। ଚଳିତ ବର୍ଷ ଜାନୁଆରୀ ମାସରେ ରୂପାଲି ଛକରେ ‘ଆମ ବସ୍’ ଜଣେ ଅଟୋ ଚାଳକକୁ ଚାପି ଦେବା ଫଳରେ ଘଟଣାସ୍ଥଳରେ ହିଁ ଅଟୋ ଚାଳକର ମୃତ୍ୟୁ ହୋଇଥିଲା ଓ ୨ ଜଣ ଗୁରୁତର ହୋଇଥିଲେ। ଗତବର୍ଷ ଡିସେମ୍ବର ମାସରେ ଅନ୍ଧାରୁଆ ଅଞ୍ଚଳରେ ‘ଆମ ବସ୍’ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବା ବେଳେ ସେହି ମାସରେ ସତ୍‌ସଙ୍ଗ ବିହାର ନିକଟରେ ‘ଆମ ବସ୍’ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଫେବୃଆରୀ ମାସରେ ରଘୁନାଥପୁର ଅଞ୍ଚଳରେ ଜଣେ ନାବାଳିକାର ଏହି ‘ଆମ ବସ୍’ ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ଜାନୁଆରୀରେ ସିରିଜ୍ ଦୁର୍ଘଟଣା ଘଟାଇଥିଲା।

‘ଆମ ବସ୍’ରେ ଶହ ଶହ ଲୋକ ଯାତାୟାତ କରୁଛନ୍ତି; ହେଲେ ଡ୍ରାଇଭରଙ୍କ ମନମାନୀ ଯୋଗୁଁ ବାରମ୍ବାର ଏଭଳି ଦୁର୍ଘଟଣାମାନ ଘଟୁଥିବା ଅଭିଯୋଗ ହେଉଛି। ନିର୍ଧାରିତ ସ୍ପିଡ୍ ଲିମିଟ୍ ଓ କଟକଣା ସତ୍ତ୍ୱେ ଡ୍ରାଇଭରମାନେ ଏସବୁକୁ ଭ୍ରୂକ୍ଷେପ ନ କରି ମନଇଚ୍ଛା ଗାଡ଼ି ଚଳାଉଛନ୍ତି। ଦୁର୍ଘଟଣା ପରେ କିଛି ସହାୟତା ହେଉ ଅବା ଟିକେ ଧରପଗଡ଼ କରାଯାଉଛି। ହେଲେ ଆଖିଦୃଶିଆ କିଛି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯାଉ ନ ଥିବାରୁ ସେମାନଙ୍କର ଭୟ ରହୁ ନଥିବା ସାଧାରଣରେ ଅଭିଯୋଗ ହୋଇଛି।

## ଆଜି ବଞ୍ଚିତ ହିତାଧିକାରୀଙ୍କୁ ମିଳିବ ‘ସୁଭଦ୍ରା’ ଟଙ୍କା

ଭୁବନେଶ୍ୱର, ୩।୫ (ସମିସ): ଆସନ୍ତାକାଲି (ସୋମବାର) ‘ସୁଭଦ୍ରା’ ଯୋଜନାର ୧୨୩୮୪୯ଜଣ ବଞ୍ଚିତ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ସହାୟତା। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ପୂର୍ବରୁ ସୁଭଦ୍ରାର ୪ଟା କିସ୍ତିରେ ମହିଳାଙ୍କ ବ୍ୟାଙ୍କଖାତାକୁ ୫୦୦୦ହଜାର ଟଙ୍କା ଲେଖାଏଁ ଦିଆଯାଇଛି। ପୂର୍ବରୁ ସୁଭଦ୍ରାର ନୂତନ ପଞ୍ଜୀକରଣ ତାରିଖ ଘୋଷଣା ହୋଇଥିଲା। ଏପ୍ରିଲ୍ ୧ରୁ ଆରମ୍ଭ ହୋଇଥିବା ନୂତନ ପଞ୍ଜୀକରଣ ଅବଧି ଏପ୍ରିଲ ୩୦ରେ ଶେଷ ହୋଇଥିଲା। ଯେଉଁମାନେ କୌଣସି କାରଣରୁ ଆବେଦନ କରି ନଥିଲେ, ସେମାନଙ୍କୁ ଆବେଦନ କରିବା ପାଇଁ ସମୟସୀମା ଦିଆଯାଇଥିଲା। ମାନଦଣ୍ଡ ଅନୁଯାୟୀ, ଏପ୍ରିଲ ୧, ୨୦୨୬ ସୁଦ୍ଧା ୨୧ବର୍ଷରୁ ୬୦ ବର୍ଷୀୟ ମହିଳା ସୁଭଦ୍ରାରେ ପଞ୍ଜୀକରଣ କରିପାରିବେ। ପୂର୍ବରୁ ଆବେଦନ କରିଥିବା ମହିଳାଙ୍କ ଆବେଦନ ପୁନଃଗ୍ରହଣ କରାଯିବ ନାହିଁ। ଯୋଗ୍ୟବିବେଚିତ ହିତାଧିକାରୀଙ୍କୁ ୨୦୨୬-୨୭ ଆର୍ଥିକ ବର୍ଷରୁ ଯୋଜନା ଅବଧି ପର୍ଯ୍ୟନ୍ତ ବାର୍ଷିକ ଦୁଇଟି କିସ୍ତିରେ ମୋଟ ୧୦ ହଜାର ସହାୟତା ପ୍ରଦାନ କରାଯିବ।

## ୧୦୦ କୋଟିର ଗଞ୍ଜେଇ ତେଲ ପ୍ରକ୍ରିୟାକରଣ ୟୁନିଟ୍ ଜବତ

ମାଲକାନଗିରି, ୩।୫(ସମିସ): ସବୁଜ ଜହର(ଗଞ୍ଜେଇ)ର ଗଡ଼ ଭାବେ ପରିଚିତ ମାଲକାନଗିରି ଜିଲ୍ଲାରେ ଏବେ ଗଞ୍ଜେଇ ବଦଳରେ ଗଞ୍ଜେଇ ତେଲର ଚାହିଦା ଅଧିକ। ଏହି ଗଞ୍ଜେଇ ତେଲର ମୂଲ୍ୟ ଢେର୍ ଅଧିକ ହୋଇଥିବାରୁ ଏବଂ ଏହାକୁ ଚାଲାଣ କରିବା ଅତ୍ୟନ୍ତ ସହଜ ହେଉଥିବାରୁ ଦିନକୁ ଦିନ ଏହାର ଚୋରା କାରବାର ବଢ଼ିବାରେ ଲାଗିଛି। ଆଜି ମଧ୍ୟ ଜିଲ୍ଲା ପୁଲିସ୍ ବ୍ୟାପକ ପରିମାଣର ଗଞ୍ଜେଇ ତେଲ ଓ ଏହାର ପ୍ରକ୍ରିୟାକରଣ ୟୁନିଟ୍‌କୁ ଠାବ କରିବା ସହ ତାହାକୁ ଜବତ କରିଛି। ଚଢ଼ଉ ବେଳେ ଅତ୍ୟନ୍ତ



ଶକ୍ତିଶାଳୀ ହାସିସ୍ ତଥା ଗଞ୍ଜେଇ ତେଲ ଉତ୍ପାଦନ ପାଇଁ ବ୍ୟବହୃତ ପ୍ରାୟ ୮୦ଲିଟର ରାସାୟନିକ ପଦାର୍ଥ ଏବଂ ଦ୍ରାବକ ଉଦ୍ଧାର କରାଯାଇଛି। ଗଞ୍ଜେଇ ତେଲ ଉତ୍ପାଦନ ୟୁନିଟ୍‌କୁ ପୁଲିସ ଜବତ କରିଥିବା ବେଳେ ବିଭିନ୍ନ ଉପକରଣ ସମେତ ୨ କେଜି ଗଞ୍ଜେଇ ତେଲ, ୫୦ କେଜି ଗଞ୍ଜେଇ ମଧ୍ୟ ଜବତ କରିଛି। ସମସ୍ତ ତେଲ ଓ ରାସାୟନିକ ପଦାର୍ଥର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଆଜି ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିନୋଦ ପାଟିଲ ଏଚ୍ ଏ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ ଆଜି ସକାଳେ ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଏସଆର ଛକ ନିକଟରେ ଚଢ଼ଉ କରି ଗୁପ୍ତ ହାସିସ୍ ତେଲ (ଗଞ୍ଜେଇ ତେଲ) ଉତ୍ପାଦନ ୟୁନିଟ୍ ନେଇଯାଉଥିବା ଏକ ଗାଡ଼ିକୁ ଜବତ କରିଥିଲା। ତାହା ସିଲେରୁ ଅଭିମୁଖେ ଯାଉଥିଲା। ତେବେ ପୁଲିସ ଟିମ ଏହି ଚଢ଼ଉ କରିଥିବା ବେଳେ ଗାଡ଼ି ଚାଳକ ଜଙ୍ଗଲ ମାର୍ଗରେ ପଳାଇଯିବାରେ ସକ୍ଷମ ହୋଇଥିଲେ। ଜବତ ଗାଡ଼ିରେ ଭୁଲ୍ ନମ୍ବର ପ୍ଲେଟ୍ ବ୍ୟବହାର କରାଯାଇଥିବା ବେଳେ ଏହି ତେଲ ପ୍ରକ୍ରିୟାକରଣ ୟୁନିଟକୁ ଚିତ୍ରକୋଣ୍ଡା ଅଞ୍ଚଳରେ କାର୍ଯ୍ୟକ୍ଷମ କରିବା ପାଇଁ ନିଆଯାଉଥିବା ସୂଚନା ମିଳିଛି।

## ବିଜେଡିରୁ ନିଲମ୍ବିତ ହେଲେ ଚୌଦ୍ୱାର ମ୍ୟୁନିସିପାଲିଟି ଉପାଧ୍ୟକ୍ଷ

ଭୁବନେଶ୍ୱର,୩।୫(ସମିସ): ଚୌଦ୍ୱାର ମ୍ୟୁନିସିପାଲିଟିର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ତାଙ୍କୁ ନିଲମ୍ବିତ କରାଯାଇଛି ବୋଲି ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

## ଐରଖାରବେଳ ସ୍ୱାଇଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର

ଭୁବନେଶ୍ୱର,୩।୫(ସମିସ): ଦଳୀୟ ଶୃଙ୍ଖଳା ଭଙ୍ଗ କାରଣରୁ ଦଳରୁ ନିଲମ୍ବିତ ହୋଇଥିବା ବରିଷ୍ଠ ବିଜେପି ନେତା ଐରଖାରବେଳ ସ୍ୱାଇଁଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ଏନେଇ ରାଜ୍ୟ ବିଜେପି ଶୃଙ୍ଖଳା କମିଟିର ଆବାହାକ ସୁଦର୍ଶନ ନାୟକ ସୂଚନା ଦେଇଛନ୍ତି।

## ହିନ୍ଦୋଳରୁ ଗଞ୍ଜେଇ ଜବତ ଘଟଣା

# ଏସ୍‌ଟିଏଫ୍ ସ୍କାନର୍‌ରେ ମାଷ୍ଟରମାଇଣ୍ଡ ବିଜୟ ଓ ସୁଶାନ୍ତ

ଭୁବନେଶ୍ୱର, ୩।୫ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅଞ୍ଚଳରୁ ଗଞ୍ଜେଇ ଭର୍ତ୍ତି କାର୍ ଜବତ ହେବା ଘଟଣାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। କେବଳ ଗିରଫ ହୋଇଥିବା ଲିପୁ ନାଏକ ନୁହେଁ, ଗଞ୍ଜେଇ ଚାଲାଣ ପଛରେ ବିଜୟ ଜେନା ଓ ସୁଶାନ୍ତ ଭୂତିଆ ହିଁ ମାଷ୍ଟରମାଇଣ୍ଡ ବୋଲି ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସଟିଏଫ୍) ଜାଣିବାକୁ ପାଇଛି।

ସୂଚନାନୁସାରେ, ଗତ ମାସ ୨୪ ତାରିଖ ଦିନ ହିନ୍ଦୋଳ ଥାନା ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ସ୍ୱତନ୍ତ୍ର ଟାସ୍କଫୋର୍ସ ଖବର ପାଇଥିଲା। ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଆମ୍ବିଥି ଉପକଣ୍ଠରେ ଥିବା କଂସରା ବନଦୁର୍ଗା ମନ୍ଦିର ନିକଟରେ ଚଢ଼ଉ କରିଥିଲା। ସେଠାରୁ ଲିପୁ ନାଏକକୁ ଗିରଫ କରିବା ସହ ମୋଟ ୧୫୪ କେଜି ୩୮୦ ଗ୍ରାମ ଗଞ୍ଜେଇ, କାର୍ ଓ ମୋବାଇଲ ଫୋନ୍ ଜବତ କରିଥିଲା। ଏସ୍‌ଟିଏଫ୍ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିବା ସହ ଲିପୁକୁ କୋର୍ଟଚାଲାଣ କରିଥିଲା। ଚଢ଼ଉ ସମୟରେ ଆଉ ୩ଜଣ ପୁଲିସକୁ ଚକ୍‌ମା ଦେଇ ଖସି ପଳାଇଥିଲେ।

୩ଜଣ ଖସିଯିବା ପରେ ଗଞ୍ଜେଇ କାରବାର ପଛରେ ଏକାଧିକ ନିଶା ବେପାରୀଙ୍କ ସଂପୃକ୍ତି

- କନ୍ଧମାଳରୁ ବରାଦ କରିଥିଲେ ଗଞ୍ଜେଇ
- ଚଢ଼ଉ ବେଳେ ପୁଲିସକୁ ଦେଖି ଖସିଗଲେ

ରହିଥିବା ଏସଟିଏଫ୍ ଜାଣିବାକୁ ପାଇଥିଲା। ସେମାନଙ୍କ ବିଷୟରେ ଜାଣିବା ଲାଗି ପୁଲିସ ଲିପୁକୁ ପଚାରିବା ସହ ବୈଷୟିକ ବିଶ୍ଳେଷଣର ସହଯୋଗ ନେଇଥିଲା। କେବଳ ଲିପୁ ନୁହେଁ, ବରଂ ହିନ୍ଦୋଳ ଅଞ୍ଚଳର ବିଜୟ ଓ ସୁଶାନ୍ତ ହିଁ ଏହି ଗଞ୍ଜେଇ ଚାଲାଣ ମୁଖ୍ୟ କାର୍ପଟଦାର ବୋଲି ଜାଣିବାକୁ ପାଇଛି ଏସଟିଏଫ୍। ବିଜୟ ଓ ସୁଶାନ୍ତର କଥାରେ ଲିପୁ ଗଞ୍ଜେଇ ଆଣିବାକୁ କନ୍ଧମାଳ ଯାଇଥିଲା। ସେଠାରେ ପହଞ୍ଚିବା ପରେ ସେମାନଙ୍କ କହିବା ମୁତାବକ ଗଞ୍ଜାମର ତୋଫାନ ଜେନାକୁ ଭେଟିଥିଲା। ତୋଫାନ ତା’କୁ ଏକ ଜଙ୍ଗଲ ଭିତରକୁ ନେଇ କାର୍‌ରେ ଗଞ୍ଜେଇ ଲୋଡ୍ କରିଥିଲା। ପରେ ତୋଫାନ ଗଞ୍ଜେଇ ଭର୍ତ୍ତି କାର୍ ଚଳାଇଥିଲା ଓ ଲିପୁ ତା’କୁ ବାଟ ଦେଖାଇଥିଲା। ସେମାନେ ଆମ୍ବିଥି ଉପକଣ୍ଠରେ ଥିବା ବନଦୁର୍ଗା ମନ୍ଦିର ନିକଟରେ ପହଞ୍ଚିଥିଲେ। ତୋଫାନ ଓ ଲିପୁ ପହଞ୍ଚିବା ପୂର୍ବରୁ ବିଜୟ ଓ ସୁଶାନ୍ତ ସେଠାରେ ଅପେକ୍ଷା କରିଥିଲେ। ହେଲେ ଚଢ଼ଉ ବେଳେ ପୁଲିସକୁ ଦେଖି ବିଜୟ, ସୁଶାନ୍ତ ଓ ତୋଫାନ ଫେରାର୍ ହୋଇଯାଇଥିଲେ। ଏହି ୩ ଜଣଙ୍କୁ ଧରିବା ପାଇଁ ଏସଟିଏଫ୍ ଜାଲ ବିଛାଇଛି।

## ଦୋଳିରେ ଚାପି ହୋଇ ନାବାଳକ ମୃତ

ଉଦଳା, ୩।୫(ସମିସ): ଦୋଳି ସାଜିଲା ବେକର ଫାଶ। ଶାଢ଼ି ଦୋଳିରେ ଛନ୍ଦି ହୋଇ ଚାଲିଗଲା ନାବାଳକର ଜୀବନ। ଏଭଳି ଏକ ହୃଦୟବିଦାରକ ଘଟଣା ଘଟିଛି ଉଦଳା ଥାନା ଅଧୀନ ଜଗନ୍ନାଥୀ ଗ୍ରାମରେ। ଗ୍ରାମର ଦୁର୍ଗା ମୁର୍ମୁଙ୍କ ସାନପୁଅ ସତ୍ୟ ମୁର୍ମୁ ଘର ବାଡ଼ିରେ ଆତଗଛରେ ଶାଢ଼ିରେ ହୋଇଥିବା ଦୋଳିରେ ବସି ଝୁଲୁଥିଲା। ପୁଅ ଖେଳୁଥିବା ଦେଖି ପରିବାରଲୋକେ ନିଜ ନିଜ କାମରେ ବ୍ୟସ୍ତ ଥିଲେ। କିନ୍ତୁ ଅଚାନକ କିଛି ସମୟ ପରେ ସେହି ଝୁଲୁଥିବା ଶାଢ଼ି ଦୋଳିଟି ନାବାଳକର ବେକରେ ଛନ୍ଦି ହୋଇଯାଇଥିଲା ଏବଂ ତା’ର ମୃତ୍ୟୁ ହୋଇଯାଇଥିଲା। ଜଣେ ପରିବାର ସଦସ୍ୟ ଉକ୍ତ ସମୟରେ ବାଡ଼ି ଆଡକୁ ଯିବା ସମୟରେ ଝୁଲନ୍ତା ଅବସ୍ଥାରେ ନାବାଳକକୁ ଦେଖିବାକୁ ପାଇ ପରିବାରଲୋକଙ୍କୁ ଜଣାଇଥିଲେ। ପରିବାରଲୋକେ ତାକୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଭଳି ଏକ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ବିଜେଡିର କ୍ଷୋଭ

# ଦରଦାମ୍ ବୃଦ୍ଧିରେ ଦହଗଞ୍ଜ ହେଉଛନ୍ତି ଖାଉଟି

ଭୁବନେଶ୍ୱର,୩।୫(ସମିସ): ରାଜ୍ୟ ସରକାର ରବିବାର ଓମ୍‌ଫେଡ୍ ଦୁଗ୍ଧ ଲିଟର ପିଛା ୪ ଟଙ୍କା ବୃଦ୍ଧି କରିଛନ୍ତି। ଯେଉଁଥିରେ ମାତ୍ର ୧ ଟଙ୍କା ଚାଷୀ ଉପକୃତ ହୋଇଥିଲା ବେଳେ ଆଉ ତିନି ଟଙ୍କା ସରକାର ଚାଲାଖି କରି ନିଜ ତହବିଲକୁ ନେଉଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଡବଲ ଇଞ୍ଜିନ ସରକାରରେ ଦରଦାମ ବୃଦ୍ଧି କରି ସାଧାରଣ ଖାଉଟିଙ୍କୁ ହନ୍ତସନ୍ତ କଲାଣି ବୋଲି ଦଳ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି। ରବିବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ସରକାର ଚାଲାଖି କରି ଦୁଇ ଦିନ ତଳେ ଦୁଗ୍ଧ ଚାଷୀମାନଙ୍କୁ ଲିଟର ପିଛା ୧ ଟଙ୍କା ଦେବା ପାଇଁ ଖବରକାଗଜରେ ବିଜ୍ଞାପନ ପ୍ରକାଶ କରି ବାହାବା ନେବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଆଜି ସରକାରଙ୍କ ଅସଲ ଉଦ୍ଦେଶ୍ୟ ସର୍ବସମ୍ମୁଖକୁ ଆସିଛି। ଚାଷୀଙ୍କୁ ୧ ଟଙ୍କା ଦେବା ବାହାନାରେ ସରକାର ସାଧାରଣ ଖାଉଟିଙ୍କଠାରୁ ୪ ଟଙ୍କା ଲୁଟିବା ବ୍ୟବସ୍ଥା କରିଛନ୍ତି। ସରକାର କ୍ଷୀର ଲିଟର ପିଛା ବୃଦ୍ଧି କରିଥିବା



- ୪ ଟଙ୍କା ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର; ଚାଷୀଙ୍କୁ ମିଳିବ ମାତ୍ର ୧ ଟଙ୍କା
- ଗ୍ୟାସ୍ ଦରବୃଦ୍ଧି, ଗୃହିଣୀଙ୍କ ହାଣ୍ଡିଶାଳକୁ ମାଡ଼

ସମସ୍ତ ୪ ଟଙ୍କା ଦୁଗ୍ଧ ଚାଷୀଙ୍କୁ ଦିଅନ୍ତୁ ବୋଲି ବିଜେଡି ଦାବି କରିଛି। ଅନ୍ୟପଟେ ଗ୍ୟାସ୍ ଦର ବୃଦ୍ଧି ସାଧାରଣ ଜନତାଙ୍କୁ ଅଣାୟତ୍ତ କରିସାରିଲାଣି। ବିଗତ ୬ ମାସରେ ୪ ଥର ଗ୍ୟାସ୍ ଦର ବୃଦ୍ଧି ‘ବେଢ଼ି ଉପରେ କୋରଡା ମାଡ଼’ ସଦୃଶ ହୋଇଛି। ଏହା ଲୋକଙ୍କ ଦୈନନ୍ଦିନ ଜୀବନରେ ଆର୍ଥିକ ବୋଝ ବଢ଼ାଇବାରେ ଲାଗିଛି ବୋଲି ଡଃ ମହାନ୍ତି କହିଛନ୍ତି। ସେହିପରି ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ କହିଥିଲେ ଯେ ସାଧାରଣ ଛାତ୍ରଟିଏ ଚା’ କପ୍ ଟିଏ ୫ ଟଙ୍କାରେ ପିଉଥିଲା ବେଳେ ୨୦ ଟଙ୍କାରେ ଜଳଖିଆ ଖାଉଥିଲା। କିନ୍ତୁ ଆଜି ସରକାରଙ୍କ ଏହି ଦର ବୃଦ୍ଧି ଯୋଗୁଁ ସାଧାରଣ ଛାତ୍ରଟିଏ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛି। ସରକାର ଦରବୃଦ୍ଧିକୁ ତୁରନ୍ତ ନିୟନ୍ତ୍ରଣକୁ ନ ଆଣିଲେ ଆଗାମୀ ଦିନରେ ବିଜୁ ଛାତ୍ର ଜନତା ଦଳ ଏହାର ଦୃଢ଼ ବିରୋଧ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।


**AFFIDAVIT**

By virtue of an Affidavit **No.994, dated 28.04.2026** sworn before **Executive Magistrate, Khordha,** declare that, I, Mohini Baral, aged about 45 years, W/o. Pabana Baral, resident of At-Goudaput, P.O.-Sarua, P.S/Dist.-Khordha, Odisha, declare that I have changed my name from Kalpana Baral to Mohini Baral. Henceforth, I Mohini Baral & Kalpana Baral both are one and same person. But now onwards I shall be known as **Mohini Baral,** for all future purposes.

**Mohini Baral**

# ଯଜ୍ଞ ପୀଠସ୍ଥଳରେ ମା’ ଶାରଳାଙ୍କ ମେଳା



ନିଶ୍ଚିନ୍ତକୋଇଲି,୩।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ପାଟପୁର ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଶ୍ରୀ ଶଙ୍କରେଶ୍ୱର ମହାଦେବଙ୍କ ଯଜ୍ଞ ପୀଠସ୍ଥଳୀରେ ମା’ ଶାରଳା ପୂଜା କମିଟି ପକ୍ଷରୁ ୩୦ତମ ବାର୍ଷିକ ଶାରଦୀୟ ମେଳା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ରାହ୍ମ ମୁହୂର୍ତ୍ତରୁ ସୁଦୂର ଝଙ୍କଡ଼ ପୀଠରୁ ମା’ଙ୍କ ଆଜ୍ଞାମାଳ ଅଣାଯାଇ ମେଳା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ପାଶ୍ୱର୍ ଦେବଦେବୀଙ୍କ ସ୍ନାନ ଓ ମାର୍ଜନା ପରେ ପ୍ରଭୁ ଶଙ୍କରେଶ୍ୱରଙ୍କର ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ଣରେ ସୂର୍ଯ୍ୟ ପୂଜା, ଗୋ-ପୂଜା, କଳସ ଯାତ୍ରା ଓ ଘଟ ସ୍ଥାପନ ସହ ମେଳାର ଶୁଭାରମ୍ଭ ହୋଇଥିଲା। ସାରା ରାତ୍ରି ବ୍ୟାପୀ ଚଣ୍ଡୀପାଠ, ଘୃତାହୁତି, ଆଳତି ଓ ପୁଷ୍ପାଞ୍ଜଳି ପରି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ଘଟ ବିସର୍ଜନ କରାଯାଇଥିଲା। ପୂଜକ ମହେଶ୍ୱର ଶତପଥୀ, ସଞ୍ଜୟ ଦାସ ଓ ସାଗର ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନୋରଞ୍ଜନ ରାଉତ ଓ ତାଙ୍କ ପତ୍ନୀ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। କମିଟି ସଭାପତି ଲକ୍ଷ୍ମୀଧର ଦୀକ୍ଷିତ, ସମ୍ପାଦକ ଜୟରାମ ସେଠୀ ଓ ଅନ୍ୟ ସଦସ୍ୟଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଛି।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର ସମ୍ବର୍ଦ୍ଧନା

କନ୍ଦରପୁର,୩।୫(ସମିସ): କଟକ ସଦର ମଣ୍ଡଳ ଅଧୀନସ୍ଥ ଫକିରପଡ଼ା ବରୁଣେଇ ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ଦାଶଙ୍କୁ ଗୁରୁବାର ଦିନ ବିଦ୍ୟାଳୟ ପରିସରରେ



ଏକ ଭାବାବେଗ ପରିବେଶ ମଧ୍ୟରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାରା ଧନୱାରଙ୍କ ପୌରହିତ୍ୟରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସିଆରସିସି ଜ୍ୟୋତି ସାହୁ, ପୂର୍ବତନ ସରପଞ୍ଚ ଜତିନ୍ଦ୍ର ରାଉଳ, ପୂର୍ବତନ ସରପଞ୍ଚ ନଳିନୀପ୍ରଭା ଉଦଗାତା, ନିରଞ୍ଜନ ସ୍ୱାଇଁ, ସଂଯୁକ୍ତା ମହାରଣା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଲେଖ ଚନ୍ଦ୍ର ବେଉରା, ଉଷାରାଣୀ ନନ୍ଦ, ରମେଶ ଚନ୍ଦ୍ର ଦାସ, ପ୍ରଦୀପ୍ତ ପଣ୍ଡା ଓ ଅମୀୟ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଶିକ୍ଷାଦାନ ଶୈଳୀ ଓ ତାଙ୍କର କର୍ମମୟ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବହୁ ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ରହି ଶ୍ରୀମତୀ ଦାଶଙ୍କୁ ଶୁଭକାମନା ଜଣାଇଥିଲେ।

# ଅଗ୍ନି ବିପନ୍ନଙ୍କୁ ସହାୟତା



କିଶନନଗର,୩।୫(ସମିସ): କିଶନନଗର ହୁଲିପୁର ଗ୍ରାମର କୁନି ଭୋଇଙ୍କ ସୋମବାର ଦିନ ଦୁଇ ବଖରା ଚାଳ ଛପର ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ଖବର ପାଇ ବିପଦର ବନ୍ଧୁ ସେବା ସଙ୍ଗଠନର ସଦସ୍ୟ ସ୍ୱାମୀ ଅଦ୍ୱୈତା ନନ୍ଦ, କ୍ଷିତିନ୍ଦ୍ର ମିତ୍ର, ଭବେଶ ମଣ୍ଡଳ, ସୁଧାକର ଦାସ, ସୁଧିରଞ୍ଜନ ସେଠୀ, ପ୍ରଦ୍ୟୁମ୍ନ ମିଶ୍ର, ଭୈରବ ଚନ୍ଦ୍ର ସେଠୀ ପ୍ରମୁଖ ବିପନ୍ନଙ୍କ ବାସଭବନରେ ପହଞ୍ଚି ରାସନ ସାମଗ୍ରୀ, ନୂତନ ବସ୍ତ୍ର, ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ।

● ଅଟଳ ସେନା ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

# ମଧୁବାବୁଙ୍କୁ ‘ଭାରତ ରତ୍ନ’ ଦାବି




ସାଲେପୁର,୩।୫(ସମିସ): ସାଲେପୁର ନିକଟସ୍ଥ ପିକୋଳସ୍ଥିତ ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟ ସଭାଗୃହରେ “ଅଟଳ ସେନା ଓଡ଼ିଶା’ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ପ୍ରଫେସର ଦୀନବନ୍ଧୁ ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ମେଜର ଡଃ ମଞ୍ଜୁଶ୍ରୀ ପତି ଯୋଗଦେଇ ମଧୁବାବୁଙ୍କୁ ଓଡ଼ିଆ ଅସ୍ମିତାର ପ୍ରତୀକ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟ ବକ୍ତା ଡଃ ପୂର୍ଣ୍ଣଚନ୍ଦ୍ର ଓଝା ଓ ଅନ୍ୟତମ ଅତିଥି ଶିକ୍ଷାବିତ ପ୍ରଫେସର ନମିତା ଦୀକ୍ଷିତ, ବିକ୍ରମ କେଶରୀ ବଳ ଓ ବିପିନ ବିହାରୀ କର ମଧୁବାବୁଙ୍କୁ ଜାତିର ଜଣେ ମୁଖ୍ୟ ବିନ୍ଧାଣି ଭାବେ ଅଭିହିତ କରିବା ସହ ତାଙ୍କୁ ମରଣୋତ୍ତର “ଭାରତ ରତ୍ନ’ ପ୍ରଦାନ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଟଳ ସେନାର ପ୍ରତିଷ୍ଠାତା ସଭ୍ୟ ସ୍ୱର୍ଗତ ରମାକାନ୍ତ ନାୟକଙ୍କ ଅକାଳ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅଟଳ ସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡଃ ପ୍ରଭାତ କିଶୋର ନାୟକ, ଡଃ ଉମେଶ ଚନ୍ଦ୍ର ପତି ଓ ପ୍ରତାପ କିଶୋର ମିଶ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମିନତୀ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଶୋକ ସ୍ୱାଇଁ ଶେଷରେ ଧନ୍ୟବାଦ ଦେଇଥିଲେ।

‘ବିକାଶ’ ନାଁରେ ଚାଲିଛି ବିନାଶର ଖେଳ

# ୧୫ ଦିନରେ ଫାଟିଲା ୭ ଲକ୍ଷ ଟଙ୍କାର ନବନିର୍ମିତ ରାସ୍ତା

ଭଦ୍ରେଶ୍ୱର,୩।୫(ସମିସ):

ମାହାଙ୍ଗା ବ୍ଲକରେ ସରକାରଙ୍କ ‘ବିକଶିତ ଗାଁ ବିକଶିତ ଓଡ଼ିଶା’ ଯୋଜନା କିଭଳି ବାଟବଣା ହୋଇଛି, ତାହାର ଏକ ନଗ୍ନ ନମୂନା କୁସୁପୁର ଗ୍ରାମପଞ୍ଚାୟତରେ ଦେଖିବାକୁ ମିଳିଛି। ସରକାରୀ ତହବିଲରୁ ୭ ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମିତ ହୋଇଥିବା ଏକ କଂକ୍ରିଟ ରାସ୍ତା ମାତ୍ର ୧୫ ଦିନ ଭିତରେ ଭାଙ୍ଗିରୁଜି ଯିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। କୁସୁପୁର ପଞ୍ଚାୟତର ହରିବୋଲ ଛକ ଠାରୁ ରାମ ସାହୁଙ୍କ ଘର ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ଏହି ଢଳେଇ ରାସ୍ତାଟି ଏବେ ଦୁର୍ନୀତିର ଏକ ବଡ଼ ଦସ୍ତାବିଜ୍ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି କାର୍ଯ୍ୟର କାର୍ଯ୍ୟାଦେଶ ବ୍ଲକର ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରହିଥିଲେ ସୁଦ୍ଧା, ବାସ୍ତବରେ କିଛି ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ଓ ସ୍ଥାନୀୟ ବିଧାୟକଙ୍କ ଅନୁଗତମାନେ ଏହି ନିର୍ମାଣ କାର୍ଯ୍ୟ କରୁଥିଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି ତଦାରଖ କରିବା

### ପ୍ରଶାସନିକ ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ

ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଥିଲେ। ଯନ୍ତ୍ରୀଙ୍କ ଏଭଳି ଅନୁପସ୍ଥିତିର ସୁଯୋଗ ନେଇ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଅଟକଳ ଅନୁଯାୟୀ



କାର୍ଯ୍ୟ ହୋଇ ନ ଥିବାରୁ ମାତ୍ର ଦୁଇ ସପ୍ତାହ ମଧ୍ୟରେ ରାସ୍ତାରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି, ଯାହା ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସାଧାରଣରେ ଆଲୋଚନା ହେଉଛି ଯେ, ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରିବା ପାଇଁ ଏଭଳି ଚଞ୍ଚକତା କରାଯାଇଛି। ସ୍ଥାନୀୟ ଲୋକପ୍ରତିନିଧି ଓ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସଲାସୁତରା ଯୋଗୁଁ ବିକାଶମୂଳକ ଯୋଜନାଗୁଡ଼ିକ ଏବେ ପ୍ରହସନରେ ପରିଣତ ହୋଇଛି। ଏହି ଘଟଣାରେ କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂଯୋଜକ ତୁରନ୍ତ ହସ୍ତକ୍ଷେପ କରି ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି। ଏଥିସହ ଦୋଷୀ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ଜୋର ଧରିଛି।

# ବ୍ଲକ୍ ମାଟ୍ରିକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ,୩।୫(ସମିସ): ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶିକ୍ଷାମଣ୍ଡଳ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ୯ ଜଣ ବିଦ୍ୟାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ସ୍ଥାନ ଅଧିକାର କରିଛନ୍ତି। ସାଧୁସୁନ୍ଦର ବିଦ୍ୟାପୀଠର ଛାତ୍ର ଶୁଭାଶିଷ ମହାନ୍ତି ୫୭୬ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ଶାଳଗାଁ ପଞ୍ଚାୟତ ଭୟରପୁର ବାସିନ୍ଦା ଗୋପାଳ ଚନ୍ଦ୍ର ମହାନ୍ତି ଓ ଗୃହିଣୀ ବନ୍ଦନା ମହାନ୍ତିଙ୍କ ପୁତ୍ର ଶୁଭାଶିଷ ସରକାରୀ କଲେଜରେ ଯୁକ୍ତ ୨ ବିଜ୍ଞାନ ଅଧ୍ୟୟନ କରିବେ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ବିଦ୍ୟାଳୟରେ ଦୁଇ ଜଣ ଏ୧ ଟପ୍ପର ହୋଇଥିବାରୁ ସେଫାଳି ପରିବାର ପକ୍ଷରୁ ମନୋଜ କୁମାର ମହାରଣା ଓ ସମସ୍ତ ସଦସ୍ୟଙ୍କ ଦ୍ୱାରା ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ନାୟକ ଏବଂ ଏ୧ ଛାତ୍ର ଶୁଭାଶିଷଙ୍କ ସହ ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ସ୍ୱାଇଁଙ୍କୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି।

## ବାରେଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ସାଲେପୁର,୩।୫(ସମିସ): ସାଲେପୁର ବ୍ଲକ ଅନ୍ତର୍ଗତ ପିକୋଳ ଗ୍ରାମର ପ୍ରସିଦ୍ଧ ମା’ ବାରେଣୀ ପୀଠରେ ତିନିଦିନିଆ ବିଶ୍ୱଶାନ୍ତି ମହାଯଜ୍ଞ ଯଥାବିଧି ରୀତିନୀତିରେ ସମ୍ପନ୍ନ ହୋଇଯାଇଛି। ସ୍ଥାନୀୟ ଯୁବ ସମାଜସେବୀ ସୁଶୀଲ କୁମାର ଶତପଥିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପ୍ରତିଦିନ ସୂର୍ଯ୍ୟପୂଜା, ଗୋ-ପୂଜା ଓ ମଣ୍ଡଳ ପୂଜା ଆଦି ଅନୁଷ୍ଠିତ ହୋଇଥିଲା। ଯଜ୍ଞର ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହି ଅବସରରେ ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ ଓ ଭଜନ ସନ୍ଧ୍ୟା ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ମା’ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଶରତ ଚନ୍ଦ୍ର ଶତପଥି, ହୃଦୟକୃଷ୍ଣ ବେହୁରା, ପ୍ରମୋଦ ସାହୁ, ଗିରିଶ ଚନ୍ଦ୍ର ନାୟକ, ବ୍ରହ୍ମାନନ୍ଦ ରଣା ଓ ଅଜୟ ନାୟକଙ୍କ ସମେତ ପିକୋଳ ଗ୍ରାମର ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କାଳବୈଶାଖୀ ପରେ ପୁଣି ଅନ୍ଧାରରେ ବାବା ସିଂହନାଥ ପୀଠ

ବଡ଼ମ୍ବା,୩।୫(ସମିସ): ବଡ଼ମ୍ବା ବ୍ଲକରେ ଶୁକ୍ରବାର ଅପରାହ୍ଣରେ ହୋଇଥିବା କାଳବୈଶାଖୀ ଓ ଘୂର୍ଣ୍ଣିଝଡରେ ଗୋପୀନାଥପୁର-



ବୈଦେଶ୍ୱର ମୁଖ୍ୟ ସେତୁର ସୁରକ୍ଷା ବାଡ଼ ଦେଇ ସିଂହନାଥ ପୀଠକୁ ଯାଇଥିବା ୧୧ କେଭି ବିଦ୍ୟୁତ କେବୁଲ ତାର ଫୁଟପାଥ ଉପରେ ଛିଣ୍ଡି ପଡ଼ିଛି। ଫଳରେ ଶୈବପୀଠ ବାବା ସିଂହନାଥ ମନ୍ଦିର ପୁଣିଥରେ ଅନ୍ଧାରରେ ରହିଛି। ବିଦ୍ୟୁତ ସରବରାହ ବନ୍ଦ ଥିବାରୁ ସନ୍ଧ୍ୟା ପରେ ପୀଠ ପରିସରରେ ଘୋର ଅନ୍ଧକାର ଛାଇଯାଇଛି। ଫଳରେ ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କା ମଧ୍ୟ ରହିଛି। ଝଡ଼-ବର୍ଷା ପ୍ରଭାବରେ ବଡମ୍ବା ଅଞ୍ଚଳର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିବା ସହ ଅନେକ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ଅନେକ ଗ୍ରାମରେ ଏପର୍ଯ୍ୟନ୍ତ ବି ବିଦ୍ୟୁତ ସେବା ସ୍ୱାଭାବିକ ଅବସ୍ଥାକୁ ଆସିନାହିଁ। ବିଦ୍ୟୁତ ବିଭାଗ ପକ୍ଷରୁ ଯୁଦ୍ଧକାଳୀନଭିତ୍ତିରେ ମରାମତି କାର୍ଯ୍ୟ ଚାଲୁ ରହିଛି। ପ୍ରକାଶଥାଉ କି ବିଦ୍ୟୁତ ବକେୟା ସମସ୍ୟାକୁ ନେଇ ପୂର୍ବରୁ ଏକମାସରୁ ଅଧିକ ସମୟ ଧରି ବାବା ସିଂହନାଥ ପୀଠ ଅନ୍ଧାରରେ ରହିଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଥିଲା। ବିଧାୟକଙ୍କ ହସ୍ତକ୍ଷେପ ପରେ ଆଜକୁ ୧୦ ଦିନ ପୂର୍ବେ ପୀଠକୁ ପୁନଃ ବିଦ୍ୟୁତ ସଂଯୋଗ ମିଳିଥିଲା।

# ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ମାହାଙ୍ଗା,୩।୫(ସମିସ): ମାହାଙ୍ଗା ବ୍ଲକ ଦେବରିଓସ୍ଥିତ ବାପୁଜୀ ଯୁବକ ସଂଘ ପ୍ରାଙ୍ଗଣରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସନ୍ଥକବି ଭୀମଭୋଇ ଉନ୍ନୟନ ପରିଷଦର ମିଳିତ ସହଯୋଗରେ ସନ୍ଥକବି ଭୀମ ଭୋଇଙ୍କ ୧୭୬ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହିମା ଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ ସମାରୋହରେ ମାହାଙ୍ଗା ବିଧାୟକ



ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୀମ ଭୋଇଙ୍କୁ ଏକାଧାରରେ ଜଣେ କବି, ଧର୍ମ ପ୍ରଚାରକ ଓ ସମାଜ ସଂସ୍କାରକ ଭାବେ ଅଭିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ହରିଶ୍ଚନ୍ଦ୍ର ସାହୁ, ସମ୍ମାନିତ ଅତିଥିଭାବେ ବ୍ରହ୍ମାବଧୂତ ସୁଶାନ୍ତ ବାବା, ସାଧୁ ଚିଦାନନ୍ଦ ଦାସ ଓ ସାହିତ୍ୟିକ ବିଶ୍ୱେଶ୍ୱର ମହାନ୍ତି ଯୋଗଦେଇ ସନ୍ଥକବିଙ୍କ “ସ୍ତୁତି ଚିନ୍ତାମଣି’ ଓ ତାଙ୍କ ସାହିତ୍ୟିକ କୃତି ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଅଶୋକ ରାଉତ, କବୟିତ୍ରୀ ସୁଷମା ବାରିକ ଓ ଶିଶୁ ସାହିତ୍ୟିକ ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପନଙ୍ଗ ଭୂଷଣ ଦାସ, କିଶୋର ଚନ୍ଦ୍ର ରାଉତ ଓ ମନୋରଞ୍ଜନ ନାୟକଙ୍କ ସମେତ ପରିଷଦର ବହୁ ସଦସ୍ୟ ସହଯୋଗ କରିଥିଲେ। ବିକ୍ରମ ଖଟୁଆ ଧନ୍ୟବାଦ ଦେଇଥିବା ବେଳେ ଶେଷରେ ମନୋଜ୍ଞ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା।

# କନ୍ଦରପୁରର ଶିଶୁ ମନ୍ଦିରରେ ପାସ୍ ହାର ଶତପ୍ରତିଶତ





କନ୍ଦରପୁର,୩।୫(ସମିସ): କଟକ ସଦର ଅଧୀନ କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମାଟ୍ରିକ ପାସ୍ ହାର ଶତପ୍ରତିଶତ ହୋଇଛି। ଚଳିତବର୍ଷ ୫୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ୍ କରିଛନ୍ତି। ଏଥିରେ ଏ୧ ରେ ୩, ଏ୨ ରେ ୧୧, ବି୧ ରେ ୧୭, ବି୨ ରେ ୧୫, ସି ରେ ୦୭, ଡି ରେ ୦୨ ଓ ଇ ରେ ୦୧ ପାସ୍ କରିଥିବାବେଳେ ଏ୧ ରେ ପ୍ରତିଜ୍ଞା ସ୍ୱାଇଁ ୫୫୯, ରିତିପ୍ରଜ୍ଞା ବେହେରା ୫୫୭, ସରସ୍ୱତୀ ଓଝା ୫୫୨ନମ୍ବର ରଖିଛନ୍ତି। ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ସମସ୍ତ ଛାତ୍ର ଛାତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଛନ୍ତି।

# କମାଙ୍ଗରେ ରତ୍ନମୁଦ ମହୋତ୍ସବ ଉଦ୍‌ଯାପିତ



ଟାଙ୍ଗୀ,୩।୫(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କମାଙ୍ଗ ଗ୍ରାମସ୍ଥ ମା ବଉଳେଇ ଓ ବାବା ପରମେଶ୍ୱରଙ୍କ ଦଶମ ବାର୍ଷିକ ମହାଯଜ୍ଞ ଓ ବାବା ପରମେଶ୍ୱରଙ୍କ ରତ୍ନମୁଦ ମହୋତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ସମ୍ମାନିତ ଅତିଥି ଭାବେ ଗରୁଡ଼ଗାଁ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଜଗନ୍ନାଥ ଦାସ ପ୍ରମୁଖ ଯୋଗଦେଇ ରତ୍ନମୁଦ ମହୋତ୍ସବରେ ବାବା ପରମେଶ୍ୱରଙ୍କ ବିଭୁକୃପା କାମନା କରିଥିଲେ। କାର୍ଯ୍ୟକ୍ରମରେ ପଣ୍ଡିତ ଦିପ୍ତି ରଞ୍ଜନ ଷଡ଼ଙ୍ଗୀ ଓ ସାଥି ପୂଜା କର୍ମ କରିଥିବାବେଳେ କର୍ତ୍ତା ଭାବେ ଅନନ୍ତ ମହାରଣା, ମାନସ ରଞ୍ଜନ ବେଉରା ଓ ଉଭୟଙ୍କ ସହଧର୍ମିଣୀ କାର୍ଯ୍ୟ ତୁଲାଇଥିଲେ। ଯୁବ ସମାଜସେବୀ ଗଙ୍ଗାଧର ବେହେରା, ଉଦ୍ୟାନବିତ ପ୍ରଶାନ୍ତ ବସ୍ତିଆ, ଗୌରାଙ୍ଗ ଚରଣ ମାଝୀ, ବିଷ୍ଣୁ ଚରଣ ମାଝୀ, ମାନସ ରଞ୍ଜନ ମଲ୍ଲିକ, ଖଗେଶ୍ୱର ପାତ୍ର, ଧ୍ରୁବ ଚରଣ ବେଉରା ଓ ଗୌରାଙ୍ଗ ପଲେଇଙ୍କ ସମେତ କମାଙ୍ଗ ଓ କଉଡିଆପଡା ଗ୍ରାମବାସୀ ସହଯୋଗ କରିଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ମାହାଙ୍ଗା,୩।୫(ସମିସ): କୁଆଁପାଳସ୍ଥିତ ଜବାହରଲାଲ ନେହେରୁ ମହାବିଦ୍ୟାଳୟର ବିଜ୍ଞାନାଗାର ଶିକ୍ଷକ ବିଜୟ କୁମାର ସାହୁଙ୍କ ଅବସର ଦିବସରେ ମହାବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତ ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ପ୍ରାଧ୍ୟାପକ ରବିନାରାୟଣ ବାରିକ, ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ପ୍ରାଧ୍ୟାପକ ଅଶୋକ କୁମାର ସିଂହ ଏବଂ ଅଧ୍ୟାପକ ବସନ୍ତ କୁମାର ସେଠୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ଅତିଥିମାନେ ଶ୍ରୀ ସାହୁଙ୍କ ଦୀର୍ଘ ୩୫ ବର୍ଷର ନିଷ୍ଠାପର ସେବା, ଶିକ୍ଷକତା ଓ କର୍ତ୍ତବ୍ୟପରାୟଣତା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଉତ୍ସବରେ ଅଧ୍ୟାପକ ଅଶୋକ ସାହୁ ମାନପତ୍ର ପାଠ କରିଥିଲେ। ଅଧ୍ୟାପକ ବିଶିକେଶନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରୁଦ୍ରନାରାୟଣ ଦାଶ ଶେଷରେ ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବରିଷ୍ଠ ନାଗରିକ ମଞ୍ଚ

ନରସିଂହପୁର,୩।୫(ସମିସ):

ନରସିଂହପୁର ବ୍ଲକର କମଳାଡିହ ପଞ୍ଚାୟତରେ ଏକ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ “ମା ଭୁବନେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ’ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ନେତୃତ୍ୱରେ ମଞ୍ଚର ଏକ ପ୍ରତିନିଧି ଦଳ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ବ୍ଲକର ଶେଷ ସୀମାରେ ଅବସ୍ଥିତ ଏହି ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ଘୋର ଅଭାବ ରହିଥିବାରୁ ଏବଂ ନିକଟସ୍ଥ ବାଲିପୁଟ



ସତକୋଶିଆ ଅଭୟାରଣ୍ୟ ଏକ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ହୋଇଥିବାରୁ ଏଠାରେ ସ୍ୱାସ୍ଥ୍ୟକେନ୍ଦ୍ରର ଜରୁରୀ ଆବଶ୍ୟକତା ରହିଛି। ସୂଚନାଯୋଗ୍ୟ ଯେ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବରୁ ଜମି ଅଧିଗ୍ରହଣ ଭଳି କାର୍ଯ୍ୟ ସମ୍ପାଦିତ ହୋଇସାରିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ମଞ୍ଚର ସମ୍ପାଦକ ବୈକୁଣ୍ଠ ନାଥ ସାହୁ, ଉପଦେଷ୍ଟା ନିରଞ୍ଜନ ମିଶ୍ର, ଲଳିତ ଡାଳୁଆ ଏବଂ ସରପଞ୍ଚ ଶରତ ଚନ୍ଦ୍ର ଖଟୁଆ ପ୍ରମୁଖ ଉପସ୍ଥିତ ରହି ଏହି ପ୍ରସ୍ତାବିତ ସ୍ୱାସ୍ଥ୍ୟକେନ୍ଦ୍ରର ଗୁରୁତ୍ୱ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଅଞ୍ଚଳବାସୀଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ଦିଗରେ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି।

# ଟାଙ୍ଗୀ ଅଞ୍ଚଳରେ ବିଶ୍ୱ ଶ୍ରମିକ ଦିବସ

ଟାଙ୍ଗୀ,୩।୫(ସମିସ): ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ସଂଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାରା ବ୍ଲକ ଇପିଏଫ୍ ପେନସନର୍ସ ଆସୋସିଏସନ୍ ପକ୍ଷରୁ ବନ୍ଦ ପଡ଼ିଥିବା ଓଡ଼ିଶା କଟନ୍ ମିଲ୍ସ ସମ୍ମୁଖରେ ପତାକା ଉତ୍ତୋଳନ ସହ ଶହୀଦ ବେଦୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶ୍ରମିକ ନେତା ପିତାମ୍ବର ଲେଙ୍କା, କେଶବ ଚନ୍ଦ୍ର ଷଡ଼ଙ୍ଗୀ, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଜେଠୀ, ସିରାଜ ସାହା, ମନୋଜ ଖିଲାର, ରଘୁନାଥ ପଣ୍ଡା, ବିଷ୍ଣୁ ଦାସ, ନଟବର ଜେଠୀ ଓ ସଚ୍ଚିନ୍ଦ୍ର ଖିଲାର ପ୍ରମୁଖ ଯୋଗଦେଇଥିଲେ। ସେହିପରି ବ୍ଲକ ନିର୍ମାଣ ଶ୍ରମିକ ସଂଘ ଓ ପାଚିକା ସହାୟିକା ସଂଘ ପକ୍ଷରୁ ପତାକା ଉତ୍ତୋଳନ ସହ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। କନ୍ହେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ସଭାରେ ବରିଷ୍ଠ ନେତା ବଦ୍ରି ନାରାୟଣ ଦାଶ, ଡମ୍ବରୁଧର ସାହୁ, ରମେଶ ବେହେରା, ବିଷ୍ଣୁ ବେହେରା, ଚନ୍ଦ୍ରମୋହନ ମାଝି, ପର୍ଶୁରାମ ମହାରଣା, ମୁକୁନ୍ଦ କୁଇଁକେଲ ଓ ନାରୀନେତ୍ରୀ ପୁଷ୍ପା ଦାଶ ଯୋଗଦେଇ ଦିବସର ମହତ୍ୱ ବର୍ଣ୍ଣନା କରିଥିଲେ। ନିର୍ମାଣ ଶ୍ରମିକ ସଂଘ ସଭାପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପାଚିକା ସଂଘ ସମ୍ପାଦିକା ଲକ୍ଷ୍ମୀପ୍ରିୟା ବେହେରା ଧନ୍ୟବାଦ ଦେଇଥିଲେ।



# ଇନ୍‌ଷ୍ଟାଗ୍ରାମ୍‌ରେ ନାବାଳିକା ଫଟୋ ଭାଇରାଲ୍; ଯୁବକ ଗିରଫ



- ନାବାଳିକାଙ୍କ ଭାଇ ସମେତ ଭଉଣୀ ଓ ମା'ଙ୍କ ଫଟୋକୁ ନେଇ କରିଥିଲା ନକଲି ଆକାଉଣ୍ଟ
- ହ୍ୱାଟସ୍‌ଆପ୍‌ରେ କରୁଥିଲା ଅଶ୍ଳିଳ ଚାଟ୍: ଫୋନ୍ କରି ଦେଉଥିଲା ଧମକ

କଟକ,୩।୫(ସମିସ): ନାବାଳିକାଙ୍କ ଫଟୋ ଓ ଭିଡିଓକୁ ଅଶ୍ଳୀଳ ଭାବେ ଏଡିଟ୍ କରିବା ସହିତ ତାହାକୁ ଏକ ନକଲି ଇନଷ୍ଟାଗ୍ରାମ୍‌ରେ ଆଇଡି'ରେ ଅପଲୋଡ୍ କରି ଚରିତ୍ର ସଂହାର କରୁଥିବା ଜଣେ ଯୁବକଙ୍କୁ ଆଜି ସାଇବର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତର ନାଁ ଦୀନେଶ କୁମାର ସେଠୀ ଓରଫ୍ ବାବୁ(୨୬)। ତା'ଘର କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବୋଲି ଜଣାପଡ଼ିଛି। ତାକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହାପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ନାବାଳିକାଙ୍କ ବଡ଼ ଭାଇ ପ୍ରଥମେ ଏ ସମ୍ପର୍କରେ ସାଇବର ଥାନାରେ ଏତଲା ଦେବା ପରେ ତଦନ୍ତ ଆରମ୍ଭ କରାଯାଇଥିଲା। ଅଭିଯୁକ୍ତ ବାବୁ ପୀଡ଼ିତାଙ୍କ ଭାଇର ଫଟୋକୁ ବ୍ୟବହାର କରି ଇନ୍‌ଷ୍ଟାଗ୍ରାମ୍‌ରେ ଆକାଉଣ୍ଟ୍ ଖୋଲି ଗାଳି ଗୁଲଜ କରୁଥିଲା। ଉକ୍ତ ଆକାଉଣ୍ଟ୍‌ରେ ନାବାଳିକାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ଫଟୋ ଅପଲୋଡ୍ କରି ଅଶ୍ଳୀଳ କମେଣ୍ଟ୍ ଦେଉଥିଲା। ଏହାପରେ ନାବାଳିକାଙ୍କ ନାଁରେ ନିର୍ଦ୍ଦିଷ୍ଟ ଏକ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ୍ ଖୋଲି ସେଥିରେ ବିଭିନ୍ନ ଅଶ୍ଳୀଳ ଫଟୋ, ଭିଡିଓ ଓ ଅଡିଓ ଅପଲୋଡ୍ କରୁଥିଲା। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଥିଲା ଯେ, ଅଭିଯୁକ୍ତ ବାବୁ ନାବାଳିକାଙ୍କ ସହିତ ଖରାପ ସମ୍ପର୍କ ରଖିବାକୁ ଚାପ ପକାଉଥିଲା। ଯେତେବେଳେ ବାବୁର କଥାରେ ନାବଳିକା ଜଣକ ରାଜି ହୋଇନଥିଲେ, ସେ ପ୍ରତିଶୋଧପରାୟଣ ହୋଇ ସାମାଜିକ ଗଣମାଧ୍ୟମରେ ଚରିତ୍ରସଂହାର କରିବାରେ ଲାଗିଥିଲା। କୌଶଳକ୍ରମେ ନାବାଳିକାଙ୍କ ଫୋନ୍ ନମ୍ବର ଏବଂ ତାଙ୍କ ଭାଇର ଫୋନ୍ ନମ୍ବର ସଂଗ୍ରହ କରି କଲ୍‌ରେ ଜୀବନରୁ ମାରିଦେବାକୁ ଧମକ ଦେଉଥିଲା। ହ୍ୱାଟସଆପ୍‌ରେ ସେ ବିଭିନ୍ନ ସମୟରେ ଅଶ୍ଳୀଳ ଚାଟ୍ କରୁଥିବା ଜଣାପଡ଼ିଛି। କେବଳ ଏହି ଘଟଣା ନୁହେଁ, ଅଭିଯୁକ୍ତର ମୋବାଇଲ୍ ଜବତ କରାଯିବା ପରେ ପୁଲିସ ତାହାକୁ ଯାଞ୍ଚ କରିଥିଲା। ସେଥିରେ ସେ ଏକାଧିକ ମହିଳା ଓ ଝିଅଙ୍କ ଫଟୋକୁ ଅଶ୍ଳୀଳ ଭାବେ ଏଡିଟ୍ କରି ବ୍ଲାକ୍‌ମେଲ୍ କରୁଥିବା ସ୍ପଷ୍ଟ ହୋଇଛି। ଫେସବୁକ୍, ଇନଷ୍ଟାଗ୍ରାମ ଓ ହ୍ୱାଟର୍ସଆପ୍‌ରେ ଅଭିଯୁକ୍ତ ଜଣକ ତା' ଅପରାଧ ଚଳାଉଥିଲା। ପ୍ରଥମେ ଜଣଙ୍କୁ ଟାର୍ଗେଟ କରୁଥିଲା। ତା'ପରେ ତାଙ୍କର ଫଟୋ ସଂଗ୍ରହ କରି ତାହାକୁ ଅଶ୍ଳିଳ ଭାବେ ଏଡିଟ୍ କରୁଥିଲା। ସମ୍ପୃକ୍ତ ଯୁବତୀଙ୍କ ନାମରେ ଏକ ଫେକ୍ ଆକାଉଣ୍ଟ୍ ଖୋଲୁଥିଲା। ଏହାପରେ ସମ୍ପୃକ୍ତ ଯୁବତୀଙ୍କ ସହିତ ଯୋଗାଯୋଗ କରୁଥିଲା। ଯୌନ ସମ୍ପର୍କ ସ୍ଥାପନ କରିବା ପାଇଁ ବାଧ କରୁଥିଲା। ଯିଏ ରାଜି ହେଉନଥିଲେ, ତାଙ୍କୁ ବ୍ଲାକ୍‌ମେଲ୍ କରୁଥିଲା। ଦୀର୍ଘଦିନ ହେବ ସେ ଏହି କଳା କାରନାମା କରି ଆସୁଥିବା ବେଳେ ତା' ନାଁରେ କୌଣସି ଯୁବତୀ ଅଭିଯୋଗ କରିନଥିଲେ। କଟକ ସାଇବର ଥାନାରେ ପୀଡ଼ିତା ନାବାଳିକାଙ୍କ ଭାଇ ଏତଲା ଦେବା ପରେ ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଥିଲା।

ଅନ୍ୟପଟେ ଅଭିଯୁକ୍ତ ବାବୁ କ୍ରୋଧରେ ପୀଡ଼ିତା, ତାଙ୍କ ମା' ଓ ଭଉଣୀଙ୍କର ଫଟୋ ଓ ଭିଡିଓକୁ ଏଆଇ ମାଧ୍ୟମରେ ଅଶ୍ଳୀଳ ଏଡିଟ୍ କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଆଇଆଇସି ସସ୍ମିତା ଖିଲାରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କୌଣସି ମହିଳା କିମ୍ବା ଯୁବତୀମାନେ ନିଜ ସୋସିଆଲ୍ ମଡିଆ ଆକାଉଣ୍ଟ୍‌କୁ ସୁରକ୍ଷିତ ରଖନ୍ତୁ। ଯିଏ କେହିବି ଯେମିତି ଫଟୋ ଡାଉନଲୋଡ୍ ନକରି ପାରିବ ତାହା ଉପରେ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

# ରାଜଗାଙ୍ଗପୁରରେ ଆଇପିଏଲ ସଟ୍ଟା ବେଟିଂ ରାକେଟ୍ ଠାବ

## ୨୩ ଲକ୍ଷ ଟଙ୍କା ସହ ୬ ମୋବାଇଲ ଜବତ; ୫ ଗିରଫ

ରାଉରକେଲା,୩।୫(ସମିସ): ଆଇପିଏଲ ପାଇଁ ସଟ୍ଟା ବଜାର ଗରମ ରହିଥିବା ବେଳେ ରବିବାର ଦିନ ରାଜଗାଙ୍ଗପୁର ପୁଲିସ ଏକ ବଡ଼ ଧରଣର ସଟ୍ଟା ରାକେଟ୍‌ର ଠାବ କରିଛି। ସୁନ୍ଦରଗଡ ଜିଲ୍ଲାର ରାଜଗାଙ୍ଗପୁରରେ ଚାଲିଥିବା ଏକ ବଡଧରଣର ଆଇପିଏଲ ବ୍ୟାଟିଂ ଉପରେ ପୁଲିସ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ମୋଟ ୨୩ ଲକ୍ଷ ୬୧ ହଜାର ୩୬୭ ଟଙ୍କା ଜବତ କରାଯାଇଥିବା ଜଣାପଡିଛି। ଗିରଫ ୫ ଦୁର୍ବୃତ୍ତ ହେଲେ ରାଉରକେଲା ବାସନ୍ତୀ କଲୋନୀର ରଂଜନ କୁମାର ସ'(୨୯), ରାଜଗାଙ୍ଗପୁର ଷ୍ଟେସନପଡାର ରାହୁଲ ସାହୁ(୩୨), ବଗିଚାପଡାର ସଂଜୟ ମିସ୍ତ୍ରୀ(୪୭), ରାଜଗାଙ୍ଗପୁର ମାଷ୍ଟର କଲୋନୀର ଉମେଶ ସିତା ଓରଫ ସୋନୁ (୪୧) ଏବଂ ରାଜଗାଙ୍ଗପୁର ରାମବାଗାନର ନିରଜ ସାହୁ (୩୫)। ଏହି ଘଟଣାରେ ପୁଲିସ ଗିରଫ ୫ ଜଣଙ୍କ ନିକଟରୁ ୬ଟି ମୋବାଇଲ ଫୋନ ଜବତ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୮ ତାରିଖରୁ ଆଇପିଏଲ କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ତେବେ ବର୍ଷ ବର୍ଷ ଧରି ଆଇପିଏଲ ବ୍ୟାଟିଂ କରି ଆସୁଥିବା କିଛି ପେଶାଦାର ଜୁଆଡି ଦୈନିକ ଲକ୍ଷ ଲକ୍ଷ ଟଙ୍କାର ଆଇପିଏଲ ବ୍ୟାଟିଂ କରି ଆସୁଥିଲେ। ସହରରେ ଏହି ବଡଧରଣର ଆଇପିଏଲ ସଟ୍ଟା ଚାଲୁଥିବା ନେଇ ଏକ



ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୁନ୍ଦରଗଡ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଆଜି ସଂଧ୍ୟାରେ ରାଜଗାଙ୍ଗପୁର ଥାନା ପୁଲିସ ଏହି ବଡଧରଣର ଚଢ଼ଉ କରିଥିଲା। ଏସପି ଶ୍ରୀମତୀ କୌରଙ୍କ ନିର୍ଦ୍ଦେଶ କ୍ରମେ ସବଇନ୍ସପେକ୍ଟର ଆର କେ ସେଠୀ, ଏସ୍‌ଆଇ ଏ. ବେହେରା, ଏଏସଆଇ ପିକେ ସେନାପତି, ଏଏସଆଇ ପି. ଧରୁଆଙ୍କୁ ନେଇ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଥିଲା। ରାଜଗାଙ୍ଗପୁର ସହରର ମିନି ଷ୍ଟାଡିୟମରେ କିଛି ଦୁର୍ବୃତ୍ତ ଆଇପିଏଲ ବେଟିଂ କରୁଥିବା ବେଳେ ଏହି ଏହି ସ୍କ୍ୱାର୍ଡ ଅତର୍କିତ ଚଢ଼ଉ କରିଥିଲେ ବୋଲି ଥାନା ପରିସରରେ ରାଜଗାଙ୍ଗପୁର ଏସ୍‌ଡିପିଓ ବିଭୁତିଭୂଷଣ ଭୋଇ ସୂଚନା ଦେଇଛନ୍ତି। ଏହି ଅବସରରେ ଆଇଆଇସି ବିଜୟ ଦାସ ଉପସ୍ଥିତ ଥିଲେ।

# ଜମି ଦେବା ନାଁରେ ୫୦ ଲକ୍ଷ ଠକେଇ; ମୁଖ୍ୟ ଅଭିଯୁକ୍ତ ଗିରଫ

ପୁରୀ,୩।୫(ସମିସ): ଜମି ଦେବାକୁ ପ୍ରତିଶ୍ରୁତି ଦେଇ ଜଣେ ମହିଳାଙ୍କଠାରୁ ୫୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ବାସେଳୀସାହି ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଲେ ମଙ୍ଗଳାଘାଟ ପାଇକସାହି ନ୍ୟୁ କଲୋନୀର ପ୍ରିୟରଞ୍ଜନ ଜେନା। ଅଭିଯୋଗ ଅନୁଯାୟୀ, ଗତ ମାସ ୧୦ ତାରିଖରେ ଟାଉନ ଥାନା ଅନ୍ତର୍ଗତ ଶ୍ୟାମକୁଞ୍ଜ ଲେନ୍‌ର ଅର୍ମିତା ସାମନ୍ତରାୟ ବାସେଳୀସାହି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ପ୍ରିୟରଞ୍ଜନ ଏକ ଜମି ତାଙ୍କ ନାମରେ କରିଦେବେ ବୋଲି କହିଥିଲେ। ଏହି ବିଶ୍ୱାସରେ ଅର୍ମିତା ବିଭିନ୍ନ ପର୍ଯ୍ୟାୟରେ ମୋଟ୍ ୫୦ ଲକ୍ଷ ଟଙ୍କା ପ୍ରିୟରଞ୍ଜନ ଓ ତାଙ୍କ ପରିବାର ସଦସ୍ୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଥିଲେ। ମାତ୍ର ଟଙ୍କା ପାଇବା ପରେ ସେମାନେ ନା ଜମି ଦେଲେ ନା ଟଙ୍କା ଫେରାଇଲେ। ଅଭିଯୋଗ ଆଧାରରେ ବାସେଳୀସାହି ଥାନାରେ ଏକ ମାମଲା (ନଂ୧୨୩/୨୬) ରୁଜୁ ହୋଇ ତଦନ୍ତ ଚାଲିଥିଲା। ତଦନ୍ତ ସମୟରେ ଅଭିଯୋଗକାରିଣୀଙ୍କୁ ୫୦ ଲକ୍ଷ ଟଙ୍କା ଠକିଥିବା ନେଇ ପ୍ରିୟରଞ୍ଜନ ବିରୋଧରେ ଯଥେଷ୍ଟ ପ୍ରମାଣ ମିଳିବାରୁ ପୁଲିସ ରବିବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୁରୀରେ ଜମିବାଡ଼ି ନାଁରେ ଠକେଇ ବଢୁଥିବାରୁ କୌଣସି କାରବାର ପୂର୍ବରୁ ଜମିର ସମସ୍ତ କାଗଜପତ୍ର ଯାଞ୍ଚ କରିବାକୁ ଓ ରେଜିଷ୍ଟ୍ରି ପୂର୍ବରୁ ବଡ଼ ଅଙ୍କର ଟଙ୍କା ନ ଦେବାକୁ ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ସଚେତନ କରାଯାଇଛି।

# 'ରେଙ୍ଗାଲି ଜଳଭଣ୍ଡାର ହେବ ମତ୍ସ୍ୟ ଚାଷର ପ୍ରୟୋଗଶାଳା'

କଣିହାଁ,୩।୫(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଳିସ୍ଥିତ ଓଏଚପିସି ଅତିଥି ଭବନ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଏମଏସଏମଇ ବିଭାଗର କାର୍ଯ୍ୟକାରିତା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇଥିଲେ। ରେଙ୍ଗାଳି ଜଳଭଣ୍ଡାରକୁ ମତ୍ସ୍ୟ ଚାଷର ପ୍ରମୁଖ କେନ୍ଦ୍ର ଭାବେ ବିକଶିତ କରିବା, କେଜ୍ କଲଚରର ସମ୍ପ୍ରସାରଣ, ପଶୁପାଳନର ବିକାଶ ଓ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ସ୍ଥାନୀୟ ରୋଜଗାର ସୃଷ୍ଟି ଉପରେ ବିଶେଷ ଆଲୋଚନା ହୋଇଥିଲା। ମନ୍ତ୍ରୀ ମଲ୍ଲିକ କହିଥିଲେ ଯେ ରେଙ୍ଗାଳି ଜଳଭଣ୍ଡାରକୁ ଆଗାମୀ ଦିନରେ ମତ୍ସ୍ୟ ଚାଷର



ପ୍ରୟୋଗଶାଳା ଭାବେ ଗଢ଼ି ତୋଳାଯିବ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ୪ଟି କେଜ୍ କଲଚର ଆରମ୍ଭ ହୋଇଛି। ପ୍ରତି କେଜ୍ କଲଚରର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ଓ ପ୍ରତିଟିରୁ ପ୍ରାୟ ୩୦ ଟନ ମାଛ ଉତ୍ପାଦନର ସମ୍ଭାବନା ରହିଛି। ଏହାକୁ ଆଧାର କରି ଆଗାମୀ ଦିନରେ ଆହୁରି ୧୨୬ଟି କେଜ୍ କଲଚର ନିର୍ମାଣ କରାଯିବା ସହ ଏହି ଅଞ୍ଚଳକୁ ଏକ ପ୍ରୟୋଗମୂଳକ କେନ୍ଦ୍ରରେ ପରିଣତ କରିବା ପାଇଁ ଯୋଜନା ରହିଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୨୬ କୋଟି ଟଙ୍କା ବ୍ୟୟ କରାଯିବାକୁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାସହ ରେଙ୍ଗାଳି ଓ ଗୁରୁଜାଙ୍ଗ ଅଞ୍ଚଳରେ ମାଛ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ବିଧାୟକ ମହାନ୍ତି ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ସମବାୟ ସମିତିଗୁଡ଼ିକୁ ଜାଲ, ମୋଟରଚାଳିତ ବୋଟ ଓ ଆଇସ ବକ୍ସ ଯୋଗାଇବାକୁ ମନ୍ତ୍ରୀ ଘୋଷଣା କରିଥିଲେ। ଏହି ପଦକ୍ଷେପ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ସହ ମତ୍ସ୍ୟ ଚାହିଦା ପୂରଣରେ ସହାୟକ ହେବ ବୋଲି ମନ୍ତ୍ରୀ କହିଥିଲେ। ମତ୍ସ୍ୟଚାଷୀମାନଙ୍କୁ ସମସ୍ତ ସରକାରୀ ସୁବିଧା ଠିକ୍ ସମୟରେ ଯୋଗାଇ ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଗାତରେ ପଡ଼ି ଜଣକର ମୃତ୍ୟୁ ଘଟିବା ଘଟଣା

# ଠିକାଦାରଙ୍କ ବିରୋଧରେ ମାମଲା ରୁଜୁ

କଟକ,୩।୫(ସମିସ): ପାଇପ ଲାଇନ୍ ଯୋଗେ ଗ୍ୟାସ୍ ଯୋଗାଣ କରୁଥିବା କମ୍ପାନୀର ବେପରୁଆ କାର୍ଯ୍ୟପାଇଁ ଗାତରେ ପଡ଼ି ଶଙ୍କରପୁର ନୂଆସାହିର ବାବୀନ୍ଦ୍ର ଗ୍ରହଚାର୍ଯ୍ୟଙ୍କ ମୃତ୍ୟୁ ଘଟିବା ଘଟଣାରେ ବାଦାମବାଡ଼ି ଥାନା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କାର୍ଯ୍ୟ କରୁଥିବା ଠିକାଦାର ତଥା ଖୋର୍ଦ୍ଧା ଜିଲ୍ଲାର ସୁଜିତ୍ ପାଇକରାୟଙ୍କ ବିରୋଧରେ ମାମଲା ରୁଜୁ କରିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବାବେଳେ ୨୪ଘଣ୍ଟା ମଧ୍ୟରେ ଥାନାରେ ହାଜର ହୋଇ କୈଫତ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଯୋଗ୍ୟ ଯେ, ବାଦାମବାଡ଼ି ଶୌଚଳାୟ ନିକଟରେ ପାଇପଲାଇନ ବିଛା କିମ୍ବା ମରାମତି ପାଇଁ ଏକ ବିରାଟ ଗାତ ଖୋଳାଯାଇଥିଲା, ହେଲେ କୌଣସି ପ୍ରକାର ନୀତିନିୟମ ପାଳନ କରାଯାଇ ନ ଥିଲା। ଗାତ ଚର୍ତୁଃପାର୍ଶ୍ୱରେ ସୁରକ୍ଷା ପାଇଁ କୌଣସି ପ୍ରକାର ଗାର୍ଡ ୱାଲର ବ୍ୟବସ୍ଥା କରାଯିବା ତ ଦୂରର କଥା ସୂଚନାଫଳକ ମଧ୍ୟ ଲଗାଯାଇ ନ ଥିଲା। ବର୍ଷାଯୋଗୁଁ ଗାତରେ ପାଣି ଭରପୁର ରହିଥିଲା। ଯାହାଫଳରେ ଗତ ୧ ତାରିଖ ବିଳମ୍ବିତ ରାତିରେ ବାବୀନ୍ଦ୍ର ବାଦାମବାଡ଼ିରୁ ଏହି ରାସ୍ତାଦେଇ ବାଇକ୍‌ରେ ଘରକୁ ଫେରଥିବା ବେଳେ ଗାତ ଭିତରେ ଗଳିପଡ଼ିଥିଲେ। ବାବୀନ୍ଦ୍ର ବହୁ ସମୟଧରି ଗାତରେ ପଡି ଛଟପଟ ହେବା ପରେ ବହୁ କଷ୍ଟରେ ତାଙ୍କୁ ଗାତରୁ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା, ହେଲେ ମୃତ୍ୟୁ ଘଟିସାରିଥିବା ନେଇ ଡାକ୍ତର ଘୋଷଣା କରିଥିଲେ।

# ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ; ଚାଳକ ଗିରଫ

କଟକ,୩।୫(ସମିସ): ସୋ'ରୁମ୍‌ରୁ ଯାଉଥିବା ଏକ ହାଇୱା ଧକ୍କାରେ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ଜ୍ୟୋତିରଞ୍ଜନ (୩୨)ଙ୍କ ମୃତ୍ୟୁ ଘଟିବା ଘଟଣାରେ ରବିବାର ଚାଳକକୁ ଗିରଫ କରିଛି ମଧୁପାଟଣା ଥାନା ପୁଲିସ। ଅଭିଯୁକ୍ତ ଜଣକ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ନବଦ୍ୱୀପ କୁମାର(୩୨)। ତାକୁ କୋର୍ଟଚାଲାଣ କରାଯାଇଛି।

ଶନିବାର ସନ୍ଧ୍ୟାରେ ଜ୍ୟୋତିରଞ୍ଜନ ନିଜ କର୍ମସଂସ୍ଥାରୁ ବାଇକ୍‌ରେ ଘରକୁ ଫେରୁଥିଲେ। ଏତିକି ବେଳେ ସମ୍ରାଟ୍ ସିନେମା ହଲ୍ ସମ୍ମୁଖରେ ପଛରୁ ଆସୁଥିବା ହାଇୱା ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ମେଡିକାଲ ନିଆଯାଇଥିଲା, ହେଲେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଚାଳକଜଣକ ସେଠାରୁ ଚମ୍ପଟ ମାରିଥିଲା। ପୁଲିସ ହାଇୱାକୁ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଆଜି ଫେରାର ଚାଳକ ନବଦ୍ୱୀପକୁ ଗିରଫ କରାଯାଇଥିଲା। ସୂଚନା ଯୋଗ୍ୟ ଯେ ଏହି ହାଇୱାଟି ଟାଟା ଜାମସେଦପୁର କାରଖାନାରୁ ବାହାରି ବେଙ୍ଗାଲୁରରେ ଥିବା ସୋ'ରୁମ୍‌କୁ ଯାଉଥିଲା।

# ଶିରିଡ଼ି ସାଇବାବାଙ୍କ ନୂତନ ମନ୍ଦିର ଉଦ୍‌ଘାଟିତ

ପୁରୀ,୩।୫(ସମିସ): ପୁରୀ ଷୋହଳ ଶାସନ ବୀରପୁରୁଷୋତ୍ତମପୁର ଶାସନ ଜାତୀୟ ରାଜପଥ ଯଶୁଆପୁର ମୌଜା ପାଶ୍ୱର୍ରେ ଶିରିଡ଼ି ସାଇବାବାଙ୍କ ନୂତନ ମନ୍ଦିର ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଗୁରୁଜୀ ଡ.



ଶତପଥୀ ରବିବାର ପୂର୍ବାହ୍ଣରେ ପହଞ୍ଚିବା ପରେ ଘଣ୍ଟ, ଘଣ୍ଟା ଓ ବାଦ୍ୟ ଧ୍ୱନି ମଧ୍ୟରେ ତାଙ୍କୁ ସ୍ୱାଗତ କରି ପାଛୋଟି ନିଆଯାଇଥିଲା। ପବିତ୍ର ବେଦମନ୍ତ୍ର ଧ୍ୱନି ମଧ୍ୟରେ ଗୁରୁଜୀ ପ୍ରଥମେ ଗଣେଶ ମନ୍ଦିରରେ ପୂଜାର୍ଚ୍ଚନା କରି ଉଦ୍‌ଘାଟନ କରିଥିଲେ। ଏହାପରେ ମନ୍ଦିର ପରିସରରେ ଶ୍ରୀ ଦତ୍ତାତ୍ରେୟ, ଗାୟତ୍ରୀ ଓ ଶିରିଡ଼ି ସାଇବାବାଙ୍କ ଭବ୍ୟ ମନ୍ଦିର ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ତିନିଦିନ ଧରି ମନ୍ଦିରରେ ବେଦ ପାଠୀ ବ୍ରାହ୍ମଣମାନଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଅନୁସାରେ ବିଧି ପୂର୍ବକ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଗୁରୁଜୀ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଏହି ଅବସରରେ ଗୁରୁଜୀ ପୂର୍ବରୁ ମନ୍ଦିର ପରିସରରେ ନିର୍ମିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ପରିଦର୍ଶନ କରିଥିଲେ। ସେଠାରେ ଶ୍ରଦ୍ଧାଳୁମାନେ ଗୁରୁଜୀଙ୍କ ଉପସ୍ଥିତିରେ ଶ୍ରୀଗୁରୁ ଭାଗବତ ପାଠ କରିଥିଲେ। ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ସରକାରୀ ଉଚ୍ଚ ପଦାଧିକାରୀ ଏବଂ ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନେ ଏହି ପବିତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗୁରୁଜୀ ତାଙ୍କର ଉଦ୍‌ବୋଧନରେ ମନ୍ଦିରର ରୀତିନୀତି ଏବଂ ସାମାଜିକ ସଂହତି ସ୍ଥାପନରେ ଏହାର ଦାୟିତ୍ୱବୋଧ ସମ୍ପର୍କରେ ସଚେତନ କରାଇଥିଲେ।

# ୧୧ ଚୋରି ଗାଡ଼ି ଉଦ୍ଧାର; ଜଣେ ଗିରଫ

ବ୍ରହ୍ମପୁର,୩।୫(ସମିସ): ଗାଡ଼ି ଚୋରକୁ ଧରି ୧୧ଟି ଚୋରି ଗାଡ଼ିକୁ ଉଦ୍ଧାର କରିଛି ବୈଦ୍ୟନାଥପୁର ଥାନା ପୁଲିସ। ଗିରଫ ଜଣକ ହେଲେ କେ .ନୂଆଗାଁ ଥାନା ଅନ୍ତର୍ଗତ ଗଡ଼ ସାନ୍ତରାପୁରର ବି.ସନ୍ତୋଷ ପାତ୍ର। ସେପଟେ ପୁଲିସ ଅଭିଯୁକ୍ତଠାରୁ ଉଦ୍ଧାର ହୋଇଥିବା ଗାଡ଼ିକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି। ଚଳିତ ମାସ ୧ତାରିଖରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶିବସାଇ ହସ୍ପିଟାଲରେ କାର୍ଯ୍ୟରତ ଥିବା ରଞ୍ଜିତା ପାତ୍ର ହସ୍ପିଟାଲ ବାହାରେ ରଖି ସ୍କୁଟି ରଖି ନିଜ କାର୍ଯ୍ୟ କରୁଥିଲେ। ଘରକୁ ଯିବା



ପାଇଁ ବାହାରିବା ବେଳକୁ ତାଙ୍କ ସ୍କୁଟି ହସ୍ପିଟାଲ ବାହାରୁ ଚୋରି ହୋଇଥିଲା। ସ୍କୁଟି ଚୋରି ହୋଇଥିବା ନେଇ ରଞ୍ଜିତା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରି କେ.ନୂଆଗାଁ ଥାନା ଅନ୍ତର୍ଗତ ଗଡ଼ ସାନ୍ତରାପୁରର ବି.ସନ୍ତୋଷ ପାତ୍ରଙ୍କୁ ପୋଲିସ ଗିରଫ କରିଥିଲା। ସନ୍ତୋଷକୁ ଅଧିକ ପଚରାଉଚୁରା କରିବା ପରେ ତାଙ୍କ ଠାରୁ ମୋଟ ୧୧ଟି ଗାଡ଼ିକୁ ଜବତ କରିଥିଲା ପୁଲିସ। ଆଜି ଗିରଫ ସନ୍ତୋଷକୁ କୋର୍ଟଚାଲାଣ କରିବା ସହ ବୈଦ୍ୟନାଥପୁର ଥାନାରେ ଜବତ ଗାଡ଼ିକୁ ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରିଛି ପୁଲିସ। ତେବେ ସନ୍ତୋଷ ବିଭିନ୍ନ ସ୍ଥାନରୁ ଗାଡ଼ି ଚୋରି କରିବା ପରେ ୫ ରୁ ୬ହଜାର ଟଙ୍କା ଭଳି ଅତି କମ ଦରରେ

**ପ୍ରକୃତ ମାଲିକକୁ ହସ୍ତାନ୍ତର ହେଲା ଉଦ୍ଧାର ଗାଡ଼ି**

ବିକ୍ରି କରି ଦେଉଥିଲେ। ସନ୍ତୋଷଙ୍କ ସମେତ ଆଉ କିଛି ଜଣ ଏହି ଗାଡ଼ି ଚୋରି ଘଟଣାରେ ସମ୍ପୃକ୍ତ ଥିବା ବେଳେ ସେମାନଙ୍କୁ ମଧ୍ୟ ଖୁବଶୀଘ୍ର ଗିରଫ କରାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବ୍ରହ୍ମପୁର ଅତିରିକ୍ତ ଏସପି ଆଲୋକ ଜେନା। ସାମ୍ବାଦିକ ସମ୍ମିଳନୀରେ ବେଳେ ଟାଉନ ଏସଡ଼ିପିଓ ପ୍ରିୟସ ରଞ୍ଜନ ଛୋଟରାୟ, ଥାନା ଅଧିକାରୀ ସୁବ୍ରତ କୁମାର ବେହୁରା, ଏଏସଆଇ ବିଜୟ କୁମାର ସୁନା ଶଗଡ଼ଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ପରିବହନ ବିଭାଗ କର୍ମଚାରୀଙ୍କ ଦାୟିତ୍ୱହୀନ କାର୍ଯ୍ୟ

# ପୁରୀ ଜିଲ୍ଲାରେ ଅଛି ଗାଡ଼ି; କୋରାପୁଟରେ କଟୁଛି ଚାଲାଣ

କୁଣ୍ଢେଇ,୩।୫(ସମିସ): ରାଜ୍ୟ ପରିବହନ ବିଭାଗର ଦାୟିତ୍ୱହୀନ ଯୋଗୁଁ ଅଯଥାରେ ଜଣେ ନିରୀହ ବ୍ୟକ୍ତି ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ ଜନୈକ ବ୍ୟକ୍ତିଙ୍କ ଗାଡ଼ି ଘରେ ଥିବାବେଳେ ହେଲ୍‌ମେଟ୍ ପିନ୍ଧି

- ଗୋଟିଏ ଗାଡ଼ିର ଫଟୋ ଉଠାଇ ଅନ୍ୟ ଗାଡ଼ି ନମ୍ବରରେ କାଟୁଛନ୍ତି ଚାଲାଣ
- ମାନସିକ ନିର୍ଯାତନା ଦେଉଛି କୋରାପୁଟ ଜିଲ୍ଲା ପରିବହନ ବିଭାଗ

ନ ଥିବା ନେଇ କୋରାପୁଟରେ ତାଙ୍କର ଚାଲାଣ କଟିଥିବା ମେସେଜ୍ ଆସିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କୋରାପୁଟ ପରିବହନ ବିଭାଗ, ପୁଲିସ, ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ମାସେ ବିତିଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରୁନାହିଁ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଜଣକ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୨୮ ତାରିଖ ରାତି ୮ଟା ୧୯ରେ ପୁରୀ ଜିଲ୍ଲା କାକଟପୁର ଥାନା ବାଜପୁର ଗ୍ରାମର ଅରୁଣ କୁମାର ପୃଷ୍ଟିଙ୍କ ଗାଡ଼ି ହିରୋ ମାଏଷ୍ଟ୍ରୋ (ଓଡି୦୨ ଡିସି ୧୫୩୪) ଘରେ ଥିବାବେଳେ ତାଙ୍କ ମୋବାଇଲକୁ ବିନା ହେଲ୍‌ମେଟରେ ଗାଡ଼ି ଚଳାଉଥିବା ଦର୍ଶାଇ କୋରାପୁଟ ପରିବହନ ବିଭାଗ ପକ୍ଷରୁ ୧୦୦୦ ଟଙ୍କା ଜରିମାନା ହୋଇଥିବା ମେସେଜ୍ ଆସିଥିଲା। ସେଦିନ ଘରେ ଗାଡ଼ି ଥାଇ କିପରି ଚାଲାଣ କଟିଲା ତା'ର ଡିଟେଲ୍ସ ବାହାର କରି ଜାଣିଲେ ଯେ, କୋରାପୁଟ



ଜିଲ୍ଲାର ଜୟପୁର ଥାନା ଅଧିକାରୀ ରୁଚିକାନ୍ତ ମହାକୁଡ଼ ଏକ ଗାଡ଼ି ହୁଣ୍ଡା ଏସ୍‌ପି ୧୨୫ରେ ଓଡି୦୨ଡିସି୧୫୩୪ର ଫଟୋ ଉଠାଇ ହିରୋ ମାଏଷ୍ଟ୍ରୋ ଗାଡ଼ିରେ ନଂ ଓଡି୦୨ଡି୧୫୩୪ ଉପରେ ଜରିମାନା ଧାର୍ଯ୍ୟ କରିଛନ୍ତି। ଏହା ଜାଣି ସେ ସଙ୍ଗେ ସଙ୍ଗେ କୋରାପୁଟ ପରିବହନ ଅଧିକାରୀ ରାଜେଶ ମାରାଣ୍ଡିଙ୍କ ମୋବାଇଲ୍‌କୁ ଯୋଗଯୋଗ କରି ସମାଧାନ କରିଦେବାକୁ ଶ୍ରୀ ପୃଷ୍ଟି ଅନୁରୋଧ କରିଥିଲେ। ଏହା ପରେ ତା' ପରଦିନ ଅର୍ଥାତ୍ ୨୯.୩.୨୦୨୬ରେ ପରିବହନ ବିଭାଗ ଆପ୍ ମାଧ୍ୟମରେ କ୍ଲରିକାଲ ତ୍ରୁଟି କାରଣରୁ ଗାଡ଼ି ନଂ ଓଡି୦୨ଡିସି୧୫୩୪ ପରିବର୍ତ୍ତେ "ସି' ଅକ୍ଷର ଛାଡ଼ି ଓଡି୦୨ଡି୧୫୩୪ ଉପରେ ଭୁଲ୍‌ବଶତଃ ଚାଲାଣ କଟିଥିବାରୁ ସମାଧାନ ପାଇଁ ଅଭିଯୋଗ କରି ଟିକଟ ନଂ ଇସି୨୬୨୯ୱାଇପି୪୭ୱାଇ୯ ପାଇଛନ୍ତି। ୩୧.୩.୨୦୨୬ ତାରିଖ ଦିନ ୧୧ଟା ୫୦ରେ ଜୟପୁର ଥାନାଧିକାରୀ ତାଙ୍କ ତରଫରୁ ଫୋନ୍ କରି ତୁରନ୍ତ ତ୍ରୁଟି ସମାଧାନ କରିଦେବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏକ ମାସରୁ ଊର୍ଦ୍ଧ୍ୱ ବିତିଗଲାଣି, ହେଲେ ସମାଧାନ ହୋଇନାହିଁ। ପୁନର୍ବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୋରାପୁଟ ଏବଂ କୋରାପୁଟ ପରିବହନ ଅଧିକାରୀଙ୍କୁ ମେଲ୍ କରି ଅଭିଯୋଗ କରାଯାଇଛି। ଏହାକୁ ୧ ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ କୋରାପୁଟ ପ୍ରଶାସନିକ ଅଧିକାରୀମାନେ ଜରିମାନା ଉଚ୍ଛେଦ କିମ୍ବା ସଂଶୋଧନ କରି ନ ଥିବାରୁ ଶ୍ରୀ ପୃଷ୍ଟି ମାନସିକ ଯନ୍ତ୍ରଣା ପାଉଛନ୍ତି। ଏହାର ବିଚାର କରି ତାଙ୍କ ଉପରେ ଧାର୍ଯ୍ୟ ବେଆଇନ ଜରିମାନା ତୁରନ୍ତ ଉଚ୍ଛେଦ କିମ୍ବା ସଂଶୋଧନ କରିବାକୁ ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଏବଂ ପରିବହନ ସଚିବଙ୍କୁ ସେ ଅନୁରୋଧ କରିଛନ୍ତି।

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୯୨ ● ପାଉଣ୍ଡ ୧୨୯.୧୯
- ୟୁରୋ ୧୧୦.୮୭ ● ୟେନ୍ ୦.୬୦

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୮,୩୫୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୯୧୩.୦୦
- ନିଫ୍ଟି ୨୩,୯୯୭.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଏଆଇରେ ପାଣି ପରି ଟଙ୍କା ଖର୍ଚ୍ଚ କରୁଛନ୍ତି କମ୍ପାନୀ

# ବିପୁଳ ନିବେଶ ସତ୍ତ୍ୱେ ରିଟର୍ଣ୍ଣ କମ୍

**ନୂଆଦିଲ୍ଲୀ,୩।୫(ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବଜାୟ ରଖିବା ପାଇଁ ଗୁଗୁଲ୍, ମାଇକ୍ରୋସଫ୍ଟ ଏବଂ ମେଟା ଭଳି ବିଶ୍ୱର ବଡ଼ ବଡ଼ ଟେକ୍ କମ୍ପାନୀଗୁଡ଼ିକ ମଧ୍ୟରେ ଏକ ପ୍ରତିଯୋଗିତା ତୀବ୍ର ହେବାରେ ଲାଗିଛି। କିନ୍ତୁ ବିଶେଷଜ୍ଞମାନେ ଏବେ ଚେତାବନୀ ଦେଇଛନ୍ତି ଯେ ଏହି ଦୌଡ଼ ଶୀର୍ଷରେ ପହଞ୍ଚିଛି। ଏହାର ପରିଣାମ କମ୍ପାନୀଗୁଡ଼ିକ ପାଇଁ ବିପର୍ଯ୍ୟୟ ଆଣିପାରେ। ଜେଫେରିଜ୍‌ର ଗ୍ଲୋବାଲ୍ ହେଡ୍ ଅଫ୍ ଇକ୍ୱିଟି ଷ୍ଟ୍ରାଟେଜି କ୍ରିଷ୍ଟୋଫର ଉଡ୍‌ଙ୍କ କହିବାନୁଯାୟୀ, ଏହି କମ୍ପାନୀଗୁଡ଼ିକର ଖର୍ଚ୍ଚ ସେମାନଙ୍କ ରାଜସ୍ୱ ଅପେକ୍ଷା ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯାହା ସେମାନଙ୍କର ନଗଦ ପ୍ରବାହ ଉପରେ ଯଥେଷ୍ଟ ଚାପ ପକାଉଛି।





ରିପୋର୍ଟ ଅନୁଯାୟୀ,ବିଶ୍ୱର ଚାରୋଟି ବଡ଼ ବଡ଼ ଆମେରିକୀୟ ଟେକ୍ କମ୍ପାନୀ ସେମାନଙ୍କର ରାଜସ୍ୱର ଅଧିକାଂଶ ଅର୍ଥ ଖର୍ଚ୍ଚ କରୁଛନ୍ତି। ୨୦୨୩ ରେ, ଏହି କମ୍ପାନୀଗୁଡ଼ିକ ସେମାନଙ୍କର ରାଜସ୍ୱର ୪୧% ଭିତ୍ତିଭୂମିରେ ଖର୍ଚ୍ଚ କରୁଥିଲେ, ଯାହା ୨୦୨୬ ସୁଦ୍ଧା ୯୨% କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏଥିମଧ୍ୟରୁ ପ୍ରାୟ ୩୦% କେବଳ ଚିପ୍ସ ଏବଂ ମେମୋରୀ କିଣିବାରେ ଯାଉଛି। ଏହାର ଅର୍ଥ ହେଉଛି କମ୍ପାନୀଗୁଡ଼ିକ ଯାହା ରୋଜଗାର କରନ୍ତି ତାହା ପ୍ରାୟ ସମସ୍ତ ଏଆଇ କୁ ବଞ୍ଚାଇ ରଖିବା ପାଇଁ ମେସିନ୍ ଏବଂ ହାର୍ଡୱେର୍ ଉପରେ ଖର୍ଚ୍ଚ ହେଉଛି। ଶ୍ରୀ ଉଡ୍ ବିଶ୍ୱାସ କରନ୍ତି ଯେ ଏଆଇ କ୍ଷେତ୍ର ଆଉ ଇଣ୍ଟରନେଟ୍ ପରି ଏକ ଅତ୍ୟନ୍ତ ଲାଭଦାୟକ ବ୍ୟବସାୟ ନୁହେଁ। ଏହା ଧୀରେ ଧୀରେ ଏୟାରଲାଇନ୍ସ ଶିଳ୍ପ ପରି ହେବାକୁ ଯାଉଛି, ଯେଉଁଠାରେ ନିବେଶ ଅଧିକ କିନ୍ତୁ ଲାଭ ବହୁତ କମ୍। ମାଇକ୍ରୋସଫ୍ଟ ଚଳିତ ବର୍ଷ ୧୯୦ ବିଲିୟନ ଡଲାର ଖର୍ଚ୍ଚ କରିବାକୁ ପ୍ରସ୍ତୁତ ହେଉଛି, ଯେତେବେଳେ କି ଆମାଜନ ୨୦୦ ବିଲିୟନ ଡଲାର ବଜେଟ୍ ସ୍ଥିର କରିଛି। ଗୁଗୁଲ୍ ଏବଂ ମେଟା ମଧ୍ୟ ସମାନ ରାସ୍ତାରେ ଅଛନ୍ତି, ଯାହା ଫଳରେ ନିବେଶକମାନେ ଏତେ ଟଙ୍କା ନିବେଶ କରିବା ପରେ ମଧ୍ୟ କେବେ ରିଟର୍ଣ୍ଣ ଦେଖିବେ ସେ ବିଷୟରେ ଚିନ୍ତିତ ଅଛନ୍ତି। ଚାଟ୍‌ଜିପିଟି ସମ୍ପର୍କରେ ବଜାର ଖବର ମଧ୍ୟ ଭଲ ନୁହେଁ। ରିପୋର୍ଟ ଅନୁଯାୟୀ, କମ୍ପାନୀ ଏହାର ବ୍ୟବହାରକାରୀ ଅଭିବୃଦ୍ଧି ଏବଂ ରାଜସ୍ୱ ଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଛି। ଏହା ଉଲ୍ଲେଖନୀୟ ଯେ ମାର୍ଚ୍ଚ ସୁଦ୍ଧା, ଜେନେରେଟିଭ୍ ଏଆଇ ବଜାରରେ ଚାଟଜିପିଟିର ଅଂଶ ୬୭.୪% ରୁ ହ୍ରାସ ପାଇ ୫୬.୭% ହୋଇଛି। ଏହି ସମୟରେ, ଗୁଗୁଲ୍‌ର ଜେମିନି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି, ଏହାର ବଜାର ଅଂଶ ୬% ରୁ ୨୫.୫% ବୃଦ୍ଧି କରିଛି। ଆନ୍ଥ୍ରୋପିକ୍ ଭଳି କମ୍ପାନୀଗୁଡ଼ିକ ମଧ୍ୟ ଏବେ ରାଜସ୍ୱ ଦୃଷ୍ଟିରୁ ଓପନଏଆଇକୁ କଠିନ ପ୍ରତିଯୋଗିତା ଦେଉଛି। ନିବେଶକମାନେ ମେଟା ବିଷୟରେ ସବୁଠାରୁ ଅଧିକ ଚିନ୍ତିତ କାରଣ, ଗୁଗୁଲ୍ ଏବଂ ମାଇକ୍ରୋସଫ୍ଟ ପରି ଏହାର କ୍ଲାଉଡ୍ ରାଜସ୍ୱର ସିଧାସଳଖ ଉତ୍ସ ନାହିଁ। ଏହା ବ୍ୟତୀତ, ଏଆଇ ଇକୋସିଷ୍ଟମରେ ପାଣ୍ଠି ପଦ୍ଧତି ବିଷୟରେ ପ୍ରଶ୍ନ ଉଠାଯାଉଛି। ଉଦାହରଣ ସ୍ୱରୂପ, ଏନ୍‌ଭିଡିଆଇ ଏବଂ ଓରାକଲ୍ ଭଳି କମ୍ପାନୀଗୁଡ଼ିକ ଓପନ୍‌ଏଆଇକୁ ପାଣ୍ଠି ପ୍ରଦାନ କରୁଛନ୍ତି। ଓପନ୍‌ଏଆଇ ସେହି କମ୍ପାନୀଗୁଡ଼ିକରୁ କମ୍ପ୍ୟୁଟିଂ ଶକ୍ତି କିଣିବା ପାଇଁ ସମାନ ଟଙ୍କା ବ୍ୟବହାର କରୁଛି।

### ୯୦% ରାଜସ୍ୱ କେବଳ ଏଆଇରେ ବ୍ୟୟ
### ବିଶେଷଜ୍ଞ କଲେଣି ଚିନ୍ତା ପ୍ରକଟ

## ଆଜି ଆସିବ ୫ ରାଜ୍ୟ ନିର୍ବାଚନ ଫଳାଫଳ

# ସଟ୍ଟା ବଜାରରେ ୨୪୭ କୋଟି ବାଜି

**ନୂଆଦିଲ୍ଲୀ,୩।୫(ଏଜେନ୍ସି):** ପଶ୍ଚିମବଙ୍ଗ ସମେତ ପାଞ୍ଚଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନର ଫଳାଫଳ ମେ' ୪ରେ ଆସିବାକୁ ଯାଉଛି। ଭୋଟ ଗଣତି ସୋମବାର ହେବ। ମଧ୍ୟାହ୍ନ ସୁଦ୍ଧା କେଉଁ ରାଜ୍ୟରେ କେଉଁ ଦଳ ସରକାର ଗଠନ କରିବ ତାହା ପ୍ରାୟତଃ ସ୍ପଷ୍ଟ ହୋଇଯିବ। ତଥାପି, ଏହି ବିଧାନସଭା ନିର୍ବାଚନର ଫଳାଫଳ ପୂର୍ବରୁ ସ୍ୱୟଂ ବଜାର ଗରମ। ଏଥିରେ ପଲିମାର୍କେଟ୍ ଚର୍ଚ୍ଚାକୁ ଆସିଛି। ଏହା ରାଜସ୍ଥାନର ଫାଲୋଦି ସଟ୍ଟା ବଜାରକୁ ପଛରେ ପକାଇଦେଇଛି। ବିଜନେସ୍ ଟୁଡେ ଅନୁଯାୟୀ, ଆମେରିକା-ଭିତ୍ତିକ ପୂର୍ବାନୁମାନ ପ୍ଲାଟଫର୍ମ ପଲିମାର୍କେଟ୍ ଉପରେ ପ୍ରାୟ ୨୬ ନିୟୁତ ଡଲାର (ପ୍ରାୟ ୨୪୭ କୋଟି ଟଙ୍କା)ର ବାଜି ଲାଗିଛି। ନିର୍ବାଚନ ଫଳାଫଳ ପୂର୍ବରୁ ଭାରତର ପାରମ୍ପରିକ ଫାଲୋଦି ସଟ୍ଟା ବଜାର ସର୍ବଦା ଖବରରେ ରହିଥିଲା। କିନ୍ତୁ ଏଥର, ପଲିମାର୍କେଟ୍ ଏହାର ଡିଜିଟାଲ୍ ଏବଂ ବିଶ୍ୱସ୍ତରୀୟ ଉପସ୍ଥିତି ଯୋଗୁଁ ଅନ୍ୟ ସବୁକୁ ପଛରେ ପକାଇଦେଇଛି।





ଏଠାରେ ସୂଚନାଯୋଗ୍ୟ ଯେ, ପଲିମାର୍କେଟ୍ ହେଉଛି ଏକ ବିକେନ୍ଦ୍ରୀକୃତ ପୂର୍ବାନୁମାନ ବଜାର ଯାହା ୨୦୨୦ ମସିହାରେ ଆରମ୍ଭ ହୋଇଥିଲା। ଏଠାରେ, ଲୋକମାନେ କ୍ରିପ୍ଟୋକରେନ୍ସି ବ୍ୟବହାର କରି ବାସ୍ତବ-ବିଶ୍ୱ ଘଟଣା (ଯେପରିକି ନିର୍ବାଚନ, ଯୁଦ୍ଧ ହାର କିମ୍ବା ଯୁଦ୍ଧ) ର ଫଳାଫଳ ଉପରେ କାରବାର କରିଥାନ୍ତି। ଏଠାରେ, ବ୍ୟବହାରକାରୀମାନେ ଏକ ପ୍ରଶ୍ନର 'ହଁ' କିମ୍ବା 'ନା' ଉତ୍ତରରେ ସେୟାର କିଣନ୍ତି। ସେୟାରଗୁଡ଼ିକର ମୂଲ୍ୟ ଶୂନ ଡଲାରରୁ ୧ ଡଲାର ମଧ୍ୟରେ ରଖାଯାଇଛି। ଯଦି କୌଣସି ଦଳର 'ହଁ' ଅଂଶଧନର ମୂଲ୍ୟ ୦.୬୫ ଡଲାର ହୁଏ, ତେବେ ବଜାରରେ ବିଜୟର ସମ୍ଭାବନା ୬୫% ଆକଳନ କରେ। ଯଦି ଏହା ହୁଏ ତେବେ ଅଂଶଧନର ମୂଲ୍ୟ ୧ ଡଲାର ହୋଇଯାଏ। ନଚେତ୍, ଏହା ଶୂନ୍ୟ ହୋଇଯାଏ। ପଲିମାର୍କେଟ ତଥ୍ୟ ଅନୁଯାୟୀ, ବିଭିନ୍ନ ରାଜ୍ୟ ଉପରେ ବଡ଼ ପରିମାଣର ଅର୍ଥ ବାଜି ଲାଗିଛି। ତାମିଲନାଡୁର ଫଳାଫଳ ଉପରେ ସର୍ବାଧିକ ୨୦ ନିୟୁତ ଡଲାର(୧୯୦ କୋଟି ଟଙ୍କା)ରୁ ଅଧିକ ବାଜି ଲାଗିଛି। ସେହିପରି ପଶ୍ଚିମବଙ୍ଗ ଉପରେ ୫ ନିୟୁତ ଡଲାର(୫୩ କୋଟି ଟଙ୍କା, କେରଳ ଉପରେ ୪ ଲକ୍ଷ ଡଲାର, ଆସାମ ୧,୮୦,୦୦୦ ଡଲାର ଏବଂ ପୁଡୁଚେରୀ ପାଇଁ ପ୍ରାୟ ୧୯,୦୦୦ ଡଲାର ବାଜି ଲାଗିଛି।

### ତାମିଲନାଡୁ ଉପରେ ସର୍ବାଧିକ ୧୯୦ କୋଟି ବାଜି

## ମଧ୍ୟପ୍ରାଚ୍ୟ ସଙ୍କଟ

# ମହଙ୍ଗା ହେବ ସ୍ମାର୍ଟଫୋନ୍

**ନୂଆଦିଲ୍ଲୀ,୩।୫(ଏଜେନ୍ସି):** ମଧ୍ୟ ପ୍ରାଚ୍ୟ ସଙ୍କଟର ପ୍ରଭାବ ଏବେ ମୋବାଇଲ୍ ଫୋନ୍ ବଜାର ଉପରେ ପଡିଛି। ବାକୁ ଯାଉଛି। ବୈଶ୍ୱିକ ଯୋଗାଣ ଜନିତ ସଙ୍କଟ ଏବଂ ମେମୋରୀ ଚିପ୍‌ର ଅଭାବ ଯୋଗୁ ସ୍ମାର୍ଟଫୋନ୍ ଉପଲବ୍ଧତାରେ ସମସ୍ୟା ଦେଖାଦେଇଛି। ଅପରପକ୍ଷେ ଏଆଇ ଟେକ୍ନୋଲୋଜିର ବଢୁଥିବା ଚାହିଦା ଯୋଗୁ ସ୍ମାର୍ଟଫୋନ୍ ଶିଳ୍ପର ଖର୍ଚ୍ଚ ବଢ଼ିଛି। ଏଥରେ ବଡ଼ ସ୍ମାର୍ଟଫୋନ୍ କମ୍ପାନୀ ସେମାନଙ୍କର ଲୋକପ୍ରିୟ ମଡେଲର ଦାମ୍ ବଢ଼ାଇଦେଇଛନ୍ତି। ଏଥିରେ ଓ୍ୱାନ୍‌ପ୍ଲସ, ରିଅଲ୍‌ମି, ରେଡମୀ ଏବଂ ନଥିଂ ଭଳି ବ୍ରାଣ୍ଡ ସାମିଲ। ମୂଲ୍ୟ ବୃଦ୍ଧିର ସିଧା ପ୍ରଭାବ ଗ୍ରାହକଙ୍କ ପକେଟ ଉପରେ ପଡୁଛି।



ସୂଚନାନୁଯାୟୀ, ବର୍ତ୍ତମାନ ବିଶ୍ୱ ବଜାରରେ ବର୍ତ୍ତମାନ ଡିଆରଏଏମ ଏବଂ ନାଣ୍ଡ ଷ୍ଟୋରେଜ ଭଳି ଜରୁରୀ ଉପକରଣର ଅଭାବ ଦେଖିବାକୁ ମିଳିଛି। ଏଆଇର ବଢୁଥିବା ଚାହିଦା ଯୋଗୁ ଟେକ୍ କମ୍ପାନୀଗୁଡିକ ଡାଟା ସେଣ୍ଟର ପାଇଁ ବଡ଼ ଆକାରରେ ରାମ୍ ଏବଂ ଜିପିୟୁ କିଣୁଛନ୍ତି। ଏଥିରେ ମେମୋରୀ ନିର୍ମାତା ହାଇ ବ୍ୟାଣ୍ଡୱିଡ୍‌ଥ ମେମୋରୀ ଉତ୍ପାଦନ ଉପରେ ଧ୍ୟାନ ଦେଉଛନ୍ତି। ଫଳରେ ସ୍ମାର୍ଟଫୋନ କମ୍ପାନୀଙ୍କ ପାଇଁ ଜରୁରୀ ଉପକରଣ ମହଙ୍ଗା ହୋଇଛି। ଉତ୍ପାଦନ ଖର୍ଚ୍ଚ ବଢ଼ିଲେ ତାହାର ପ୍ରଭାବ ରିଟେଲ ମୂଲ୍ୟ ଉପରେ ପଡ଼ିଥାଏ। ଏହି କାରଣରୁ ଭାରତରେ ସ୍ମାର୍ଟଫୋନ୍ ମୂଲ୍ୟ କ୍ରମାଗତ ଭାବେ ବଢୁଛି। ସେପଟେ ବିଶେଷଜ୍ଞଙ୍କ ମତରେ ମେମୋରୀ ଚିପ୍ ଅଭାବ ଏବଂ ଏଆଇ ହାର୍ଡଓ୍ୱେୟାର ଚାହିଦା ବର୍ତ୍ତମାନ କମ୍ ହେବ ନାହିଁ। ଏମିତିରେ ଆଗାମୀ ସମୟରେ ଅନ୍ୟ ବ୍ରାଣ୍ଡଗୁଡ଼ିକ ମଧ୍ୟ ଦାମ୍ ବଢ଼ାଇପାରନ୍ତି। ବିଶେଷକରି ପର୍ବପର୍ବାଣୀ ପୂର୍ବରୁ ବଜାରରେ ନୂଆ ମୂଲ୍ୟରେ ମୋବାଇଲ୍ ଦେଖିବାକୁ ମିଳିପାରେ।

### ଦାମ୍ ବଢ଼ାଇଲେ ମୋବାଇଲ୍ କମ୍ପାନୀ

## ନୂଆ ପରିବେଶ ନିୟମ

# ୨୫,୦୦୦ କୋଟି କ୍ଷତି ସହିପାରେ ଅଟୋମୋବାଇଲ ଶିଳ୍ପ

**ନୂଆଦିଲ୍ଲୀ,୩।୫(ଏଜେନ୍ସି):** ଭାରତୀୟ ଅଟୋମୋବାଇଲ ଶିଳ୍ପ ସମ୍ପ୍ରତି ଏକ ନୂଆ ଆହ୍ୱାନର ସମ୍ମୁଖୀନ ହେବାକୁ ଯାଉଛି। କାରଣ ସରକାର ଆଣୁଥିବା ନୂଆ ପରିବେଶ ନିୟମ ଅଟୋ କମ୍ପାନୀଗୁଡ଼ିକର ଲାଭକୁ ବିଶେଷ ଭାବରେ ପ୍ରଭାବିତ କରିପାରେ। ଆକଳନ କରାଯାଉଛି ଯେ ଅଟୋମୋବାଇଲ୍ କ୍ଷେତ୍ର ୨୦୨୫-୨୬ ଆର୍ଥିକବର୍ଷରେ ୨୫,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ସହିପାରେ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଜାନୁଆରୀ ୨୦୨୫ରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏଣ୍ଡ ଅଫ୍ ଲାଇଫ୍ ଭେଇକିଲ୍ (ଇଏଲଭି) ରୁଲ୍ସ ୨୦୨୫ ଲାଗୁ କରିଥିଲା। ଏବେ, ଏହି ନିୟମଗୁଡ଼ିକ ଅଟୋମୋବାଇଲ ଶିଳ୍ପର ଲାଭ ଉପରେ ଏକ ବଡ଼ ପ୍ରଭାବ ପକାଇପାରେ।

ଏଣ୍ଡ ଅଫ୍ ଲାଇଫ୍ ଭେଇକିଲ୍ ନିୟମ ପୁରୁଣା ଏବଂ ଖରାପ ଯାନଗୁଡ଼ିକର ଠିକଣା ଲଗାଇବାକୁ ଆପଣାଯାଇଛି। କିନ୍ତୁ ଏହି ନିୟମର ଏକ ନିର୍ଦ୍ଦିଷ୍ଟ ପ୍ରାବଧାନ ରୁଲ୍‌୪(୬) ପାଇଁ ଅଟୋ କମ୍ପାନୀଗୁଡ଼ିକର ଚିନ୍ତା ବଢ଼ିଯାଇଛି। ଏହି ନିୟମ ଅନୁଯାୟୀ, ଯଦିଓ କୌଣସି ଯାନ ନିର୍ମାତା ଉତ୍ପାଦନ ବନ୍ଦ କରନ୍ତି, ତଥାପି ତାକୁ ପୂର୍ବରୁ ବିକ୍ରି ହୋଇସାରିଥିବା କମ୍ପାନୀ ଯାନ ପାଇଁ ଇପିଆର୍ ଆବଶ୍ୟକତା ପୂରଣ କରିବାକୁ ପଡିବ। ଏହାର ଅର୍ଥ ହେଉଛି କମ୍ପାନୀଗୁଡ଼ିକୁ ପୁରୁଣା ଯାନଗୁଡ଼ିକର ନିଷ୍କାସନ ଏବଂ ସମ୍ବନ୍ଧିତ ଖର୍ଚ୍ଚର ଦାୟିତ୍ୱକୁ ପ୍ରାଥମିକତା ଦେବାକୁ ପଡିବ। ଏହି ନିୟମ କାରଣରୁ କମ୍ପାନୀଗୁଡ଼ିକ ଉପରେ ଇଣ୍ଡଏଏସ୍ ୩୭ ଲାଗୁ ହୋଇଯିବ। ଏହି ନିୟମ ଅନୁଯାୟୀ, କମ୍ପାନୀଗୁଡ଼ିକୁ ଗତ କିଛି ବର୍ଷ ମଧ୍ୟରେ ବିକ୍ରି ହୋଇଥିବା ଯାନବାହନ ପାଇଁ ସମ୍ଭାବ୍ୟ ଖର୍ଚ୍ଚ ହିସାବ କରି ଏବେ ପାଣ୍ଠି ସଂରକ୍ଷଣ କରିବାକୁ ପଡିବ। ଏହା ଘରୋଇ ଯାନବାହନ ପାଇଁ ୨୦ ବର୍ଷ ଏବଂ ବାଣିଜ୍ୟିକ ଯାନବାହନ ପାଇଁ ୧୫ ବର୍ଷ ପର୍ଯ୍ୟନ୍ତ ରହିବ। ଏଥିପାଇଁ କମ୍ପାନୀଗୁଡ଼ିକୁ ଏକ ବଡ଼ ପରିମାଣର ପାଣ୍ଠି ନିଜପାଖରେ ରଖିବାକୁ ପଡିବ, ତେଣୁ କମ୍ପାନୀମାନଙ୍କର ବର୍ତ୍ତମାନର ଲାଭକୁ ହ୍ରାସ କରିବ।

ଅଟୋମୋବାଇଲ ଶିଳ୍ପର ଆକଳନ ଅନୁଯାୟୀ, ଏଥିଯୋଗୁ ମୋଟ ସମ୍ଭାବ୍ୟ ପ୍ରଭାବ ପ୍ରାୟ ୨୫,୦୦୦ କୋଟି ଟଙ୍କା ହୋଇପାରେ, ଯେଉଁଥିରେ ଚାରି ଚକିଆ କମ୍ପାନୀଗୁଡ଼ିକ ପାଇଁ ପ୍ରାୟ ୧୪,୬୨୩ କୋଟି ଟଙ୍କା ଏବଂ ଦୁଇ ଏବଂ ତିନି ଚକିଆ କମ୍ପାନୀଗୁଡ଼ିକ ପାଇଁ ପ୍ରାୟ ୯,୬୫୦ କୋଟି ଟଙ୍କାର ପ୍ରଭାବ ପଡ଼ିପାରେ। ଅଟୋ ଶିଳ୍ପ ସଂଗଠନ (ସିଆମ୍) ସରକାରଙ୍କୁ ଏହି ନିୟମ ସଂଶୋଧନ କରିବାକୁ ଅନୁରୋଧ କରିଥିଲା। ସେମାନେ ପରାମର୍ଶ ଦେଇଥିଲେ ଯେ ନିୟମ ୪(୬) ସ୍ପଷ୍ଟ କରାଯିବା ଉଚିତ ଯାହା ଦ୍ୱାରା କମ୍ପାନୀଗୁଡ଼ିକୁ ଏକାଥରେ ଏତେ ବଡ଼ ବ୍ୟବସ୍ଥା କରିବାକୁ ପଡ଼ିବନାହିଁ। ତଥାପି ମାର୍ଚ୍ଚ ୨୦୨୬ରେ ଜାରି ହୋଇଥିବା ସଂଶୋଧନରେ ଏହି ନିୟମକୁ ପରିବର୍ତ୍ତନ କରାଯାଇନାହିଁ।

# ଫୋନ୍‌ପେ'ର ପଞ୍ଜିକୃତ ମର୍ଚ୍ଚାଣ୍ଟ ସଂଖ୍ୟା ୫ କୋଟି ଟପିଲା

**ମୁମ୍ବଇ, ୩।୫:** ଫୋନ୍‌ପେ ପ୍ଲାଟ୍‌ଫର୍ମରେ ପଞ୍ଜିକୃତ ମର୍ଚ୍ଚାଣ୍ଟଙ୍କ ସଂଖ୍ୟା ଏପ୍ରିଲ ୨୮ ୨୦୨୬ ସୁଦ୍ଧା ୫୦ ନିୟୁତ(୫ କୋଟି) ଅତିକ୍ରମ କରିଛି। କ୍ଷୁଦ୍ର ବ୍ୟବସାୟଗୁଡିକ ପାଇଁ ଡିଜିଟାଲ ମାଧ୍ୟମକୁ ସୁଗମ କରିବା କ୍ଷେତ୍ରରେ ବହୁବର୍ଷର ନିରନ୍ତର ପ୍ରୟାସ ଯୋଗୁଁ ଏହି ସଫଳତା ମିଳିଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ସଫଳତା ଭାରତୀୟ ଅର୍ଥନୀତିରେ ଜାରି ରହିଥିବା ଡିଜିଟାଲୀକରଣ କ୍ଷେତ୍ରରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳନ କରୁଛି। ଫୋନପେ ବିଜ୍‌ନେସ୍ ଆପ ମର୍ଚ୍ଚାଂଟମାନଙ୍କୁ ସେମାନଙ୍କର ପେମେଣ୍ଟ ଓ କାର୍ଯ୍ୟ ପରିଚାଳନାକୁ ସହଜ କରିବାରେ ସାହାଯ୍ୟ କରିବା ସହ ଋଣ, ସ୍ମାର୍ଟସ୍ପିକର ଓ ପିଓଏସ ଡିଭାଇସ ଭଳି ଅନ୍ୟାନ୍ୟ ବ୍ୟବସାୟିକ ସେବା ଗ୍ରହଣ କରିବାରେ ସାହାଯ୍ୟ କରୁଛି। ଏହି ଆଭିମୁଖ୍ୟ ସହିତ କମ୍ପାନୀର କ୍ଷୁଦ୍ର ବିକ୍ରେତା ନେଟ୍‌ୱର୍କ, ଚ୍ୟାନେଲ ପାର୍ଟନର ଏଜେଣ୍ଟ ଓ ସ୍ଥାନୀୟ ଭାଷାରେ ସହାୟତା ଯୋଗୁଁ ଏହି ପ୍ଲାଟଫର୍ମ ଭାରତର ଲୋକଙ୍କ ହୃଦୟ ଜିତିପାରିଛି। ଏଥିସହିତ ଫୋନ୍‌ପେ ଦୂରଦୂରାନ୍ତର ଲୋକଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ପ୍ରୋତ୍ସାହିତ କରିବା ପାଇଁ ଭାରତର ୯୮%ରୁ ଅଧିକ ପିନ୍‌କୋଡ୍‌ରେ ନିଜର ଉପସ୍ଥିତି ସୁଦୃଢ କରିଛି।





# ବୀମା କ୍ଷେତ୍ରରେ ୧୦୦% ଏଫ୍‌ଡିଆଇକୁ କେନ୍ଦ୍ରର ଅନୁମତି

**ନୂଆଦିଲ୍ଲୀ,୩।୫(ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ବୀମା କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ)କୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏହି ଅନୁଯାୟୀ, ବିଦେଶୀ ନିବେଶକମାନେ ଏବେ ଅଟୋମେଟିକ ରୁଟ୍ ଜରିଆରେ ଭାରତୀୟ ବୀମା କମ୍ପାନୀଗୁଡ଼ିକରେ ପୂର୍ଣ୍ଣ ଅଂଶଧନ ହାସଲ କରିପାରିବେ। ହେଲେ ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପାଇଁ ନିବେଶ ସୀମାକୁ ସରକାର ୨୦% ରଖିଛନ୍ତି।





ସରକାରୀ ବିଜ୍ଞପ୍ତି ଅନୁଯାୟୀ, ବୀମା କ୍ଷେତ୍ରରେ ବିଦେଶୀ ନିବେଶ ୧୯୩୮ ର ବୀମା ଆଇନର ବ୍ୟବସ୍ଥା ଅନୁଯାୟୀ ହେବ। ନିବେଶ ଗ୍ରହଣ କରୁଥିବା କମ୍ପାନୀଗୁଡ଼ିକୁ ବୀମା ଏବଂ ସମ୍ବନ୍ଧିତ କାର୍ଯ୍ୟକଳାପ କରିବା ପାଇଁ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏଆଇ) ଠାରୁ ଆବଶ୍ୟକୀୟ ଲାଇସେନ୍ସ କିମ୍ବା ଅନୁମୋଦନ ନେବାକୁ ପଡିବ। ନିୟମଗୁଡ଼ିକ ମଧ୍ୟରେ ଏହା ବି ରହିଛି ଯେ ବିଦେଶୀ ନିବେଶ ଗ୍ରହଣ କରୁଥିବା ଭାରତୀୟ ବୀମା କମ୍ପାନୀର ବୋର୍ଡ ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକ (ଏମଡି) କିମ୍ବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ମଧ୍ୟରୁ ଅତି କମ୍‌ରେ ଜଣେ ଭାରତୀୟ ନାଗରିକ ହେବା ଆବଶ୍ୟକ। ଏଥିରେ ସରକାର ଏଲଆଇସି ପାଇଁ ଏକ ଭିନ୍ନ ଢାଞ୍ଚା ପ୍ରସ୍ତୁତ କରିଛନ୍ତି। ଅଟୋମେଟିକ ରୁଟରେ ଏଲଆଇସିରେ ବିଦେଶୀ ନିବେଶର ସର୍ବାଧିକ ସୀମା ୨୦% ରହିବ।

### ଏଲ୍‌ଆଇସି ପାଇଁ ନିବେଶ ସୀମା ୨୦%

# କାଳବୈଶାଖୀ ପରେ ଭୁବନେଶ୍ୱର ଓ କଟକରେ ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପିତ

**ଭୁବନେଶ୍ୱର, ୩।୫ (ସମିସ):** ଆଜି ଅପରାହ୍ନ ଓ ସନ୍ଧ୍ୟା ସମୟରେ ହୋଇଥିବା କାଳବୈଶାଖୀ ବର୍ଷା ଏବଂ ପ୍ରବଳ ପବନ ଯୋଗୁଁ ଭୁବନେଶ୍ୱର ଏବଂ କଟକର କିଛି ଅଞ୍ଚଳରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଥିଲା। ତେବେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ୍) ପକ୍ଷରୁ ଅତି ଶୀଘ୍ର ପଦକ୍ଷେପ ନିଆଯାଇ ବିଦ୍ୟୁତ ସଂଯୋଗକୁ ସଫଳତାର ସହ ସ୍ୱାଭାବିକ କରାଯାଇଛି। ଏହି କାଳବୈଶାଖୀ ସମୟରେ ପବନର ବେଗ ଘଣ୍ଟା ପ୍ରତି ପ୍ରାୟ ୪୮.୫ କିମିରେ ରହିଥିଲା। ବିଦ୍ୟୁତ ତାର ଉପରେ ଗଛର ଡାଳ, ବ୍ୟାନର, ହୋର୍ଡିଂ ଏବଂ ଅନ୍ୟାନ୍ୟ ଜିନିଷ ପଡ଼ିଯିବା କାରଣରୁ ବିଭିନ୍ନ ଅଞ୍ଚଳରେ ସାମୟିକ ଭାବେ ବିଦ୍ୟୁତ ସେବା ବନ୍ଦ ରହିଥିଲା।



ଏହାର ତୁରନ୍ତ ସମାଧାନ ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଜରୁରୀକାଳୀନ ରେସପନ୍ସ,ଟିମ୍, କ୍ଷେତ୍ର କର୍ମଚାରୀ ଏବଂ ପ୍ରୋଜେକ୍ଟ ଟିମକୁ ପ୍ରଭାବିତ ଅଞ୍ଚଳରେ ନିୟୋଜିତ କରାଯାଇଥିଲା। ସମସ୍ତଙ୍କ ସମନ୍ୱିତ ପ୍ରୟାସ ଫଳରେ ସନ୍ଧ୍ୟା ୭ଟା ସୁଦ୍ଧା ସମସ୍ତ ୩୩ କେଭି ଫିଡର ଏବଂ ରାତି ୯ଟା ସୁଦ୍ଧା ସମସ୍ତ ୧୧ କେଭି ଫିଡରକୁ କାର୍ଯ୍ୟକ୍ଷମ କରାଯାଇ ବିଦ୍ୟୁତ ସେବାକୁ ସ୍ୱାଭାବିକ କରାଯାଇଥିଲା। ସୁରକ୍ଷା ନିୟମକୁ ପାଳନ କରିବା ସହ ଟିପିସିଓଡିଏଲର ଲାଇନମ୍ୟାନ ଏବଂ ରକ୍ଷଣାବେକ୍ଷଣ କର୍ମଚାରୀମାନେ ଅତି କମ ସମୟ ମଧ୍ୟରେ ବିଭିନ୍ନ ପ୍ରତିବନ୍ଧକକୁ ହଟାଇ ବିଦ୍ୟୁତ ଯୋଗାଣ ପୁନଃସ୍ଥାପିତ କରିବା ପାଇଁ ନିରନ୍ତର ଭାବେ କାର୍ଯ୍ୟ କରିଥିଲେ।

# ଭାରତୀୟ ସେୟାର ବଜାରକୁ ପଛରେ ପକାଇଲା ଏନ୍‌ଭିଡିଆ

**ମୁମ୍ବଇ, ୩।୫ (ଏଜେନ୍ସି):** ବିଶ୍ୱବ୍ୟାପୀ ଚାଲିଥିବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବିପ୍ଳବ ମଧ୍ୟରେ ଆମେରିକାର ଚିପ୍ ନିର୍ମାତା ଏନ୍‌ଭିଡିଆ ଏକ ଅବିଶ୍ୱସନୀୟ ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛି। ବର୍ତ୍ତମାନ ଏହି କମ୍ପାନୀର ବଜାର ପୁଞ୍ଜି ଭାରତର ସମସ୍ତ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ମୋଟ ବଜାର ମୂଲ୍ୟକୁ ଅତିକ୍ରମ କରିଯାଇଛି। ବ୍ଲୁମବର୍ଗ ତଥ୍ୟ ଅନୁଯାୟୀ, ଏନ୍‌ଭିଡିଆର ଏହି ଦବଦବା ଭାରତୀୟ ନିବେଶକଙ୍କ ପାଇଁ ଚିନ୍ତାର ବିଷୟ ହୋଇପାରେ।

ଶୁକ୍ରବାର ସେୟାର ବଜାରରେ କାରବାର ଆରମ୍ଭ ସମୟରେ ଏନ୍‌ଭିଡିଆର ବଜାର ମୂଲ୍ୟ ୪.୯୧ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ଅପରପକ୍ଷରେ, ଗୁରୁବାର ବଜାର କାବରାର ବନ୍ଦ ସମୟରେ ଭାରତର ସମୁଦାୟ ବଜାର ମୂଲ୍ୟ ୪.୮୮ ଟ୍ରିଲିୟନ ଡଲାର ରହିଥିଲା। ଅର୍ଥାତ୍ ଭାରତର ସମସ୍ତ କମ୍ପାନୀଙ୍କୁ ମିଶାଇଲେ ମଧ୍ୟ ଏନଭିଡିଆ ଏକାକୀ ସେମାନଙ୍କଠାରୁ ଅଧିକ ମୂଲ୍ୟବାନ। ମାତ୍ର ଦୁଇ ବର୍ଷ ପୂର୍ବେ ଏନ୍‌ଭିଡିଆର ବଜାର ମୂଲ୍ୟ ୨ ଟ୍ରିଲିୟନ ଡଲାର ରହିଥିଲା। ଏଆଇ ଚିପ୍‌ର ଚାହିଦା ବୃଦ୍ଧି ଯୋଗୁଁ ମାତ୍ର ୨୪ ମାସ ମଧ୍ୟରେ ଏହାର ମୂଲ୍ୟ ଦୁଇଗୁଣରୁ ଅଧିକ ବୃଦ୍ଧି ପାଇଛି। ୨୦୨୩ରେ ପ୍ରଥମ କମ୍ପାନୀ ଭାବେ ଏହା ୧ ଟ୍ରିଲିୟନ ଡଲାର ବଜାର ପୁଞ୍ଜି ଛୁଇଁଥିଲା। ଏହାପରେ ଚଳିତବର୍ଷ ପ୍ରାରମ୍ଭରେ ହିଁ ୪ ଟ୍ରିଲିୟନ ଏବଂ ଅକ୍ଟୋବର ୨୯ରେ ୫ ଟ୍ରିଲିୟନ ଡଲାର ମୂଲ୍ୟର ବିଶ୍ୱର ପ୍ରଥମ କମ୍ପାନୀ ହେବାର ଗୌରବ ହାସଲ କରିଥିଲା। ଗତ ସପ୍ତାହରେ ଏନ୍‌ଭିଡିଆର ବଜାର ମୂଲ୍ୟ ୫.୩ ଟ୍ରିଲିୟନ ଡଲାର ପର୍ଯ୍ୟନ୍ତ ଯାଇଥିଲା। ମାର୍ଚ୍ଚ ମାସରେ ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ସାଣ୍ଟା କ୍ଲାରା ସ୍ଥିତ ଏହି କମ୍ପାନୀ ପୁଣି ଥରେ ଦ୍ରୁତ ଗତିରେ ଉପରକୁ ଉଠିଛି।

ସେପ୍ଟେମ୍ବର ୨୦୨୪ ସୁଦ୍ଧା ଭାରତୀୟ ବଜାରର ମୂଲ୍ୟାୟନ ବହୁତ ଅଧିକ ରହିଥିଲା। ଏହା ବିଦେଶୀ ନିବେଶକଙ୍କୁ ଅନ୍ୟ ଶସ୍ତା ବଜାର ଆଡ଼କୁ ଆକୃଷ୍ଟ କରିଥିଲା। ବିଦେଶୀ ନିବେଶକମାନେ ଭାରତରୁ ବହୁ ପରିମାଣର ପାଣ୍ଠି ପ୍ରତ୍ୟାହାର କରିବା ଏବଂ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଇବା ଫଳରେ ଭାରତର ବଜାର ପୁଞ୍ଜି ୫.୯ ଟ୍ରିଲିୟନ ଡଲାରରୁ ଖସି ଆସିଛି। ସେହି ସମୟରେ ସେନ୍‌ସେକ୍ସ ୮୬,୦୦୦ ପଏଣ୍ଟ ସ୍ତର ଅତିକ୍ରମ କରିଥିଲା। ବିଶ୍ୱର ଚିପ୍ ବଜାରରେ ଏନ୍‌ଭିଡିଆର ଏହି ଏକଚାଟିଆ ପ୍ରଭାବ ଏକ ନୂଆ ସମୀକରଣ ସୃଷ୍ଟି କରିଛି।





### ବଜାର ମୂଲ୍ୟ ୪.୯୧ ଟ୍ରିଲିୟନ ଡଲାର
### ଘରୋଇ ପୁଞ୍ଜି ବଜାରର ମୂଲ୍ୟ ୪.୮୮ ଟ୍ରିଲିୟନ ଡଲାର



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଲୋକସମ୍ପର୍କ ବୃଦ୍ଧି ପାଇବ। ଧର୍ମକର୍ମ ପ୍ରତି ମନ ବଳିପାରେ। ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଅନୁକୂଳ ସମୟ।

**ବୃଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ପରିବାର ଲୋକଙ୍କ ସହିତ ହସଖୁସିର ସମୟ ବିତାଇବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ:** ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ସକାରାତ୍ମକ ଚିନ୍ତାଧାରାରୁ ଦିନ ଆରମ୍ଭ କରନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ।

**ସିଂହ:** ଦିନଟି ମଜାମସ୍ତିରେ ଅତିବାହିତ ହେବ। ଅତିଥି ସତ୍କାର କରିପାରନ୍ତି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ।

**କନ୍ୟା:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଅଯଥା ଖର୍ଚ୍ଚ ବଢ଼ିପାରେ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ତୁଳା:** ଅଚାନକ ଖୁସି ଖବର ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କର୍ମଚାରୀଙ୍କ ସହଯୋଗ ମିଳିପାରେ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଯୋଜନା ମୁତାବକ କାମ କରନ୍ତୁ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ମାନସିକ ଶାନ୍ତି ପାଇଁ ଯୋଗ ବା ପ୍ରାଣାୟମ କରନ୍ତୁ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୮୫୪- ଭାରତର ପ୍ରଥମ ଡାକଟିକଟ୍ ଔପଚାରିକ ଭାବେ ଜାରି କରାଗଲା।
- ୧୯୨୪- ପ୍ୟାରିସ୍‌ରେ ଅଷ୍ଟମ ଅଲିମ୍ପିକ୍ ଖେଳର ଶୁଭାରମ୍ଭ।
- ୧୯୫୯ - ପ୍ରଥମ ଗ୍ରାମୀ ପୁରସ୍କାରର ଆୟୋଜନ।
- ୧୯୭୯ - ମାର୍ଗାରେଟ୍ ଥାଚର ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ହେଲେ।
- ୧୯୮୩- ଚୀନ୍ ପରମାଣୁ ପରୀକ୍ଷା କଲା।
- ୨୦୦୭- ବ୍ୟାଙ୍କକ୍‌ରେ ଗ୍ଲୋବାଲ ୱାର୍ମିଂ ଉପରେ ବୈଠକ ଶେଷ ହେଲା।

# ଜୁନ୍ ୪ରେ ଆସିବନି 'ଟକ୍ସିକ୍'



'କେଜିଏଫ୍' ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍: ଏ ଫ୍ୟାରି ଟେଲ୍ ଫର୍ ଗ୍ରୋନ୍‌ଅପ୍ସ'କୁ ଅନେକ ଦିନରୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ପ୍ରଥମେ ଏହି ଫିଲ୍ମ ୧୯ ମାର୍ଚ୍ଚରେ ରିଲିଜ୍ ହେବ ବୋଲି ଘୋଷଣା କରାଯାଇଥିଲା। 'ଧୁରନ୍ଧର: ଦ ରିଭେଞ୍ଜ' ସେହିଦିନ ମୁକ୍ତିଲାଭ କରୁଥିବା ଜାଣି ଫିଲ୍ମ ନିର୍ମାତା ଏହାର ରିଲିଜ୍‌କୁ ଘୁଞ୍ଚାଇ ଦେଇଥିଲେ। ଏହାପରେ ଏହା ଜୁନ୍ ୪ରେ ଆସିବ ବୋଲି ଘୋଷଣା କରାଗଲା। ହେଲେ ଏବେ ଏହି ଫିଲ୍ମ ଜୁନ୍ ୪ରେ ବି ଆସିବ ନାହିଁ ବୋଲି ଫିଲ୍ମ ନିର୍ମାତା ଘୋଷଣା କରିଛନ୍ତି। ଗ୍ଲୋବାଲ ଡିଷ୍ଟ୍ରିବ୍ୟୁସନ୍‌କୁ ଆଖି ଆଗରେ ରଖି ଫିଲ୍ମର ରିଲିଜ୍‌କୁ ଘୁଞ୍ଚାଇ ଦିଆଗଲା ବୋଲି 'ଟକ୍ସିକ୍' ଟିମ୍ ପକ୍ଷରୁ କୁହାଯାଇଛି। ତେବେ ଫିଲ୍ମର ଟିଜର୍‌କୁ ଜବରଦସ୍ତ ରେସ୍‌ପନ୍ସ ମିଳିବା ସତ୍ତ୍ୱେ ନିର୍ମାତା ବାରମ୍ବାର ରିଲିଜ୍ ଡେଟ୍ ବଦଳାଉଥିବାରୁ ଯଶ୍‌ଙ୍କ ପ୍ରଶଂକମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଶ୍ ଏନେଇ କହିଛନ୍ତି, 'ଟକ୍ସିକ୍'ର ସୁଟିଂ ସରି ଯାଇଛି। ଏବେ ଆମେ ଏହାର ଗ୍ଲୋବାଲ ଡିଷ୍ଟ୍ରିବ୍ୟୁସନ୍ ଓ ପାର୍ଟନରସିପ୍ ଉପରେ କାମ କରୁଛୁ। ସେଥିପାଇଁ ଏହାର ରିଲିଜ୍‌କୁ ଆଗକୁ ଘୁଞ୍ଚାଇବାକୁ ପଡ଼ିଲା।' 'ଟକ୍ସିକ୍'ର ନିର୍ଦ୍ଦେଶନା ଦାୟିତ୍ୱରେ ଗୀତୁ ମୋହନଦାସ ଅଛନ୍ତି। ଏଥିରେ ଯଶ୍‌ଙ୍କ ସହ ନୟନତାରା, କିଆରା ଆଡଭାନୀ, ତାରା ସୂତାରିଆ, ହୁମା କ୍ୟୁରୋସୀ, ରୁକ୍ମଣୀ ବସନ୍ତ ପ୍ରମୁଖ ନଜର ଆସିବେ।



# ୪୪ ବର୍ଗଫୁଟର ଘର
# ଭଡ଼ା ମାସିକ ଲକ୍ଷେ ଟଙ୍କା

ଆଜିକାଲି ସମୟରେ ବଡ଼ ବଡ଼ ସହରରେ ଘର ଭଡ଼ା ନେବା ଏକ ବଡ଼ ସମସ୍ୟା ରୂପେ ଦେଖାଯାଇଛି। ମାତ୍ରାଧିକ ଘରଭଡ଼ା ସହ ମାଲିକମାନଙ୍କର ବିଭିନ୍ନ ପ୍ରକାରର କଟକଣା ଯୋଗୁଁ ଭଲ ଘରଟିଏ ଖୋଜି ପାଇବା କଷ୍ଟକର ହୋଇପଡୁଛି। ଏଭଳି ଏକ ଅଜବ ଘଟଣା ଏବେ ନ୍ୟୁୟର୍କ ସହରରେ ଦେଖିବାକୁ ମିଳିଛି। ନ୍ୟୁୟର୍କରେ ଜଣେ ମହିଳା ୪୪ ବର୍ଗଫୁଟର ଏକ ଛୋଟ ଘରେ ରହିବାକୁ ମାସକୁ ଲକ୍ଷେ ଟଙ୍କା ଭଡ଼ା ଆକାରରେ ଦେଉଛନ୍ତି। ତେବେ ସେ ରହୁଥିବା ଘରଟି ଏତେ ଛୋଟ ଯେ, ଏଥିରେ ରୋଷେଇ ଘର କି ଶୌଚାଳୟ ମଧ୍ୟ ନାହିଁ। ମହିଳାଙ୍କ ଏହି ଛୋଟ ଘରର ଭିଡିଓକୁ ଲୋକପ୍ରିୟ ଇନ୍‌ଫ୍ଲୁଏନ୍ସର କାଲେବ ସିମ୍ପସନ୍ ସେୟାର କରିଛନ୍ତି। ଭିଡିଓରେ ମହିଳା ଜଣକ ସେ ରହୁଥିବା ୪୪ ବର୍ଗଫୁଟର ଘରଟିକୁ ଦେଖାଉଛନ୍ତି। ଘରଟି ଏତେ ଛୋଟ ଯେ, ଏଠାରେ ଜଣେ ବ୍ୟକ୍ତି ନିଜର ଦୁଇ ହାତ ମେଲାଇ ଏହାର ଚଉଡ଼ାକୁ ମାପି ପାରିବେ। ତେବେ ଏହି କୋଠରୀରେ ମହିଳା ଜଣକ ନିଜର ଅତ୍ୟାବଶ୍ୟକୀୟ ସାମଗ୍ରୀ ଟିଭି, ଡ୍ରେସିଂ ଟେବୁଲ୍, ପୋଷାକ, କ୍ୟାଲେଣ୍ଡର ଆଦି ସବୁକୁ ବେଶ୍ ବ୍ୟବସ୍ଥିତ କରି ରଖିଛନ୍ତି। ଏହା ସହ ଘରକୁ ଆକର୍ଷଣୀୟ ଲୁକ୍ ଦେବାକୁ ସେ କାନ୍ଥରେ ପୋଷ୍ଟର୍ ସହ ବିଭିନ୍ନ ସାଜସଜ୍ଜା ଜିନିଷ ଲଗାଇଛନ୍ତି। ମହିଳା ଜଣକ ନିଜର ଏହି ଛୋଟିଆ ଘରେ ବେଶ୍ ଖୁସି ଥିବାର ଦେଖିବାକୁ ମିଳିଛି। ଶୋଇବା ପାଇଁ ସେ ଲଫ୍ଟ ବେଡ୍‌ର ବ୍ୟବସ୍ଥା କରିଛନ୍ତି। ବେଡ୍ ଉପରକୁ ଯିବା ପାଇଁ ଏକ ସିଡ଼ି ଲଗାଇଛନ୍ତି। ସବୁଠୁ ବଡ଼ ସମସ୍ୟା ହେଉଛି, ତାଙ୍କ ଘରେ ଶୌଚାଳୟ କି ରୋଷେଇ ଘର ନାହିଁ କେବଳ ଛୋଟିଆ ସିଙ୍କ୍‌ଟିଏ ରହିଛି। ସେଥିପାଇଁ ମହିଳା ଜଣକ ଅନ୍ୟ ପାଞ୍ଚଜଣକ ସହ ମିଶି ଏକ ଶୌଚାଳୟ ବ୍ୟବହାର କରନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ଏହି ଘର ଭାଇରାଲ ହେବା ପରେ ଏଥିରେ ଅନେକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି। କେହି କେହି ଏତେ ଛୋଟ ଘର ପାଇଁ ଏତେ ଟଙ୍କା ଭଡ଼ା ନେବା ଭୁଲ୍ ବୋଲି କହିଥିବାବେଳେ କେହି କେହି ଏହାକୁ ଷ୍ଟୋର ରୁମ୍, ଜେଲ କୋଠରି କହିବାକୁ ପଛାଇ ନଥିଲେ। ବିଶ୍ୱରେ ବଡ଼ ବଡ଼ ସହରରେ ରହିବା କେତେ ମହଙ୍ଗା ଏବଂ ଆହ୍ୱାନପୂର୍ଣ୍ଣ ହୋଇଥାଏ ତାହା ଏହି ଘଟଣା ପ୍ରମାଣିତ କରିଛି।

# ଡାଇପର୍ ପିନ୍ଧୁଛି କୁକୁଡ଼ା



ଭଲପାଇବା, ସ୍ନେହ, ଆଦର କିଏ ବା ନ ଖୋଜେ। ମଣିଷ ହୁଅନ୍ତୁ କି ପଶୁପକ୍ଷୀ ସମସ୍ତେ ସେଥିରେ ବନ୍ଧା। ପଶୁପକ୍ଷୀଙ୍କୁ ଯିଏ ସ୍ନେହରେ ଆଉଁଶି ଦିଏ, କୋଳେଇ ନିଏ ସେମାନେ ପୂରା ତା'ର ହୋଇଯାଆନ୍ତି। ଏପରିକି ତାକୁ ପୋଷିଥିବା ମାଲିକ ଉପରକୁ କିଛି ବିପଦ ଆସିଲେ ନିଜ ଜୀବନ ଦେବାକୁ ବି ପଛାନ୍ତି ନାହିଁ। ଠିକ୍ ସେମିତି ଅନେକ ମଣିଷ ଅଛନ୍ତି, ଯାହାଙ୍କ ପାଇଁ ନିଜ ପୋଷା ପ୍ରାଣୀ ଜୀବନ ପାଲଟି ଯାଇଛନ୍ତି। ପାଶ୍ଚାତ୍ୟ ଦେଶଗୁଡ଼ିକରେ ଅନେକ ଲୋକ ସେମାନଙ୍କର ପୋଷା ଜୀବଙ୍କ ନାମରେ କୋଟି କୋଟି ଟଙ୍କାର ସମ୍ପତ୍ତି କରି ଦେଇଥିବାର ନଜିର ମଧ୍ୟ ରହିଛି। ହେଲେ ଏବେ ଚୀନ୍‌ରେ ଲୋକେ କୁକୁର, ବିଲେଇ ଆଦି ବଦଳରେ କୁକୁଡ଼ାକୁ ଘରେ ପୋଷା ଜୀବଭାବେ ପାଳୁଥିବାର ଦେଖାଯାଇଛି। ଏହି କୁକୁଡ଼ାମାନଙ୍କୁ ସେମାନେ ନିଜ ସନ୍ତାନ ଭଳି ପାଳୁଛନ୍ତି। ସେମାନଙ୍କୁ ପୋଷାକ ପିନ୍ଧାଇବା ସହ ଷ୍ଟ୍ରୋଲରରେ ବସାଇ ମଲ୍, ପାର୍କ ଆଦିକୁ ବୁଲାଇବା ପାଇଁ ନେଉଛନ୍ତି। ଅନେକ କୁକୁଡ଼ାକୁ ଟୋପି, ଜୋତା, ସ୍କାର୍ଫ ଆଦି ପିନ୍ଧାଉଥିବାର ମଧ୍ୟ ଦେଖାଯାଉଛି। ଏପରିକି ଘରକୁ ସଫାସୁତୁରା ରଖିବା ପାଇଁ କୁକୁଡ଼ାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ଡାଇପର୍ ପିନ୍ଧାଉଛନ୍ତି। ଏହାବାଦ୍ କୁକୁର ବା ବିଲେଇ ତୁଳନାରେ କୁକୁଡ଼ା ପାଳିବା ବହୁତ ଶସ୍ତା ବୋଲି ଏଠାକାର ଲୋକେ ଭାବୁଛନ୍ତି। ଏନେଇ ଘରେ କୁକୁଡ଼ା ରଖିଥିବା ଅଗୁଆ ନାମକ ଜଣେ ବ୍ୟକ୍ତିଙ୍କ କହିବା କଥା, 'ଏମାନଙ୍କ ଖାଦ୍ୟ ବାବଦରେ ମାସକୁ ପ୍ରାୟ ୩୫୦-୪୦୦ ଟଙ୍କାରୁ କମ୍ ଖର୍ଚ୍ଚ ହୋଇଥାଏ। ଏହାବାଦ୍ ଏମାନଙ୍କର ଚିକିତ୍ସା ଖର୍ଚ୍ଚ ମଧ୍ୟ ବହୁତ କମ୍। କୁକୁରଙ୍କ ପରି କୁକୁଡ଼ା ଦେହରୁ ଲୋମ ଝଡ଼େ ନାହିଁ କି ଗନ୍ଧ ହୁଏନାହିଁ। ତେଣୁ ଆପାର୍ଟମେଣ୍ଟଗୁଡ଼ିକରେ କୁକୁଡ଼ା ରଖିବା ସହଜ ହୋଇଥାଏ।' ଏଠାରେ ଅଧିକାଂଶ ଲୋକେ ଏବେ ଘରେ କୁକୁଡ଼ା ରଖୁଥିବାରୁ ଏହାର ମାଂସ ଆଉ ଖାଇବାକୁ ଚାହୁଁନାହାନ୍ତି। ଚୀନ୍ ଲୋକେ ଏବେ କେବଳ କୁକୁଡ଼ା ନୁହେଁ ସାପ, ପୋକଜୋକକୁ ମଧ୍ୟ ଘରେ ପୋଷାଜୀବ ଭାବେ ରଖୁଥିବାର ଦେଖାଯାଉଛି।

## ଆସ୍ଥା

# ଗରୁଡ଼ ଘଣ୍ଟିର ମହତ୍ତ୍ୱ



**ସନାତନ ଧର୍ମରେ ପୂଜାପାଠ ସମୟରେ ଘଣ୍ଟି ବଜାଇବାକୁ ଶୁଭ ବୋଲି କୁହାଯାଏ। ତେବେ ମନ୍ଦିରରେ ବଡ଼ ଘଣ୍ଟି ଥିବା ବେଳେ ଘରେ ଛୋଟ ଘଣ୍ଟିରେ ପୂଜା କରାଯାଏ। ଏହି ଘଣ୍ଟି ବେଣ୍ଟର ଉପରି ଭାଗରେ ଭଗବାନ ଗରୁଡ଼ଙ୍କ ଆକୃତି ଥାଏ। ଏହାକୁ ଗରୁଡ଼ ଘଣ୍ଟି ବୋଲି କୁହାଯାଏ।**

କୁହାଯାଏ, ଘଣ୍ଟିରୁ ବାହାରୁଥିବା ତରଙ୍ଗ ଘରର ନକାରାତ୍ମକ ଶକ୍ତି ଏବଂ ବାସ୍ତୁ ଦୋଷ ଦୂର କରିବାରେ ସହାୟକ ହୁଏ। ସେହିପରି ଘଣ୍ଟି ବାଦନ ଦ୍ୱାରା ଦେବୀ ଦେବତା ଜାଗ୍ରତ ହୁଅନ୍ତି। ଘଣ୍ଟିର ମଧୁର ଧ୍ୱନି ମନକୁ ଶାନ୍ତ କରେ ଏବଂ ପୂଜାରେ ମନ ଲଗାଇବାରେ ସାହାଯ୍ୟ କରେ। ଏହା ଦ୍ୱାରା ଅବସାଦ ହ୍ରାସ ପାଏ। ଗରୁଡ଼ ଭଗବାନ ହେଲେ ବିଷ୍ଣୁ ଭଗବାନଙ୍କ ପ୍ରିୟ। ଯେଉଁ ଘରେ ଗରୁଡ଼ ଘଣ୍ଟି ବାଜେ, ସେଠାରେ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କ ବାସ ହୋଇଥାଏ। ସୁଖ ସମୃଦ୍ଧି ବୃଦ୍ଧି ପାଏ। ଶାସ୍ତ୍ରରେ ଘଣ୍ଟି ମୁଖ୍ୟତଃ ଚାରିପ୍ରକାରର ବୋଲି କୁହାଯାଇଛି। ସେହିପରି ଗରୁଡ଼ ଘଣ୍ଟିକୁ ହାତରେ ବଜାଯାଏ। ଏହା ଘର ପୂଜା ଲାଗି ଅତ୍ୟନ୍ତ ଶୁଭ। ସକାଳେ ଓ ସନ୍ଧ୍ୟାରେ ଠାକୁରଙ୍କ ଆରତି ବେଳେ ଘଣ୍ଟିକୁ ନିହାତି ବଜାଇବା ଦରକାର। ପୂଜା ଆରମ୍ଭ କରିବା ବେଳେ ଏହାକୁ ବଜାଇବା ଶୁଭ। ଗରୁଡ଼ ଘଣ୍ଟି ସବୁବେଳେ ପିତ୍ତଳ କିମ୍ବା ଭଲ ଧାତୁର ହେବା ଉଚିତ। ଏହାକୁ ସବୁବେଳେ ପରିଷ୍କାର ରଖିବା ଉଚିତ। ଏହାକୁ ଭୂମି ଉପରେ ନ ରଖି, କୌଣସି କପଡ଼ା କିମ୍ବା ଷ୍ଟାଣ୍ଡ ଉପରେ ରଖିବା ଉଚିତ।

# ଦାନର ନିୟମ

**ସନାତନ ଧର୍ମରେ ଦାନର ମହତ୍ତ୍ୱ ଖୁବ୍ ବେଶି। କୌଣସି ମାଙ୍ଗଳିକ କାର୍ଯ୍ୟ କରିବା ପରେ, ପୂଜା କରିବା ପରେ ତଥା ବ୍ରତର ସଂକଳ୍ପ ପୂରା କରିବା ପରେ ଦାନ କରିବାର ନିୟମ ଅଛି। ଦାନକୁ ସବୁଠୁ ବଡ଼ ଧର୍ମ ବୋଲି କୁହାଯାଏ। ଶାସ୍ତ୍ର ଅନୁସାରେ, ଠିକ୍ ସମୟରେ, ଠିକ୍ ଜିନିଷ, ଠିକ୍ ପାତ୍ରଙ୍କୁ ଦାନ କରିବା ଦ୍ୱାରା ଅନେକ ଜନ୍ମର ପୁଣ୍ୟ ଫଳ ପ୍ରାପ୍ତି ହୁଏ। ସେହିପରି ଗାଈ, ସ୍ୱର୍ଣ୍ଣ, ରୁପା, ରତ୍ନ, ବିଦ୍ୟା, ରାଶି, କନ୍ୟା, ହାତୀ, ଘୋଡ଼ା, ବିଛଣା, ବସ୍ତ୍ର, ଭୂମି, ଅନ୍ନ, ଦୁଗ୍ଧ ଛତା ଏବଂ ଜରୁରି ଜିନିଷ ସହିତ ଗୃହ ଦାନକୁ ମହାଦାନ ବୋଲି କୁହାଯାଏ। ମହାଦାନ ଦ୍ୱାରା ଅକ୍ଷୟ ଫଳ ପ୍ରାପ୍ତି ହୁଏ ଏବଂ ଜୀବନର ସମସ୍ତ କଷ୍ଟ ଦୂର ହୋଇଥାଏ। ତେବେ ଦାନକୁ ନେଇ କ'ଣ ନିୟମ ରହିଛି, ସେ ସମ୍ପର୍କରେ ଜାଣିବା।**



- ସ୍ତ୍ରୀ, ପୁତ୍ର ଓ ପରିବାରକୁ ଦୁଃଖରେ ରଖି ଦାନ କରିବା ଅନୁଚିତ। ଦାନ ନେଉଥିବା ଲୋକ ପାଇଁ ଏହା ସବୁବେଳେ ଦୁଃଖଦାୟୀ ହୋଇଥାଏ।
- ଯଦି କେହି ଗାଈ, ବ୍ରାହ୍ମଣ ଏବଂ ରୋଗୀଙ୍କୁ ଦାନ କରନ୍ତି ଏବଂ କେହି ତାଙ୍କୁ ଦାନ ନ କରିବାକୁ ପରାମର୍ଶ ଦିଅନ୍ତି, ତେବେ ଏପରି ବ୍ୟକ୍ତି ଦୁଃଖର ଶିକାର ହୋଇଥାନ୍ତି।
- ରାଶି, କୁଶ, ଚାଉଳ , ଜଳ ସବୁବେଳେ ହାତରେ ଧରି ଦାନ କରିବା ଉଚିତ। ନଚେତ ଏମିତି ଦାନରେ ଦୈତ୍ୟର ଅଧିକାର ରହେ।
- ପିତୃପୁରୁଷଙ୍କୁ ରାଶିଏବଂ ଦେବତାଙ୍କୁ ଚାଉଳ ଦାନ କରିବା ଉଚିତ।
- ଦାନ ଦେଉଥିବା ବ୍ୟକ୍ତି ପୂର୍ବାଭିମୁଖୀ ଏବଂ ଦାନ ନେଉଥିବା ଲୋକ ଉତ୍ତରାଭିମୁଖୀ ହେବା ଉଚିତ। ଏହା ଦ୍ୱାରା ଦାନ କରୁଥିବା ବ୍ୟକ୍ତିଙ୍କ ଆୟୁ ବଢ଼େ ଏବଂ ଦାନ ନେଉଥିବା ଲୋକଙ୍କ ଆୟୁ କମେନି।
- ବସ୍ତ୍ର, ବିଛଣା, ଅନ୍ନ, ଜଳ, ଘୋଡ଼ା, ଗାଈ ଏବଂ ଆସନ ଦାନ କରୁଥିବା ଲୋକଙ୍କୁ ମୃତ୍ୟୁ ପରେ କଷ୍ଟ ହୋଇ ନ ଥାଏ।
- ରୋଗୀଙ୍କ ସେବା, ଦେବତାଙ୍କ ପୂଜା, ବ୍ରାହ୍ମଣଙ୍କ ପାଦ ଧୋଉଥିବା ବ୍ୟକ୍ତିଙ୍କୁ ଗୋଦାନ ଫଳ ପ୍ରାପ୍ତି ହୁଏ।
- ଅନାଥ, ମୂକ, ବଧିର, ଦୃଷ୍ଟିବାଧିତ, ନିର୍ଦ୍ଧନ, ଦିବ୍ୟାଙ୍ଗ ଏବଂ ରୋଗୀ ସେବା ଲାଗି ଧନ ଦାନ ଦ୍ୱାରା ବିଶେଷ ପୁଣ୍ୟ ପ୍ରାପ୍ତି ହୁଏ।
- ବିଦ୍ୟାହୀନ ବ୍ରାହ୍ମଣଙ୍କୁ କେବେ ବି ଦାନ ଦେବା ଅନୁଚିତ।

# ହାତ, ପାଦରେ ଥିବା ଶୁଭ ଚିହ୍ନ

**ସାମୁଦ୍ରିକ ଶାସ୍ତ୍ର ଅନୁସାରେ, ଶରୀରରେ ଥିବା କିଛି ଚିହ୍ନ ଅନେକ କିଛି ଜଣାଏ। ହାତ ତଥା ପାଦରେ ଥିବା କିଛି ଚିହ୍ନ ବ୍ୟକ୍ତିତ୍ୱଠାରୁ ଆରମ୍ଭ କରି ଭାଗ୍ୟ ଓ ଭବିଷ୍ୟତ ଦିଗକୁ ଇଙ୍ଗିତ କରେ। ଶାସ୍ତ୍ର ଅନୁସାରେ, କିଛି ଚିହ୍ନ ସବୁବେଳେ ପାଇଁ ରହିଥିବା ବେଳେ ଆଉ କିଛି ସମୟ ସହିତ ପରିବର୍ତ୍ତନ ହୋଇଥାଏ।**



ସାମୁଦ୍ରିକ ଶାସ୍ତ୍ର ଅନୁସାରେ ପାଦରେ ତ୍ରିଭୁଜ ଚିହ୍ନ ରହିବାକୁ ଶୁଭ ବୋଲି କୁହାଯାଏ। ସେହିପରି ତାରା ଚିହ୍ନ ଥିଲେ ଏହା ମିଶ୍ରିତ ଫଳ ପ୍ରଦାନ କରେ। ଏଭଳି ଚିହ୍ନ ଜୀବନରେ ଅଚାନକ ସଫଳତା ମିଳିବାକୁ ଇଙ୍ଗିତ କରେ। କିଛି ଚିହ୍ନ ଏଭଳି ଅଛି, ଯାହାକୁ ଖୁବ୍ ଦୁର୍ଲଭ ବୋଲି କୁହାଯାଏ। ସେହିପରି ଅନେକ ଲୋକଙ୍କଠାରେ ଏହି ଦୁର୍ଲଭ ଶୁଭ ଚିହ୍ନ ଦେଖିବାକୁ ମିଳେ। ଯେଉଁମାନଙ୍କ ଶରୀରରେ ଶଙ୍ଖ, ତ୍ରିଶୂଳ, ମତ୍ସ୍ୟ, ପଦ୍ମ ଚିହ୍ନ ଥାଏ, ସେମାନେ ଖୁବ୍ ଭାଗ୍ୟବାନ ବୋଲି କୁହାଯାଇଛି। ଏଥିରୁ କୌଣସି ଚିହ୍ନ ହାତ ଓ ପାଦରେ ଥିଲେ ଏଭଳି ଲୋକଙ୍କୁ ଜୀବନରେ ସଫଳତା ମିଳୁଥିବା କୁହାଯାଏ। ପଦ୍ମ ଏବଂ ଚକ୍ର ଚିହ୍ନ ବ୍ୟକ୍ତିଙ୍କୁ ଜୀବନରେ ଉପରୁ ନିଏ। ଏହି ଚିହ୍ନ ଦ୍ୱୟ ସମୃଦ୍ଧିର ସଙ୍କେତ।

# ଲକ୍ଷ୍ମୀ ନାରାୟଣ ଯୋଗ
# ୪ ରାଶି ପାଇଁ ଶୁଭ

**ମେ ମାସ ଶେଷରେ ଏକ ବିଶେଷ ଯୋଗ ସୃଷ୍ଟି ହେବ। ଏହାକୁ ଲକ୍ଷ୍ମୀ ନାରାୟଣ ଯୋଗ ବୋଲି କୁହାଯିବ। ଶୁକ୍ର ଓ ବୁଧ ଗୋଟିଏ ରାଶିରେ ମିଶିଲେ ଏହି ଯୋଗ ସୃଷ୍ଟି ହୁଏ। ମେ ୧୪ରେ ଶୁକ୍ର ମିଥୁନ ରାଶିରେ ପ୍ରବେଶ କରିବେ ଏବଂ ମେ ୨୯ରେ ବୁଧରେ ପ୍ରବେଶ କରିବେ। ଏହି ଯୋଗ କିଛି ରାଶି ଲାଗି ଆର୍ଥିକ ଉନ୍ନତି, କ୍ୟାରିୟରରେ ଉନ୍ନତି ଏବଂ ଭାଗ୍ୟ ଉଦୟ ଦିଗରେ ସାହାଯ୍ୟ କରିବ।**

**ମିଥୁନ:** ଚାକିରି ଓ କ୍ୟାରିୟରେ ଭଲ ଉନ୍ନତି ଘଟିବ। ନୂଆ ଦାୟିତ୍ୱ ମିଳିବା ସହ ପଦୋନ୍ନତିର ଆଶଙ୍କା ଅଛି। ବ୍ୟବସାୟୀଙ୍କୁ ଲାଭ ମିଳିବ। ଆର୍ଥିକ ସ୍ଥିତି ମଜଭୁତ ହେବ।

**କନ୍ୟା:** ଅନେକ ଅଟକି ରହିଥିବା କାମ ପୂରା ହେବ। ଚାକିରିରେ ଉନ୍ନତି ହେବ। ଋଣ ବୋଝ କମିବ। ପ୍ରତ୍ୟେକ କାମରେ ସଫଳତା ମିଳିବାର ଆଶଙ୍କା ଅଛି।

**ତୁଳା:** ଏହି ଯୋଗ ଯୋଗୁଁ ତୁଳା ରାଶିଙ୍କର ଧନଲାଭ ହେବ। କୌଣସି ନୂଆ ଚୁକ୍ତି କରିବେ। ନିବେଶରୁ ଲାଭ ମିଳିବ। ଆୟର ନୂତନ ମାର୍ଗ ଉନ୍ମୁକ୍ତ ହେବ।



**ଧନୁ:** ଏହି ଯୋଗ ଦ୍ୱାରା ଧନୁ ରାଶିଙ୍କ ଭାଗ୍ୟ ଉଦୟ ହେବ। ନୂଆ ଚାକିରିର ଅବସର ମିଳିବ। ପାର୍ଟନରସିପ୍‌ରେ କରାଯାଇଥିବା କାମରେ ଲାଭ ମିଳିବ। କୌଣସି ମାମଲା ତଥା ବିବାଦ ଚାଲିଥିଲେ, ସେଥିରେ ସଫଳତା ମିଳିବ। ବିଦେଶ ଯିବାର ଯୋଗ ଅଛି।

## ବରୁଣ ଚକ୍ରବର୍ତ୍ତୀ, ସୁନିଲ ନାରାୟଣଙ୍କ ଯାଦୁକରୀ ବୋଲିଂ

# ହାଇଦରାବାଦ୍‌କୁ ହରାଇ କୋଲକାତାର ତୃତୀୟ ବିଜୟ

ହାଇଦରାବାଦ୍,୩।୫(ଏଜେନ୍ସି)

ଦୁଇ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ସୁନିଲ ନାରାୟଣଙ୍କ ଯାଦୁକରି ବୋଲିଂ ସହିତ ଯୁବ ଖେଳାଳି ଅଙ୍ଗକ୍ରିସ୍ ରଘୁବଂଶୀଙ୍କ ଅର୍ଦ୍ଧଶତକ ସହାୟତାରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ୭ ୱିକେଟରେ ପରାସ୍ତ କରି କୋଲକାତା ନାଇଟ୍ ରାଇଡର୍ସ ଆଇପିଏଲ୍-୨୦୨୬ରେ ମାତ୍ର ତୃତୀୟ ବିଜୟ ହାସଲ କରିଛି। ଏହି ବିଜୟ ସତ୍ତ୍ୱେ ଦଳ ୯ମ ମୁକାବିଲାରୁ ୭ ପଏଣ୍ଟ ପାଇ ପଏଣ୍ଟ ଟେବଲର ୮ମ ସ୍ଥାନ ପୂର୍ବପରି ବଜାୟ ରଖିଛି। ଅନ୍ୟପକ୍ଷରେ ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ହାଇଦରାବାଦ୍ ୧୦ମ ମୁକାବିଲାରୁ ୪ର୍ଥ ପରାଜୟ ପରେ ୧୨ ପଏଣ୍ଟ ପାଇ ପୂର୍ବପରି ତୃତୀୟ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ୩୬ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା କୋଲକାତାର ବରୁଣ ଚକ୍ରବର୍ତ୍ତୀଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପ୍ରଥମ ୯ ଓଭରରେ ହାଇଦରାବାଦ୍ ୧ୱିକେଟ ହରାଇ ୧୦୫ ରନ୍ କରିଥିଲା। ଏହା ପରେ ଉତ୍ପଲ ଷ୍ଟାଡିୟମ୍ ପିଚ୍‌ରୁ ସ୍ପିନରମାନେ ଫାଇଦା ଉଠାଇବା ଫଳରେ ହାଇଦରାବାଦ୍ ତାହାର ଶେଷ ୯ଟି ୱିକେଟ ମାତ୍ର ୬୦ ରନ୍ ମଧ୍ୟରେ ହରାଇଥିଲା। ଫଳରେ ଦଳ ୧୯ ଓଭରରେ ୧୬୫ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟ୍ରାଭିସ୍ ହେଡ୍ ୨୮ ବଲ୍ ଖେଳି ୯ଚୌକା ଓ ୩ଛକା ସହ ସର୍ବାଧିକ ୬୧, ଇଶାନ କିଶାନ ୪୨, ଅଭିଷେକ ଶର୍ମା ୧୫, ହେନ୍‌ରିକ୍ କ୍ଲାସେନ ୧୧ ଓ ପ୍ୟାଟ କମିନ୍ସ ୧୦ ରନ୍ କରି ଦୁଇଅଙ୍କରେ ପହଞ୍ଚିଥିଲେ। କୋଲକାତାର ବରୁଣ ଓ ସୁନିଲ ମିଳିତ ଭାବେ ୬୬ ରନ୍ ଦେଇ ୫ ୱିକେଟ ନେଇଥିଲେ। କାର୍ତ୍ତିକ ତ୍ୟାଗୀଙ୍କୁ ୨ଟି ୱିକେଟ ମିଳିଥିଲା।



ଜବାବରେ ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି କୋଲକାତା ୧୮.୨ ଓଭରରେ ମାତ୍ର ୩ୱିକେଟ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରଘୁବଂଶୀ ଓ ଆଜିଙ୍କ୍ୟ ରାହାଣେ ଦ୍ୱିତୀୟ ୱିକେଟରୁ ୬୬ବଲ୍‌ରେ ୮୪ ରନ୍ ଉଠାଇ ଦଳକୁ ବିଜୟର ନିକଟତର କରାଇଥିଲେ। ରଘୁବଂଶୀ ୪୭ବଲ୍‌ରୁ ୫ଚୌକା ଓ ୨ଛକା ସହ ୫୯ରନ୍ କରି ଫର୍ମକୁ ଫେରିଥିଲେ। ରାହାଣେ ମଧ୍ୟ ୩୬ବଲ୍‌ରୁ ୪୩ରନ୍ କରି ଉପଯୁକ୍ତ ସହାୟତା ଯୋଗାଇଥିଲେ। ଏମାନଙ୍କ ପୂର୍ବରୁ ଫିନ୍ ଆଲେନ୍ ମାତ୍ର ୧୩ବଲ୍‌ରେ ୩ଚୌକା ଓ ୨ଛକା ସହ ୨୯ରନ୍ କରି ଧୂଆଁଧାର ଆରମ୍ଭ କରିଥିଲେ। ଶେଷ ଭାଗରେ ରିଙ୍କୁ ସିଂ ୧୧ ବଲ୍‌ରୁ ୨ଚୌକା ଓ ୧ଛକା ସହ ଅପରାଜିତ ୨୨ ରନ୍ କରି ଦଳକୁ ବିଜୟୀ କରାଇଥିଲେ। ପ୍ୟାଟ କମିନ୍ସ, ଶିବାଙ୍ଗ କୁମାର ଓ ସାକିବ୍ ହୁସେନଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ସନ୍‌ରାଇଜର୍ସ ହାଇଦରାବାଦ୍**: ୧୬୫/୧୦, ୧୯ ଓଭର (ହେଡ୍-୬୧, ଇଶାନ କିଶାନ-୪୨, ବରୁଣ-୩/୩୬, କାର୍ତ୍ତିକ-୨/୩୦, ନାରାୟଣ-୨/୩୧)।

**କୋଲକାତା ନାଇଟ୍ ରାଇଡର୍ସ**:୧୬୯/୩, ୧୮.୨ ଓଭର (ରଘୁବଂଶୀ-୫୯, ରାହାଣେ-୪୩, ଆଲେନ୍-୨୯, ରିଙ୍କୁ ସିଂ-୨୨*)।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧ | ୧୩ | +୦.୮୫୫ |
| ବେଙ୍ଗାଲୁରୁ | ୯ | ୬ | ୩ | ୦ | ୧୨ | +୧.୪୨୦ |
| ହାଇଦରାବାଦ | ୧୦ | ୬ | ୪ | ୦ | ୧୨ | +୦.୬୪୪ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନଇ | ୯ | ୪ | ୫ | ୦ | ୮ | +୦.୦୦୫ |
| ଦିଲ୍ଲୀ | ୯ | ୪ | ୫ | ୦ | ୮ | -୦.୮୯୫ |
| କୋଲକାତା | ୯ | ୩ | ୫ | ୧ | ୭ | -୦.୫୩୯ |
| ମୁମ୍ବଇ | ୯ | ୨ | ୭ | ୦ | ୪ | -୦.୮୦୩ |
| ଲକ୍ଷ୍ନୌ | ୮ | ୨ | ୬ | ୦ | ୪ | -୧.୧୦୬ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

# ୧୫,୬୬୦ କୋଟି ଟଙ୍କାରେ ବିକ୍ରି ହେଲା ରାଜସ୍ଥାନ ରୟାଲ୍ସ

ଜୟପୁର,୩।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ପ୍ରଥମ ଚାମ୍ପିଅନ ଟିମ୍ ରାଜସ୍ଥାନ ରୟାଲ୍ସର ମାଲିକାନା ପରିବର୍ତ୍ତିତ ହୋଇଛି। ଏହି ଫ୍ରାଞ୍ଚାଇଜ୍‌ର ବିଶ୍ୱରେ ଥିବା ସମସ୍ତ ଟିମ୍‌କୁ ମିତ୍ତଲ ପରିବାର, ଆଦର ପୁନାୱାଲା, ମନୋଜ ବାଦ୍‌ଲେ ଓ କନସୋର୍ଟିୟମ ୧୫,୬୬୦ କୋଟି ଟଙ୍କାରେ ମାଲିକାନା ହାସଲ କରିଛନ୍ତି। ଲକ୍ଷ୍ମୀ ମିତ୍ତଲ ଓ ତାଙ୍କ ପୁଅ ଆଦିତ୍ୟ ମିତ୍ତଲ ଏ ସମ୍ପର୍କରେ ଘୋଷଣା କରିବା ସହ ରାଜସ୍ଥାନ ରୟାଲ୍ସ ଟିମ୍ ଗୁଡ଼ିକୁ କିଣିବା ସକାଶେ ଆମେ ଏକ ରାଜିନାମାରେ ଉପନୀତ ହୋଇଛୁ ବୋଲି ସୂଚନା ଦେଇଛନ୍ତି। ଆଦର ପୁନାୱାଲା ଓ ମନୋଜ ବାଦ୍‌ଲେ କନ୍‌ସୋର୍ଟିୟମ୍ ଏଥିରେ ଭାଗୀଦାରି ରହିଛନ୍ତି। ମିତ୍ତଲ ପରିବାର ନିକଟରେ ୭୫ ଭାଗ ଅଂଶଧନ ରହିଥିଲାବେଳେ ଅରବପତି ପୁନାୱାଲଙ୍କ ନିକଟରେ ୧୮ ଶତକଡ଼ା ଓ ଅବଶିଷ୍ଟ ମନୋଜ ବାଦ୍‌ଲେ କନ୍‌ସୋର୍ଟିୟମ ନିକଟରେ ରହିଛି। ମିତ୍ତଲ ପରିବାର ବିଶ୍ୱରେ ଏକ ବିଶାଳ ଷ୍ଟିଲ ନିର୍ମାତା କମ୍ପାନୀଭାବେ ପ୍ରତିଷ୍ଠା ଲାଭ କରିଥିଲାବେଳେ ସେରମ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆର ସିଇଓ ଭାବେ ପୁନାୱାଲା କରୋନା ଟୀକା କୋଭିଶିଲ୍ଡ ଉଦ୍ଭାବନ କରିଥିଲେ। ଏହି ୩ ମାଲିକ ୧୫,୬୬୦ କୋଟି ଟଙ୍କା ବିନିମୟରେ ରାଜସ୍ଥାନ ରୟାଲ୍ସ, ପାର୍ଲ ରୟାଲ୍ସ ଓ ବାରବାଡୋସ ରୟାଲ୍ସର ପୁରୁଷ ଦଳର ମାଲିକାନା ହାସଲ କରିଛନ୍ତି। ବିସିସିଆଇ, ସିସିଆଇ ଓ ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଓ ଅନ୍ୟ ଆପ୍ଲିକେବଲ ରେଗୁଲେଟୋରୀ ଅଥରିଟି (ପ୍ରଯୁଜ୍ୟ ନିୟାମକ କର୍ତ୍ତୃପକ୍ଷ)ଙ୍କ ଅନୁମୋଦନକ୍ରମେ ଏହି ରାଜିନାମା ସମ୍ଭବ ହୋଇଛି। ଚଳିତବର୍ଷ ଆଇପିଏଲ୍‌ର ଦ୍ୱିତୀୟ ଫ୍ରାଞ୍ଚାଇଜ୍‌ଭାବେ ମାଲିକାନା ପରିବର୍ତ୍ତିତ ହୋଇଛି। ରାଜସ୍ଥାନ ରୟାଲ୍ସ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୬,୬୬୦ କୋଟି ଟଙ୍କାରେ ବିକ୍ରି ହୋଇଥିଲା।

## ଆଇପିଏଲ୍‌ରେ ୨୦୦ ୱିକେଟ — ନାରାୟଣ ତୃତୀୟ ବୋଲର

ହାଇଦରାବାଦ୍,୩।୫(ଏଜେନ୍ସି): କୋଲକାତା ନାଇଟ୍ ରାଇଡର୍ସର ସ୍ପିନର ସୁନିଲ ନାରାୟଣ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ୨୦୦ ୱିକେଟ ନେବାରେ ସଫଳ ହୋଇଛନ୍ତି। ସନ୍‌ରାଇଜର୍ସ ହାଇଦରାବାଦ୍ ବିପକ୍ଷରେ ଆଜି ସେ ୧୯୭ତମ ମ୍ୟାଚ ଖେଳି ଆଇପିଏଲ୍‌ର ୨୦୦ ୱିକେଟ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏହି କ୍ଲବ୍‌ରେ ସାମିଲ ହେବାରେ ସେ ହେଉଛନ୍ତି ବିଶ୍ୱରେ ତୃତୀୟ ଏବଂ ଭାରତୀୟଙ୍କ ବ୍ୟତୀତ ପ୍ରଥମ ବିଦେଶୀ ବୋଲର। ତାଙ୍କ ପୂର୍ବରୁ ଯୁଜବେନ୍ଦ୍ର ଚହଲ ଓ ଭୁବନେଶ୍ୱର କୁମାର ଏହି କ୍ଲବ୍‌ରେ ରହିଛନ୍ତି। ୪ଟି ଫ୍ରାଞ୍ଚାଇଜ୍‌ରୁ ଖେଳିଥିବା ଚହଲ ୧୮୨ଟି ମ୍ୟାଚ୍‌ରୁ ୨୨୮ ଟି ଓ ଭୁବନେଶ୍ୱର ୧୯୯ଟି ମ୍ୟାଚ୍‌ରୁ ୨୧୫ଟି ୱିକେଟ ଅକ୍ତିଆର କରିଛନ୍ତି। ଖେଳ ଅବ୍ୟାହତ ରଖିଥିବା ବୋଲରଙ୍କ ମଧ୍ୟରେ ଯଶପ୍ରୀତ୍ ବୁମ୍‌ରା ୧୫୪ ମ୍ୟାଚ୍‌ରୁ ୧୮୨ଟି ଓ ରବୀନ୍ଦ୍ର ଜାଡେଜା ୨୬୪ଟି ମ୍ୟାଚ୍‌ରୁ ୧୭୭ଟି ୱିକେଟ ନେଇ ସର୍ବକାଳୀନ ସର୍ବାଧିକ ୱିକେଟ ନେବା ତାଲିକାରେ ଯଥାକ୍ରମେ ୬ଷ୍ଠ ଓ ୮ମ ସ୍ଥାନରେ ରହିଛନ୍ତି।

# ପଞ୍ଜାବ ବିପକ୍ଷରେ ଗୁଜରାଟର ଉତ୍କଣ୍ଠାପୂର୍ଣ୍ଣ ବିଜୟ


ଜେସନ ହୋଲ୍ଡର

ଅହମ୍ମଦାବାଦ, ୩।୫ (ଏଜେନ୍ସି): ଜେସନ ହୋଲ୍ଡର (୪/୨୪)ଙ୍କ ଘାତକ ବୋଲିଂ ଏବଂ ସାଇ ସୁଦର୍ଶନ (୪୧ବଲ୍‌ରେ ୫୭ରନ୍)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଖେଳାଯାଇଥିବା ଆଇପିଏଲ୍‌ର ୪୬ତମ ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ୪ ୱିକେଟରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରିଛି। କିନ୍ତୁ ପଏଣ୍ଟ ତାଲିକାରେ ପଞ୍ଜାବ ପ୍ରଥମ ଓ ଗୁଜରାଟ ୫ମ ସ୍ଥାନ ବଜାୟ ରଖିଛି। ଏହି ମ୍ୟାଚ୍‌ରେ ପଞ୍ଜାବ ପ୍ରଦତ୍ତ ୧୬୪ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଆରମ୍ଭରୁ ୱିକେଟ ହରାଇଥିଲା। କିନ୍ତୁ ସାଇ ସୁଦର୍ଶଙ୍କ ୫୭, ୱାଶିଂଟନ ସୁନ୍ଦରଙ୍କ ୨୩ବଲ୍‌ରୁ ଅପରାଜିତ ୪୦, ଜୋସ ବଟ୍ଲରଙ୍କ ୨୬ ଓ ଆବଶ୍ୟକ ବେଳେ ଅର୍ଶାଦ୍ ଖାନ୍‌ଙ୍କ ଅପରାଜିତ ୮ ରନ୍ ସହାୟତାରେ ଗୁଜରାଟ ଉତ୍କଣ୍ଠାପୂର୍ଣ୍ଣ ସ୍ଥିତିରେ ଗୋଟିଏ ବଲ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍‌ସ ୯ ୱିକେଟରେ ୧୬୩ରନ୍ କରିଥିଲା। ଦଳ ୪୭ରନ୍‌ରେ ପ୍ରଥମ ୫ଜଣ ବ୍ୟାଟରଙ୍କୁ ହରାଇବା ପରେ ସୂର୍ଯ୍ୟାଂଶ ଶେଦ୍‌ଜେ ୨୯ ବଲ୍‌ରେ ୫୭ ଓ ମାର୍କସ ଷ୍ଟୋଇନିସ୍ ୩୧ବଲ୍‌ରେ ୪୦ରନ୍ କରିବା ଫଳରେ ଦଳ ଏକ ସମ୍ମାନଜନକ ସ୍କୋର କରିଥିଲା। ମହମ୍ମଦ୍ ସିରାଜ୍ ଓ କାଗିସୋ ରାବାଡା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ।



**ଆଜିର ଆଇପିଏଲ୍ ମ୍ୟାଚ୍**
ମୁମ୍ବଇ ବନାମ ଲକ୍ଷ୍ନୌ
ଭେନ୍ୟୁ-ମୁମ୍ବଇ
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ମାର୍ଟା ଜିତିଲେ ମାଦ୍ରିଦ୍ ଓପନ୍



ମାଦ୍ରିଦ, ୩।୫ (ଏଜେନ୍ସି): ୟୁକ୍ରେନର ମାର୍ଟା କୋସ୍ତୁକ ଏଠାରେ ଚାଲିଥିବା ମାଦ୍ରିଦ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସରେ ଚାମ୍ପିଅନ ହୋଇଛନ୍ତି। ଫାଇନାଲରେ ମାର୍ଟା ୬-୩, ୭-୫ ସିଧାସଳଖ ସେଟ୍‌ରେ ବିଶ୍ୱର ୮ ନମ୍ବର ମାନ୍ୟତା ଖେଳାଳି ରୁଷିଆର ମିରା ଆନ୍ଦ୍ରିଭାଙ୍କୁ ପରାସ୍ତ କରିଥିଲେ। ଏଥିସହ ୨୩ ବର୍ଷୀୟା ମାର୍ଟା କ୍ୟାରିୟରର ପ୍ରଥମ ଡବ୍ଲ୍ୟୁଟିଏ-୧୦୦୦ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ର୍‍ୟାଙ୍କିଙ୍ଗରେ ଟପ୍-୨୦ ବାହାରେ ଥାଇ ମାଦ୍ରିଦ ଓପନ୍ ଜିତିବାରେ ମାର୍ଟା ବିଶ୍ୱର ଦ୍ୱିତୀୟ ଖେଳାଳି ହୋଇଛନ୍ତି। ଅପରପକ୍ଷରେ ମାଦ୍ରିଦ ଓପନ୍‌ର ପୁରୁଷ ସିଙ୍ଗଲ୍ସ ଫାଇନାଲ ଦୁଇ ଶୀର୍ଷ ମାନ୍ୟତା ଖେଳାଳି ଜାନିକ ସିନ୍ନର ଓ ଆଲେକଜାଣ୍ଡର ଜ୍ୱେରେଭଙ୍କ ମଧ୍ୟରେ ଖେଳାଯିବ।

# ଥୋମାସ୍ କପ୍‌ରେ ଭାରତକୁ କାଂସ୍ୟ

କୋପେନହେଗେନ, ୩।୫ (ଏଜେନ୍ସି): ଡେନମାର୍କରେ ଚାଲିଥିବା ସମ୍ମାନଜନକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଥୋମାସ କପ୍‌ରେ ଭାରତୀୟ ପୁରୁଷ ଦଳ କାଂସ୍ୟ ପଦକ ହାସଲ କରିଛି। ଗତକାଲି ରାତିରେ ଅନୁଷ୍ଠିତ ସେମିଫାଇନାଲ ମୁକାବିଲାରେ ଫ୍ରାନ୍ସ ୩-୦ରେ ଏକପାଖିଆ ଭାବେ ଭାରତକୁ ପରାସ୍ତ କରି ଟାଇଟଲ୍ ଲଢ଼େଇକୁ ଉତ୍ତୀର୍ଣ୍ଣ ହୋଇଛି। ସିଙ୍ଗଲ୍ସର ୩ଟି ଯାକ ମୁକାବିଲାରେ ଭାରତର ଆୟୁଷ ସେଟ୍ଟୀ, କିଦାମ୍ବୀ ଶ୍ରୀକାନ୍ତ ଓ ଏଚଏସ୍ ପ୍ରଣୟ ଫ୍ରାନ୍ସ ପ୍ରତିପକ୍ଷଙ୍କ ନିକଟରୁ ହାରିଯାଇଥିଲେ। ଫଳରେ ଡବଲ୍ସ ଲଢ଼େଇର ଆଉ ଆବଶ୍ୟକତା ପଡ଼ି ନ ଥିଲା। ସେମିଫାଇନାଲରେ ପରାଜୟ ସହ ନିୟମ ଅନୁଯାୟୀ ଭାରତକୁ କାଂସ୍ୟ ପଦକ ମିଳିଛି। ଫଳରେ ଥୋମାସ କପ୍ ଇତିହାସରେ ଭାରତ ୫ମ ପଦକ ବିଜୟୀ ହୋଇଛି।

# ଭାରତୀୟ ମିକ୍ସଡ ରିଲେ ଦଳର ନୂଆ ଜାତୀୟ ରେକର୍ଡ

ନୂଆଦିଲ୍ଲୀ, ୩।୫ (ଏଜେନ୍ସି): ଆଫ୍ରିକୀୟ ରାଷ୍ଟ୍ର ବୋତ୍ସ୍ୱାନାରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ ରିଲେ୍ସରେ ଭାରତୀୟ ଦଳ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛି। ୪ ଗୁଣା ୧୦୦ ମିଟର ମିକ୍ସଡ ରିଲେ ରେସକୁ ଭାରତ ୪୧.୩୫ ସେକେଣ୍ଡରେ ଫିନିଶ କରିଥିଲା। ଓଡ଼ିଶାର ଅନିମେଶ କୁଜୁର, ରଗୁଲ କୁମାର, ନିତ୍ୟା ଗାଣ୍ଡେ ଓ ଏସଏସ୍ ସ୍ନେହାଙ୍କୁ ନେଇ ଗଠିତ ଭାରତୀୟ ଦଳ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ଫାଇନାଲକୁ ଉଠିବାରେ ବିଫଳ ହୋଇଥିଲେ। ପୂର୍ବରୁ ୪ ଗୁଣା ୧୦୦ ମିଟର ମିକ୍ସଡ ରିଲେ ଇଭେଣ୍ଟରେ ଜାତୀୟ ରେକର୍ଡ ୪୨.୩୦ ସେକେଣ୍ଡ ରହିଥିଲା। ଗତ ମାର୍ଚ୍ଚରେ ଓପନ୍ ରିଲେ ଟୁର୍ଣ୍ଣାମେଣ୍ଟରେ ଲାଲୁ ପ୍ରସାଦ ଭୋଇ, ଉନ୍ନତି ଆୟାପ୍ପା, ହରିତା ଭଦ୍ରା ଓ ଦଣ୍ଡପତି ଜୟରାମଙ୍କୁ ନେଇ ଗଠିତ ଭାରତୀୟ ଦଳ ଏହି ଟାଇମିଂ ହାସଲ କରିଥିଲା।

## ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଉଦ୍‌ଯାପିତ

# ଓଡ଼ିଶାର ତନୁଙ୍କୁ ସ୍ୱର୍ଣ୍ଣ, ପ୍ରିୟାଂଶୀଙ୍କୁ କାଂସ୍ୟ



ଭୁବନେଶ୍ୱର,୩।୫(ସମିସ): ଓଡ଼ିଶାର ତନୁ ବରିଷ୍ଠ ମହିଳା ଅନ୍‌ଇଭିନ୍ ବାରରେ ସ୍ୱର୍ଣ୍ଣ ଓ ପ୍ରିୟାଂଶୀ ବଂଶଲ ବାଲାନ୍ସ ବିମ୍‌ରେ କାଂସ୍ୟ ବିଜୟ ସହ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବରୁ ଏହି ପ୍ରତିଯୋଗିତାରେ ତପନ ମହାନ୍ତି ବରିଷ୍ଠ ପୁରୁଷ ଅଲରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଅଧାଡଜନରେ ଅଧିକ ପଦକ ଆଶା କରୁଥିବା ଓଡ଼ିଶା ଜିମ୍ନାଷ୍ଟିକ୍ ସଂଘ ମାତ୍ର ୩ଟି ପଦକରେ ସନ୍ତୁଷ୍ଟ ହୋଇଛି। କିନ୍ତୁ ଏଠାରେ ଥିବା ଆନୁଷଙ୍ଗିକ ସୁବିଧା ସୁଯୋଗକୁ ଭୂୟସୀ ପ୍ରଶଂସା କରାଯାଇଛି। ଉଚ୍ଚସ୍ତରର ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଆୟୋଜନରେ ଓଡ଼ିଶା ଦେଶରେ ନଂ-୧ ବୋଲି ଏହାପରେ ପ୍ରମାଣିତ ହୋଇଛି। ପ୍ରତିଯୋଗିତା ଶେଷରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ଅନ୍ତର୍ଜାତୀୟ ଜିମ୍ନାଷ୍ଟ ଦୀପା କର୍ମକାର, ତାଙ୍କ କୋଚ୍ ବିଶେଶ୍ୱରୀ ନନ୍ଦି, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଯେଦୁଲା ବିଜୟ ଓ ଓଡ଼ିଶା ଜିମ୍ନାଷ୍ଟିକ୍ ସଂଘ ସମ୍ପାଦକ ଅଶୋକ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

## ରାଜ୍ୟ ୯ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

# ଓପନରେ ପ୍ରଜ୍ଞାନ, ବାଳିକାରେ ସ୍ନେହସ୍ମିତାଙ୍କୁ ଟାଇଟଲ



ଖୋର୍ଦ୍ଧା,୩।୫(ସମିସ): ଖୋର୍ଦ୍ଧାର ଦୁଇ ଖେଳାଳି ପ୍ରଜ୍ଞାନ ମିଶ୍ର ଓପନ (ବାଳକ ଓ ବାଳିକା)ରେ ଓ ସ୍ନେହସ୍ମିତା ରାମ ବାଳିକା ବିଭାଗରେ ରାଜ୍ୟ ୯ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓପନ ବିଭାଗରେ ଖୋର୍ଦ୍ଧାର ପ୍ରତ୍ୟୁଷ କୁମାର ଓ ସୁନ୍ଦରଗଡ଼ର ରିୟାଂଶ ଅଗରୱାଲ ଯଥାକ୍ରମେ ରନର୍ସଅପ୍ ଓ ତୃତୀୟସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବିଭାଗରେ ଖୋର୍ଦ୍ଧାର ଦେବାଂଶୀ ସାହୁ ରନର୍ସଅପ୍ ଓ ଏଲିନା ମିଶ୍ର ତୃତୀୟସ୍ଥାନରେ ରହିଥିଲେ। ମାଷ୍ଟର ଚେସ ଫାଉଣ୍ଡେସନ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ସହଯୋଗରେ ଖୋର୍ଦ୍ଧାସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ଖେଳ ଶେଷରେ ଅଲଓଡ଼ିଶା ଚେସ୍ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଷ୍ଟର୍ସ ଚେସ ଫାଉଣ୍ଡେସନ ପ୍ରତିଷ୍ଠାତା ବିକ୍ରମକେଶରୀ ବିଶ୍ୱାଳ, ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ନିର୍ଦ୍ଦେଶକ ଜ୍ୟୋତିଶଙ୍କର ନନ୍ଦ, ଯୋଗବିତ୍ ନିଖିଳ କୁମାର ଦଳେଇ, ଚେସ୍‌ଷ୍ଟ୍ରଫ୍ ଏକାଡେମୀ ନିର୍ଦ୍ଦେଶକ ସ୍ୱୟଂଶୁ ସତ୍ୟକାମ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଇଣ୍ଡିଆନ୍ ଇନଡୋର ଓପନ୍ ଚାମ୍ପିଅନସିପ୍

# ବାରାନିକାଙ୍କ ରେକର୍ଡ; ପୂର୍ଣ୍ଣିମାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୩।୫ (ସମିସ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଦ୍ୱି-ଦିବସୀୟ ଇଣ୍ଡିଆନ ଇନଡୋର ଓପନ୍ କମ୍ବାଇନଡ୍ ଇଭେଣ୍ଟ ଓ ପୋଲ୍ ଭଲ୍ଟ ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିନରେ ମଧ୍ୟ ପୋଲ୍ ଭଲ୍ଟରେ ଆଉ ଏକ ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି। ମହିଳା ପୋଲ୍ ଭଲ୍ଟରେ ତାମିଲନାଡୁର ବାରାନିକା ଏଲାଙ୍ଗୋଭାନ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି। ସେ ୪.୨୨ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ପାଇବା ସହ ନୂଆ କୀର୍ତ୍ତିମାନ କରିଛନ୍ତି। ପୂର୍ବରୁ ମହିଳା ପୋଲ୍ ଭଲ୍ଟରେ ଜାତୀୟ ରେକର୍ଡ ମଧ୍ୟ ବାରାନିକାଙ୍କ ନାମରେ ରହିଥିଲା। ଗତ ଏପ୍ରିଲରେ ସେ ସମାନ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଇନଡୋର ନ୍ୟାସନାଲରେ ୪.୨୨ ମିଟର ଉଚ୍ଚକୁ ଡେଇଁଥିଲେ। ଗତକାଲି ଏଠାରେ ପ୍ରଥମ ଦିବସରେ ମଧ୍ୟପ୍ରଦେଶର କୁଲଦୀପ କୁମାର ୫.୪୧ ମିଟର ଉଚ୍ଚକୁ ଡେଇଁ ପୁରୁଷ ପୋଲ୍ ଭଲ୍ଟରେ ଜାତୀୟ ରେକର୍ଡ କରିଥିଲେ। ଅପରପକ୍ଷରେ ରବିବାର ଓଡ଼ିଶାର ଦୁଇ ଆଥ୍ଲେଟ୍ ପଦକ ସଫଳତା ପାଇଛନ୍ତି। ମହିଳା ପେଣ୍ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ସେହିଭଳି ପୁରୁଷ ହେପ୍ଟାଥଲନରେ ଯଶବୀର ନାୟକ କାଂସ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।



ପୂର୍ଣ୍ଣିମା ହେମ୍ବ୍ରମ




## ନୀଳାଚଳ ଟ୍ରଫି ସର୍ବଭାରତୀୟ କ୍ରିକେଟ ଉଦ୍‌ଯାପିତ

# ୟୁନିଅନ୍‌କୁ ହରାଇ ପ୍ରଗତି ସ୍ପୋର୍ଟିଂ ଚାମ୍ପିଅନ

ପୁରୀ,୩।୫(ସମିସ)



ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ଏକ ରୋମାଞ୍ଚକ ଫାଇନାଲ ମୁକାବିଲାରେ କଟକର ୟୁନିଅନ୍ ସ୍ପୋର୍ଟିଂକୁ ହରାଇ ୧୭ତମ ଜଗଦୀଶ ରାଉତରାୟ ସ୍ମାରକୀ ସର୍ବଭାରତୀୟ ନୀଳାଚଳ ଟ୍ରଫି କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ପୁରୀର ପାୟୋନିୟର କ୍ଲବ୍ ପକ୍ଷରୁ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ପ୍ରଗତି ସ୍ପୋର୍ଟିଂ ୩୦ ଓଭରରେ ୭ ୱିକେଟ ହରାଇ ୧୫୭ ରନ୍ କରିଥିଲା। ଜବାବରେ ୟୁନିଅନ୍ ସ୍ପୋର୍ଟିଂ ମଧ୍ୟ ୩୦ ଓଭର ଖେଳି ୯ ୱିକେଟରେ ୧୪୯ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ମୁକାବିଲାରେ ବିଜୟୀ ଦଳ ପକ୍ଷରୁ ରଘୁନାଥ ମଲ୍ଲୀ ୬୫ବଲ୍‌ରେ ୭୫ ରନ୍ କରିବା ସହ ୨୫ରନ୍‌ରେ ୩ଟି ୱିକେଟ ନେଇ ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିଲେ। ଦଳ ପକ୍ଷରୁ ମିଳନ ସାମଲ ୭ ରନ୍‌ରେ ୩ଟି ୱିକେଟ ନେଇ ଉପଯୁକ୍ତ ସହାୟତା ଦେଇଥିଲେ। ତାଙ୍କୁ ଶ୍ରେଷ୍ଠ ବୋଲର ସମ୍ମାନ ମିଳିଥିଲା। ପରାଜୟ ସତ୍ତ୍ୱେ ଫାଇନାଲ ମ୍ୟାଚ୍‌ରେ ଫେଲ ମାରିଥିବା ୟୁନିଅନ୍ ସ୍ପୋର୍ଟିଂର ଦେବୀପ୍ରସାଦ ମହାପାତ୍ରଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ଦିଆଯାଇଥିଲା। ପୁରସ୍କାର ବାବଦରେ ସମସ୍ତଙ୍କୁ ୫,୦୦୦ ଲେଖାଏଁ ଟଙ୍କା ପୁରସ୍କାର ଦିଆଯାଇଥିଲା। ଚାମ୍ପିଅନ ପ୍ରଗତି ସ୍ପୋର୍ଟିଂକୁ ନୀଳାଚଳ ଟ୍ରଫି ସହ ୧ ଲକ୍ଷ ଟଙ୍କା ଓ ରନର୍ସ ଅପ୍ ୟୁନିଅନ୍ ସ୍ପୋର୍ଟିଂକୁ ଟ୍ରଫି ସହ ୭୦,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଆୟୋଜିତ ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଶା କ୍ରିକେଟ ସଂଘ ସଭାପତି ପଙ୍କଜ ଲୋଚନ ମହାନ୍ତି, ସିଇଓ ସୁବ୍ରତ ବେହେରା, ଦେବଦତ୍ତ ମହାପାତ୍ର, ପୁରୀ ଜିଲ୍ଲା ଦୌଡକୁଦ ସଂଘ ସମ୍ପାଦକ ରବିଶଙ୍କର ପ୍ରତିହାରୀ, ପୁରୀ ୱଣ୍ଡର ୱାର୍ଲ୍ଡ ଏମ୍‌ଡି ନିରଞ୍ଜନ ପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳାଚଳ ଟ୍ରଫି ଆୟୋଜନ କମିଟି ସଭାପତି ମାଧବଚନ୍ଦ୍ର ଖୁଣ୍ଟିଆ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଇଂ. ରାଜେଶ କୁମାର ମିଶ୍ର, ସମ୍ପାଦକ ହରେଶ କୁମାର ମିଶ୍ର ଓ ଆୟୋଜକ ପାୟୋନିୟର କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚ୍‌କୁ ସମ୍ବିତ ପଟ୍ଟନାୟକ, ଚନ୍ଦ୍ରମୋହନ ବରାଳ ଓ ଦେବବ୍ରତ ଦାଶ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS